Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 208
Sunday, 04 October 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୦୪ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବିଶ୍ୱରେ ଚମକିବ ଓଡ଼ିଶା ପର୍ଯ୍ୟଟନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩/୧୦ (ଆ.ପ୍ର) : ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ଏକ ନୂତନ ପରିଚୟ ପ୍ରଦାନ କରିବା ଏବଂ ବ୍ୟାପକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବାର ମହତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଆଜି ରାଜଧାନୀ ଭୁବନେଶ୍ୱରଠାରେ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବୃହତ ପର୍ଯ୍ୟଟନ ମହାକୁମ୍ଭକୁ ଉଦଘାଟନ କରିଛନ୍ତି । ଦେଶବିଦେଶରୁ ଆସିଥିବା ନିବେଶକ, ହସ୍ପିଟାଲିଟି ବ୍ରାଣ୍ଡ ଏବଂ ଟୁରିଜିମ୍ ପାର୍ଟନରମାନେ ଓଡ଼ିଶାର ଅସୀମ ସମ୍ଭାବନାକୁ ଉପଯୋଗ କରି ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଓ ସ୍ୱର୍ଗ ଭାବେ ଗଢ଼ିତୋଳିବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଦ୍ରୁତ ବିକାଶ ପାଇଁ ସରକାର 'ଅତ୍ୟାଧୁନିକ ନୀତି ଅନୁଯାୟୀ ଷ୍ଟାର୍ ହୋଟେଲଗୁଡ଼ିକ ପାଇଁ କୋଠରୀ ସଂଖ୍ୟା ସର୍ବନିମ୍ନ ୫୦ରୁ ହ୍ରାସ କରାଯାଇ ୧୦ କରାଯାଇଥିବାବେଳେ ପୁଞ୍ଜି ସବ୍‌ସିଡି ସୀମାକୁ ୨୦ କୋଟିରୁ ବୃଦ୍ଧି କରାଯାଇ ସର୍ବାଧିକ ୧୨୦ କୋଟି ଟଙ୍କା ପର୍ଯ୍ୟନ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଗୁଣାତ୍ମକ ମୌଳିକ ଢାଞ୍ଚା ନିର୍ମାଣ ନିମନ୍ତେ ୨୦୨୬ ରୁ ୨୦୩୧ ମଧ୍ୟରେ ୧,୫୦୦ କୋଟି ଟଙ୍କାର ବଜେଟ୍ ଏବଂ ୫,୫୦୦ ଏକର ପରିମିତ ବିଶାଳ 'ଲ୍ୟାଣ୍ଡ ବ୍ୟାଙ୍କ'କୁ ମଞ୍ଜୁରୀ ଦିଆଯାଇଛି, ଯାହା ଦ୍ୱାରା ରାଜ୍ୟରେ ନୂତନ ହୋଟେଲ ଓ ରିସର୍ଟ ନିର୍ମାଣ ପାଇଁ ପଥ ସୁଗମ ହୋଇଛି । ଅତିଥିମାନଙ୍କ ସୁରକ୍ଷା ଓ ଅତିଥି ସତ୍କାରକୁ ସର୍ବାଧିକ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ କିଛି ଗୁରୁତ୍ୱପୂର୍ଣ୍ଣ ଓ ଯୁଗାନ୍ତକାରୀ ଘୋଷଣା କରିଛନ୍ତି । ରାଜ୍ୟର ୨୯ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ 'ଟୁରିଷ୍ଟ ପୋଲିସ' ବ୍ୟବସ୍ଥା ଆରମ୍ଭ କରାଯାଉଥିବାବେଳେ ସମୁଦ୍ରକୂଳ ଓ ଜଳକ୍ରୀଡ଼ା ସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ 'ଓସ୍ୱାଲି' ମାଧ୍ୟମରେ ଏକ ହଜାର ପ୍ରଶିକ୍ଷିତ ଜୀବନରକ୍ଷକ ବା ଲାଇଫ୍ ଗାର୍ଡ ନିଯୁକ୍ତ କରାଯିବ । ଅଧିକ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥଳୀଗୁଡ଼ିକରେ 'ଡେଷ୍ଟିନେସନ୍ ମ୍ୟାନେଜର' ମଧ୍ୟ ନିଯୁକ୍ତ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି । ରାଜ୍ୟବାସୀଙ୍କୁ ଆହ୍ୱାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର 'ଅତିଥି ଦେବୋ ଭବଃ' ଅନୁଯାୟୀ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ହିଁ ଓଡ଼ିଶାର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡର ହୋଇପାରିବେ । ଆଜିର ସୋସିଆଲ ମିଡିଆ ଯୁଗରେ ଗୋଟିଏ ବି ଅପ୍ରୀତିକର ପରିସ୍ଥିତି ବିଜୁଳି ବେଗରେ ଖେଳିଯାଉଥିବାରୁ ସମସ୍ତଙ୍କୁ ମିଳିମିଶି ଓଡ଼ିଶାର ସୁଖଦ ଅନୁଭୂତି ବିସ୍ତାର କରିବାକୁ ସେ ପରାମର୍ଶ ଦେଇଛନ୍ତି । ମରୁଭୂମିକୁ ବାଦ୍ ଦେଲେ ଭୂପୃଷ୍ଠର ସମସ୍ତ ପ୍ରକାର ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟ ଓଡ଼ିଶାମାଟିରେ ରହିଛି ବୋଲି ଗର୍ବର ସହ ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିର ଭଳି ବିଶ୍ୱସ୍ତରୀୟ ଐତିହାସିକ ସ୍ମାରକ ସାଙ୍ଗକୁ ରାଜ୍ୟରେ ୫୭୫ କିଲୋମିଟର ଦୀର୍ଘ ପ୍ରାକୃତିକ ସମୁଦ୍ରତଟ, ଭିତରକନିକାର ବିଶ୍ୱପ୍ରସିଦ୍ଧ ମ୍ୟାଙ୍ଗ୍ରୋଭ୍ ଜଙ୍ଗଲ, ଏସିଆର ସର୍ବବୃହତ ଲୁଣିଆ ପାଣି ହ୍ରଦ ଚିଲିକା ଏବଂ ହୀରାକୁଦ ଜଳଭଣ୍ଡାର ରହିଛି । ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬-୨୦୪୭ ରୋଡମ୍ୟାପ୍ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି । ରାଜ୍ୟର ସ୍ଥାନୀୟ କାରିଗର, ଗାଇଡ୍ ଏବଂ ଟୁର୍ ଅପରେଟରମାନଙ୍କୁ ଅତ୍ୟାଧୁନିକ ଡିଜିଟାଲ୍ ଜ୍ଞାନକୌଶଳରେ ସଜ୍ଜିତ କରାଯାଉଛି, ଯାହାଦ୍ୱାରା ପର୍ଯ୍ୟଟକଙ୍କ ଯାତ୍ରା ଅଧିକ ସୁଗମ ଓ ଅବିସ୍ମରଣୀୟ ହୋଇପାରିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶା କେବଳ ଗୋଟିଏ ଗନ୍ତବ୍ୟସ୍ଥଳ ନୁହେଁ, ଓଡ଼ିଶା ନିଜେ ଏକ ବିଶ୍ୱ ଅନୁଭୂତି । ଆମର ବୌଦ୍ଧ ଐତିହ୍ୟ, ହସ୍ତତନ୍ତ, ଐତିହ୍ୟସ୍ଥଳୀ, ବିଶାଳ ଚିଲିକା ଏବଂ ଇକୋ-ଟୁରିଜିମ୍ ଏହାର ପ୍ରମାଣ । ଆମ ସଂସ୍କୃତି ପର୍ଯ୍ୟଟନ ପାଇଁ ସୃଷ୍ଟି କରାଯାଇନାହିଁ, ଏହା ନିଜ ମୌଳିକ ରୂପରେ ଜୀବନ୍ତ ଅଛି । ଆମ ସରକାର ସ୍ଥାୟୀ ପର୍ଯ୍ୟଟନ ପାଇଁ ଏକ ସୁଦୃଢ଼ ଏବଂ ଉତ୍ତମ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଦ୍ୱାରା ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶ ହେବ । ପର୍ଯ୍ୟଟନ ଅର୍ଥନୀତିରେ ଏକ ସଶକ୍ତ ଯୋଗଦାନକାରୀ ହେବା ଉଚିତ୍ । ଆମ ପର୍ଯ୍ୟଟନରେ ସାହସିକ ପର୍ଯ୍ୟଟନ ମଧ୍ୟ ଅନ୍ତର୍ଭୁକ୍ତ ଏବଂ ଆମେ ତାହାକୁ ଅଧିକ ସୁଦୃଢ଼ କରୁଛୁ । କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କ୍ୟାପ୍ଟେନ୍ ତଥା କିମ୍ବଦନ୍ତୀ ଖେଳାଳି କପିଲ ଦେବ କ୍ରୀଡ଼ା ଏବଂ ଦେଶର ବିକାଶ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି । ସେ କହିଛନ୍ତି ଯେ ଯେକୌଣସି ଦେଶ ନିଜର କ୍ରୀଡ଼ା ଏବଂ କ୍ରୀଡ଼ାବିତ୍‌ମାନଙ୍କ ଜରିଆରେ ବିଶ୍ୱରେ ପରିଚିତ ହୋଇଥାଏ ଏବଂ ଆଜି ଆମ ଦେଶ କ୍ରୀଡ଼ା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି । ଏସୀୟ କ୍ରୀଡ଼ା ତଥା ଅଲିମ୍ପିକ୍‌ରେ ଆମର ଆଥଲେଟ୍‌ମାନେ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ସେ ସ୍ୱତନ୍ତ୍ର ଭାବେ ମତ ଦେଇଛନ୍ତି ଯେ ଓଡ଼ିଶା କେବଳ ପର୍ଯ୍ୟଟନ ନୁହେଁ, ବରଂ ଭାରତୀୟ ହକିକୁ ଆଗକୁ ବଢ଼ାଇବାରେ ଏକ ବିଶାଳ ଭୂମିକା ଗ୍ରହଣ କରିଛି । ଆଜି ଆମେ ଗର୍ବର ସହ କହିପାରିବା ଯେ ଆଗାମୀ ଦିନରେ ଓଡ଼ିଶା କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ବରଂ ଭାରତର 'ସ୍ପୋର୍ଟ୍ସ ହବ୍' ବା କ୍ରୀଡ଼ାର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ପୋର୍ଟାଲ ଏବଂ ଏକ ସ୍ୱତନ୍ତ୍ର କଫି ଟେବୁଲ୍ ବୁକ୍ 'ପିଠା, ମିଠା ପଣା' କୁ ଲୋକାର୍ପିତ କରିଛନ୍ତି । ଏହାସହ ରାଜ୍ୟ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ନୂତନ 'ଓଡ଼ିଶା ଟୁରିଜିମ୍ ପୋର୍ଟାଲ୍' ଏବଂ ନିବେଶକଙ୍କ ସୁବିଧା ପାଇଁ 'ଓଡ଼ିଶା ଟୁରିଜିମ୍ ଇନ୍‌ଭେଷ୍ଟମେଂଟ ଇନ୍‌ସେଂଟିଭ୍ ମ୍ୟାନେଜମେଂଟ ସିଷ୍ଟମ'ର ୱେବ୍ ଆପ୍ଲିକେଶନ୍ ମଧ୍ୟ ଶୁଭାରମ୍ଭ ହୋଇଛି ।

ନଭେମ୍ବର ସୁଦ୍ଧା ସରକାରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଶେଷ କର : ରାଜ୍ୟପାଳ

ଭୁବନେଶ୍ୱର, ୩/୧୦ (ଆ.ପ୍ର) : ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ନଭେମ୍ବର ସୁଦ୍ଧା ଶେଷ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହି ପ୍ରକ୍ରିୟା ଆରମ୍ଭ କରି ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ରାଜ୍ୟପାଳ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ଏକ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଏହା କହିଛନ୍ତି । ରାଜ୍ୟପାଳ କହିଥିଲେ ଯେ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପରେ ଖାଲି ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରିବା ଏବେ ଏକ ପ୍ରମୁଖ ଆହ୍ୱାନ । ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ପଷ୍ଟ ସମୟସୀମା ଧାର୍ଯ୍ୟ କରାଯିବା ଆବଶ୍ୟକ । ଶିକ୍ଷକ ନିଯୁକ୍ତିରେ ମେଧାକୁ ପ୍ରାଥମିକତା ଦିଆଯିବା ଉଚିତ । ଗୁଣବତ୍ତା ଓ ମେଧା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ । ସର୍ବୋତ୍ତମ ଯୋଗ୍ୟତାସମ୍ପନ୍ନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାପକ ଭାବେ ପ୍ରାର୍ଥୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ ଓ ଯାଞ୍ଚ କରିବା ପରିବର୍ତ୍ତେ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ସାକ୍ଷାତକାର ପାଇଁ ଡାକିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏଭଳି ପ୍ରକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ପ୍ରାର୍ଥୀ ନିଜକୁ ବାଦ ପଡ଼ିଥିବା ଅନୁଭବ କରିବେ ନାହିଁ ଏବଂ ସାକ୍ଷାତକାର ବୋର୍ଡକୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ । ଓଡ଼ିଶା ଲୋକଭବନକୁ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ୍ ପକ୍ଷରୁ ପ୍ଲାଟିନମ୍ ସାର୍ଟିଫିକେସନ୍ ମିଳିଥିବା ଉଦାହରଣ ଦେଇ ରାଜ୍ୟପାଳ ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ଗ୍ରୀନ୍ ସାର୍ଟିଫିକେସନ୍ ହାସଲ ପାଇଁ ପଦକ୍ଷେପ ନେବାକୁ କହିଥିଲେ । ଅଧିକାଂଶ ବିଶ୍ୱବିଦ୍ୟାଳୟ ପରିସରରେ ପର୍ଯ୍ୟାପ୍ତ ସବୁଜିମା ରହିଛି ଏବଂ ଆଉ କିଛି ଅତିରିକ୍ତ ପଦକ୍ଷେପ ନେଲେ ସେମାନେ ଏହି ସାର୍ଟିଫିକେସନ୍ ହାସଲ କରିପାରିବେ ବୋଲି ସେ ମତ ଦେଇଥିଲେ । ବିଶ୍ୱବିଦ୍ୟାଳୟଗୁଡ଼ିକରେ ଚାଲିଥିବା ଆକ୍ରେଡିଟେସନ୍ ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସୂଚନା ନେଇଥିଲେ । ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ସମାନ କାର୍ଯ୍ୟକାଳ ରହିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । କେତେକ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟକାଳ ତିନି ବର୍ଷ ଥିବାବେଳେ ଅନ୍ୟ କେତେକ ବିଶ୍ୱବିଦ୍ୟାଳୟରେ ଏହା ଚାରି ବର୍ଷ ରହିଛି । ବିଶ୍ୱବିଦ୍ୟାଳୟ ପରିସରରେ ସୌର ଶକ୍ତିର ବ୍ୟବହାର ବୃଦ୍ଧି କରିବାକୁ ମଧ୍ୟ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପଦକ୍ଷେପରେ କିମ୍ବା ରିନ୍ୟୁଏବଲ୍ ଏନର୍ଜି ସର୍ଭିସ୍ କମ୍ପାନୀ ମଡେଲ୍ ଅଧୀନରେ ସୌର ଶକ୍ତି ଗ୍ରହଣ କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ ।

ଲୋକସଭା, ସମସ୍ତ ରାଜ୍ୟ ବିଧାନସଭା ଭଙ୍ଗ ପାଇଁ ଖଡ଼ଗେଙ୍କ ଆହ୍ୱାନ

ନୂଆଦିଲ୍ଲୀ, ୩/୧୦ (ନ୍ୟୁ.ଏ): କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଶନିବାର ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ଭଙ୍ଗ କରିବାପାଇଁ ଆହ୍ୱାନ କରିଛନ୍ତି । ଦେଶବ୍ୟାପୀ ବିଭିନ୍ନ ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନ ଏବଂ ଲୋକସଭା ନିର୍ବାଚନ ବେଆଇନ ବୋଲି ଅଭିଯୋଗ କରି ଖଡ଼ଗେ ପୁଣିଥରେ ବାଲଟ ପେପର ମାଧ୍ୟମରେ ସଦ୍ୟ ନିର୍ବାଚନ ପାଇଁ ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବେଆଇନ ପ୍ରକ୍ରିୟାରେ ନିର୍ବାଚିତ ହୋଇଛନ୍ତି ବୋଲି ଖଡ଼ଗେ ଦାବି କରିଛନ୍ତି । ସାମ୍ବାଦିକଙ୍କୁ ଟିପ୍ପଣୀ ଦେଇ ଖଡ଼ଗେ କହିଛନ୍ତି, ଭୋଟର ତାଲିକାର ଏସ୍ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ) ପ୍ରକ୍ରିୟାରେ ଅନେକ ଅନିୟମିତତା ହୋଇଛି ଏବଂ ଏହା ଗଣତନ୍ତ୍ରକୁ ଦୁର୍ବଳ କରିଛି । ଗଣତାନ୍ତ୍ରିକ ପ୍ରକ୍ରିୟାର ଅପବ୍ୟବହାର ବିରୋଧରେ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ସେମାନଙ୍କ ଆନ୍ଦୋଳନ ଜାରି ରଖିବେ ବୋଲି ସେ କହିଛନ୍ତି । ଖଡ଼ଗେ କହିଛନ୍ତି, ଆଜି ସମଗ୍ର ରାଷ୍ଟ୍ର ଏକ ବେଆଇନ ନିର୍ବାଚନ ଦ୍ୱାରା ପରିଚାଳିତ । ସମସ୍ତ ରାଜ୍ୟ ବିଧାନସଭା ଏବଂ ଲୋକସଭା ଭଙ୍ଗହେବା ଉଚିତ ଏବଂ ପୁଣିଥରେ ବାଲଟ୍ ପେପର ଦ୍ୱାରା ସଦ୍ୟ ନିର୍ବାଚନ ହେବା ଉଚିତ ବୋଲି ଖଡ଼ଗେ କହିଛନ୍ତି । ଖଡ଼ଗେ ପୁଣିଥରେ ଅଭିଯୋଗ କରିଛନ୍ତି ଯେ ଇଭିଏମ୍‌ର ଅପବ୍ୟବହାର ହୋଇଛି । ସେପ୍ଟେମ୍ବର ୩୦ ତାରିଖରେ ହୋଇଥିବା ଇଣ୍ଡି ମେଂଟ ବୈଠକକୁ ଉଲ୍ଲେଖ କରି ଖଡ଼ଗେ କହିଛନ୍ତି, ୨୦ଟି ଦଳର ସଦସ୍ୟ ଅଭିଯୋଗ କରିଥିଲେ ଯେ ଦେଶବ୍ୟାପୀ ଏସ୍ଆଇଆର ଭୁଲ୍ ପ୍ରକ୍ରିୟାରେ ଚାଲିଛି ।

ନୟାପଲ୍ଲୀ ଦୁଷ୍କର୍ମ ଅଭିଯୁକ୍ତକୁ ଗୁଳି

ଭୁବନେଶ୍ୱର, ୩/୧୦ (ଆ.ପ୍ର) : ମୁହଁରେ କପଡ଼ା ଘୋଡ଼ାଇ ଷ୍ଟ୍ରେଚରରେ ହସ୍ପିଟାଲ ଆସିଥିବା ଇଏ ନୟାପଲ୍ଲୀର ଦୁଷ୍କର୍ମ ଅଭିଯୁକ୍ତ । ନାଁ- ଶ୍ରୀଧର ପଣ୍ଡା ଓରଫ ସନ୍ତୋଷ । ଘର- ଗଞ୍ଜାମ ଜିଲ୍ଲାରେ । ଗନ୍ ପଏଂଟରେ ଭୁବନେଶ୍ୱର ନୟାପଲ୍ଲୀରେ ଯୁବତୀଙ୍କ ସହ ଦୁଷ୍କର୍ମ କରି ଫେରାର୍ ଥିଲା । ତିନି ଦିନ ଧରି ଖୋଜୁଥିଲା ପୋଲିସ । ସ୍ପେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଘନଘନ ରେଡ୍ ଚଳାଇଥିଲା । ଆଜି ଧରାପଡ଼ିଛି, ଗୁଳି ଖାଇ ହସ୍ପିଟାଲରେ ଭର୍ତ୍ତି ହୋଇଛି । ସ୍ଥାନ- ଭୁବନେଶ୍ୱର ଚନ୍ଦକା ଜଙ୍ଗଲ । ସମୟ- ଅପରାହ୍ନ ପ୍ରାୟ ୪ଟା । ସିସିଟିଭି ଆଧାରରେ ଅଭିଯୁକ୍ତ ଶ୍ରୀଧରର ଗତିବିଧି ଟ୍ରାକ୍ କରୁଥିଲା ପୋଲିସ । ସେ ଅନ୍ଧାରୁଆ ଅଂଚଳରେ ଥିବା ଖବର ମିଳିବା ପରେ ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ୍ । ପୋଲିସ ଉପରକୁ ସ୍କ୍ରୁ ଡାଇଭର୍ ଧରି ଆକ୍ରମଣ ଉଦ୍ୟମ କରି ଖସି ଯିବାକୁ ଉଦ୍ୟମ କରିଥିଲା ଶ୍ରୀଧର । ଏତିକିବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା । ୨ ରାଉଣ୍ଡ ଗୁଳିରେ ଆହତ ହୋଇଛି ଅଭିଯୁକ୍ତ । ଏନକାଉଂଟର ସ୍ଥଳରେ ସାଇଂଟିଫିକ୍ ଟିମ୍ ପହଂଚି ତଦନ୍ତ କରିଛି । ଅଭିଯୁକ୍ତକୁ ଚିକିତ୍ସା ପାଇଁ ଅଣାଯାଇଛି କ୍ୟାପିଟାଲ୍ ହସ୍ପିଟାଲ । ରାଜଧାନୀରେ ଘରେ ପଶି ଗନ୍ ପଏଂଟରେ ଯୁବତୀଙ୍କୁ ଦୁଷ୍କର୍ମକୁ ନେଇ ଚାଂଚଲ୍ୟ ଖେଳିଯାଇଥିଲା । ଗତ ୩୦ ତାରିଖ ରାତିରେ ଜନଗହଳିପୂର୍ଣ୍ଣ ନୟାପଲ୍ଲୀ ଅଂଚଳରେ ଘଟିଥିଲା ଏହି ଘଟଣା । ୨ ଦିନ ପରେ ଅଭିଯୁକ୍ତ ଧରା ନପଡ଼ିବାକୁ ନେଇ ନାନା ପ୍ରଶ୍ନ ଉଠିଥିଲା । ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ସ୍ଥାନୀୟ ଅଂଚଳର ସିସିଟିଭି ଆଧାରରେ ଅଭିଯୁକ୍ତକୁ ଖୋଜୁଥିଲା । ପାଖାପାଖି ୫୦୦ ସିସିଟିଭି ଘାଂଟିଥିଲା ପୋଲିସ । ସେଥିରୁ ସାମନାକୁ ଆସିଥିଲା ଶ୍ରୀଧରର ଚେହେରା । ୧୨ ଘଂଟାରେ ତାର ଫଟୋ ମିଳିଥିଲା । ଆଜି ଅନ୍ଧାରୁଆରେ ଅଭିଯୁକ୍ତର ଲୋକେସନ୍ ଜାଣିଥିଲା ପୋଲିସ । ତାକୁ କାବୁ କରିବାକୁ ଉଦ୍ୟମ ବେଳେ ସ୍କ୍ରୁ-ଡ୍ରାଇଭରରେ ଆକ୍ରମଣ କରି ଖସି ଯିବାକୁ ଉଦ୍ୟମ କରିଥିଲା । ଘଟଣାସ୍ଥଳରୁ ଜବତ ହୋଇଛି ସ୍କ୍ରୁ ଡ୍ରାଇଭର ଓ ବାଇକ୍ । ଅଭିଯୁକ୍ତ ଶ୍ରୀଧର କହିଛି, ସେଦିନ ଚୋରି କରିବାକୁ ଯୁବତୀଙ୍କ ଘରେ ପଶିଥିଲା । ତା ନାଁରେ ଭୁବନେଶ୍ୱରରେ ବିଭିନ୍ନ ଥାନାରେ ରହିଛି ଏକାଧିକ ଚୋରି ମାମଲା । ପୀଡ଼ିତା ତାଙ୍କ ବଡ଼ ଭଉଣୀଙ୍କ ସହ ନୟାପଲ୍ଲୀ ଅଂଚଳରେ ଭଡ଼ା ଘରେ ରହୁଥିଲେ । ରାତି ୯ଟାରୁ ୧୦ଟା ଭିତରେ ଅଭିଯୁକ୍ତ ମାସ୍କ ପିନ୍ଧି ଯୁବତୀଙ୍କ ଘରେ ପଶିଥିଲା । ପରେ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିଥିଲା ଅଭିଯୁକ୍ତ । ଆଉ ଗନ୍ ପଏଂଟରେ ଦୁଷ୍କର୍ମ କରି ଚମ୍ପଟ ମାରିଥିଲା ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଅକ୍ଟୋବର, ୮ ଓଡିଶା ବଂଦ ପାଇଁ ଇଣ୍ଡିଆ ମେଂଟ ପକ୍ଷରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, ୦୩/୧୦ (ଆ.ପ୍ର) : ଗଣତନ୍ତ୍ର ବିରୋଧୀ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କୁ ବରଖାସ୍ତ କରି ଗିରଫ କରିବା, ଏସ୍ଆଇଆର୍ ପ୍ରକ୍ରିୟା ବାତିଲ କରିବା, ଇଭିଏମ ହଟାଇ ବାଲାଟ ପେପର ରେ ଭୋଟ କରାଇବା, ଏମ୍ଏମ୍ଡି ଆର ସଂଶୋଧନ ଆଇନ-୨୦୨୬ ବାତିଲ କରିବା, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ଭଦ୍ରକ ଜିଲ୍ଲାରେ ବନ୍ୟାଜନିତ ମୃତ୍ୟୁବରଣ କରିଥିବା ପରିବାର ଓ କ୍ଷତିଗ୍ରସ୍ତ ଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଆସନ୍ତା ଅକ୍ଟୋବର ୮ ତାରିଖ ସକାଳ ୬ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଓଡିଶା ବଂଦ ରହିବ । ଅତ୍ୟାବଶ୍ୟକ ସେବା କ୍ଷେତ୍ର ଦମକଳ, ଆମ୍ବୁଲାନ୍ସ, କ୍ଷୀର ଗାଡି, ପିଇବା ପାଣି ଟ୍ୟାଙ୍କରକୁ ଛାଡିବା ପରେ ଓଡିଶା ମାଟିରେ ଟ୍ରେନ୍, ବସ୍, ଟ୍ରକ୍, ବିଭିନ୍ନ ପ୍ରକାର ଗାଡି ମଟର, ସମସ୍ତ କଳକାରଖାନା, ସମସ୍ତ ବ୍ୟାଙ୍କ, ଡାକ ତାର ସେବା,ସମସ୍ତ ଫେରିଘାଟ, ସମସ୍ତ ବୋଟ, ସମସ୍ତ ବନ୍ଦର, ସମସ୍ତ ଖଣି ଖାଦାନ, ସମସ୍ତ ଶିକ୍ଷାନୁଷ୍ଠାନ, ସମସ୍ତ ସରକାରୀ ଅଫିସ ଦପ୍ତର, ସମସ୍ତ ନ୍ୟାୟାଳୟ ବଂଦ ରହିବ । ଏହି ବଂଦକୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଇଣ୍ଡିଆ ମେଂଟ ପକ୍ଷରୁ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସ ଭଦ୍ରକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ପୂର୍ବତନ ବିଧାୟକ ପଂଚାନନ ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ସିପିଆଇ(ଏମ) ନେତା ଚନ୍ଦ୍ରଶେଖର ନାୟକ, ବରିଷ୍ଠ ସିପିଆଇ ନେତା ରମେଶ ଜେନା, ସିପିଆଇ ର ଯୁବ ନେତା ଦିଲିପ ନାୟକ, ସିପିଆଇଏମଏଲ(ଲିବରେସନ) ଜିଲ୍ଲା ସଂପାଦକ ସମର ବଳ, କଂଗ୍ରେସ ନେତା ପିତବାସ ଧଳ, ଜିଲ୍ଲା କଂଗ୍ରେସ ଉପସଭାପତି ରମେଶ ଚନ୍ଦ୍ର ନାୟକ, ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ଯୁବନେତା ବିଜୟ ବାରିକ୍, ସରୋଜ ରାଉଳ, ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥା ଓ ବିପନ୍ନ ଗଣତନ୍ତ୍ରର ସୁଧାର ପାଇଁ ଜିଲ୍ଲା ବାସୀ ଲଢେଇ କରିବାକୁ ଆହ୍ୱାନ ଦେବା ସହ ଅକ୍ଟୋବର, ୮ ଓଡିଶା ବଂଦ କୁ ସଫଳ କରିବା ପାଇଁ ନିବେଦନ କରିଥିଲେ ।

ଛାତ୍ରୀଙ୍କୁ ଉଠାଇ ନେଲେ ଯୁବକ, ଲଜ୍‌କୁ ଡାକି ନେଇ ଜବରଦସ୍ତି କଲେ ବଳାତ୍କାର

ହାଟଡିହି, ୦୩/୧୦ (ଆ.ପ୍ର) : କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ଅଂଚଳରେ ଜଣେ ଯୁକ୍ତ-୩ ଛାତ୍ରୀଙ୍କୁ ଲଜ୍‌ରେ ବଳାତ୍କାର କରାଯାଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି । ଏହି ମାମଲାରେ ପୋଲିସ କେସ୍ ନଂ ୧୮୨/୨୬ ରୁଜୁ କରି ମୁଣ୍ଡକାଟି ଗ୍ରାମର ଅଭିଯୁକ୍ତ ରଞ୍ଜନ ସେଠୀ (୨୯)ଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ କୌଣସି ବାହାନା କରି ପୀଡ଼ିତାଙ୍କୁ ଏକ ଲଜ୍‌କୁ ଡାକିବା ପରେ ସେଠାରେ ତାଙ୍କ ସହ ବଳାତ୍କାର କରିଥିଲେ । ପୀଡ଼ିତା ଜଣକ ଶାଳପଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ବୋଲି ଜଣାପଡ଼ିଛି । ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଘର ପାଖାପାଖି ଅଂଚଳରେ । ପୋଲିସ ଆଇନଗତ ପ୍ରକ୍ରିୟା ଅନୁଯାୟୀ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ଘଟଣାର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ କରାଯିବ ।

ଦାଦାବଟି ମାଗି ହତ୍ୟା ଧମକ ଅଭିଯୋଗ, ପ୍ରଶାନ୍ତ ଗିରଫ

କୁକୁଡ଼ାଖଣ୍ଡି, ୦୩/୧୦ (ଆ.ପ୍ର) : ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ା ଅଂଚଳରେ ଜୁଆ ସମେତ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଚଳାଇବା, ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ପୁଲିସ ପ୍ରଶାନ୍ତ ସେଠୀ (୩୪)ଙ୍କୁ ଗିରଫ କରିଛି । ପ୍ରଶାନ୍ତଙ୍କ ଘର ଝାଡ଼ାଙ୍କୁଲି ଗ୍ରାମରେ ହୋଇଥିବା ବେଳେ ସେ ବର୍ତ୍ତମାନ ଆମ୍ବପୁଆ ବସନ୍ତ ବିହାର ୪ର୍ଥ ଲେନ୍‌ରେ ରହୁଥିବା ପୁଲିସ କହିଛି । ସୂଚନାପ୍ରକାରେ, ଲୋଚାପଡ଼ାର ମୋହନ ଦାଶ (୪୦)ଙ୍କ ଅଭିଯୋଗକ୍ରମେ ନିମଖଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା । ମୋହନଙ୍କ ଅଭିଯୋଗ ଅନୁସାରେ, ପ୍ରଶାନ୍ତ ଓ ତାଙ୍କ କିଛି ସହଯୋଗୀ ଅଂଚଳରେ ଜୁଆ ସମେତ ବିଭିନ୍ନ ବେଆଇନ କାର୍ଯ୍ୟକଳାପ କରୁଥିଲେ । ମୋହନ ଏହାକୁ ବିରୋଧ କରିବାରୁ ତାଙ୍କୁ ଦାଦାବଟି ମାଗିବା ସହ ଟଙ୍କା ନଦେଲେ ହତ୍ୟା କରିଦେବାକୁ ଧମକ ଦିଆଯାଇଥିଲା । ଏଥିସହ ତାଙ୍କ ବିରୋଧରେ ସୋସିଆଲ ମିଡିଆରେ ମାନହାନିକର ପୋଷ୍ଟ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଥିଲେ । ତଦନ୍ତ ପରେ ପୁଲିସ ପ୍ରଶାନ୍ତଙ୍କୁ ଗିରଫ କରି ତାଙ୍କଠାରୁ ଏକ ଭିଭୋ ୱି-୬୦ ମୋବାଇଲ ଫୋନ୍ ଓ ହୋଣ୍ଡା ଆକ୍ଟିଭର ସ୍କୁଟି ଜବତ କରିଛି । ପ୍ରଶାନ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ବେଳେ ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି ।

ଧାନ ଓ କପା ଫସଲ ଉଜାଡ଼ିଲେ ହାତୀପଲ : ସୀମାନ୍ତ ଅଂଚଳରେ ୫ ହାତୀଙ୍କ ଉପଦ୍ରବ, ଭୟରେ ଚାଷୀ

ବାଲିଗୁଡା, ୦୩/୧୦ (ଆ.ପ୍ର) : କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଅଂଚଳରେ ପୁଣି ହାତୀ ଉପଦ୍ରବ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧୀନ ତୁମୁଡ଼ିବନ୍ଧ ବନାଂଚଳର ଲଙ୍କାଗଡ଼ ପଂଚାୟତର ବାଗିଲିଗିଲି ଓ ଅର୍ଜୁନପୁର ଗାଁରେ ୫ଟିକିଆ ହାତୀପଲ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି । ଗତ କିଛିଦିନ ହେଲା ହାତୀପଲ ଗାଁ ନିକଟବର୍ତ୍ତୀ ଚାଷଜମିରେ ପଶି ଧାନ ଓ କପା ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି । ବନ ବିଭାଗର ସୂଚନା ଅନୁଯାୟୀ, ହାତୀପଲ ଦ୍ୱାରା ଅଂଚଳର ୨ ଏକରରୁ ଉର୍ଦ୍ଧ୍ୱ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି । ଏଥିସହ କପା ଚାଷ ମଧ୍ୟ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି । ଫଳରେ ଚାଷରେ ଲଗାଇଥିବା ଅର୍ଥ ଫେରିବ କି ନାହିଁ, ସେନେଇ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ହାତୀପଲ ଗାଁ ନିକଟରେ ଘୁରି ବୁଲୁଥିବାରୁ ସନ୍ଧ୍ୟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଖବର ପାଇ ତୁମୁଡ଼ିବନ୍ଧ ବନାଂଚଳର ବନ ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ହାତୀଙ୍କ ଗତିବିଧି ଉପରେ ନଜର ରଖିବା ସହ ଚାଷୀଙ୍କୁ ସତର୍କ ରହିବାକୁ ସଚେତନ କରୁଛନ୍ତି । ଏଥିସହ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ ମଧ୍ୟ କରାଯାଉଛି । କନ୍ଧମାଳ-କଳାହାଣ୍ଡି ସୀମାନ୍ତ ହୋଇଥିବାରୁ ବର୍ଷର ବିଭିନ୍ନ ସମୟରେ ଏହି ଅଂଚଳରେ ହାତୀଙ୍କ ଚଳପ୍ରଚଳ ଦେଖିବାକୁ ମିଳେ । ତେବେ ଚାଷ ଅମଳ ସମୟରେ ହାତୀପଲ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ବନ ବିଭାଗ ପକ୍ଷରୁ ନିୟମିତ ଭାବେ ସ୍ଥିତି ଅନୁଧ୍ୟାନ କରାଯାଉଥିବା ବେଳେ କ୍ଷୟକ୍ଷତି ଆକଳନ ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

କଳାହାଣ୍ଡି ଜିଲ୍ଲାରେ ଶିଶୁ ଶ୍ରମମୁକ୍ତ ଗ୍ରାମ ପଂଚାୟତ ପାଇଁ ୪୪ ଦିନିଆ ଅଭିଯାନ ଆରମ୍ଭ

କଳାହାଣ୍ଡି, ୦୩/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ ଶିଶୁ ଶ୍ରମମୁକ୍ତ ଗ୍ରାମ ପଂଚାୟତ ଗଠନ ଲକ୍ଷ୍ୟରେ ୪୪ ଦିନିଆ ରାଜ୍ୟବ୍ୟାପୀ ଅଭିଯାନ ଆଜି ଆରମ୍ଭ ହୋଇଛି । ଏହି ଅଭିଯାନ ୨ ଅକ୍ଟୋବରରୁ ୧୪ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ୨୦୨୯ ସୁଦ୍ଧା ସମସ୍ତ ଗ୍ରାମ ପଂଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଅଭିଯାନର ପ୍ରଥମ ଦିନ ଅର୍ଥାତ୍ ୨ ଅକ୍ଟୋବରରେ ପ୍ରତ୍ୟେକ ଗ୍ରାମ ପଂଚାୟତରେ ଗ୍ରାମସଭା ଆୟୋଜନ କରାଯାଇ ଶିଶୁ ଶ୍ରମ, କାମ କରୁଥିବା ଓ ବିଦ୍ୟାଳୟ ବାହାରେ ଥିବା ଶିଶୁ, ଅସୁରକ୍ଷିତ ଶିଶୁ ଓ ପରିବାର ସମ୍ପର୍କରେ ଆଲୋଚନା କରାଯାଇଛି । ଶିଶୁମାନଙ୍କୁ ପୁନଃ ବିଦ୍ୟାଳୟକୁ ଫେରାଇ ଆଣିବା ଏବଂ ଗ୍ରାମ ପଂଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସଂକଳ୍ପ ଗ୍ରହଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଅଭିଯାନ ଅନ୍ତର୍ଗତ ୨୦ ଅକ୍ଟୋବର ସୁଦ୍ଧା ସ୍ୱତନ୍ତ୍ର ଗ୍ରାମ ପଂଚାୟତ ବୈଠକ, ୩୧ ଅକ୍ଟୋବର ସୁଦ୍ଧା ସ୍ୱତନ୍ତ୍ର ପଂଚାୟତ ସମିତି ବୈଠକ ଏବଂ ୧୦ ନଭେମ୍ବର ସୁଦ୍ଧା ଜିଲ୍ଲାସ୍ତରୀୟ ସମନ୍ୱୟ କାର୍ଯ୍ୟକ୍ରମ କରାଯିବ । ୧୪ ନଭେମ୍ବର ଶିଶୁ ଦିବସରେ ଅଭିଯାନର ସମାପନ କାର୍ଯ୍ୟକ୍ରମ ହେବ । ଏହି ଅଭିଯାନରେ ସହକାରୀ ଶ୍ରମ ଅଧିକାରୀ, ଗ୍ରାମ ପଂଚାୟତ, ପଂଚାୟତିରାଜ ପ୍ରତିନିଧି, ବିଦ୍ୟାଳୟ, ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ସଖୁଖସାରୀ କର୍ମୀ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସାମିଲ ହେବେ । ମିଶନ ଶକ୍ତି ନେଟୱର୍କ ମାଧ୍ୟମରେ ପରିବାରସ୍ତରରେ ସଚେତନତା ସୃଷ୍ଟି, ଅସୁରକ୍ଷିତ ଶିଶୁ ଓ ପରିବାର ଚିହ୍ନଟ, ବିଦ୍ୟାଳୟ ଛାଡ଼ିବା ଓ ଶିଶୁ ଶ୍ରମ ରୋକିବା ସହିତ ଆବଶ୍ୟକ ସରକାରୀ ସହାୟତା ସହ ପରିବାରକୁ ଯୋଡ଼ାଯିବ । ଅସୁରକ୍ଷିତ ଓ ପ୍ରବାସୀ ପରିବାରର ଶିଶୁମାନଙ୍କ ସୁରକ୍ଷା ଏବଂ ଶିଶୁ ଶ୍ରମ ରୋକିବାରେ ମହିଳା ଗୋଷ୍ଠୀଗୁଡ଼ିକର ଭୂମିକା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଅଭିଯାନ ସମ୍ପର୍କିତ କାର୍ଯ୍ୟକଳାପ, ଚିହ୍ନଟ ହୋଇଥିବା ଅସୁରକ୍ଷିତ ଶିଶୁ ପରିବାର ଏବଂ ନିଆଯାଇଥିବା ପଦକ୍ଷେପର ରେକର୍ଡ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଅଭିଯାନର ପ୍ରଥମ ଦିନରେ ଗୋଲାମୁଣ୍ଡା ବ୍ଲକର ବଡ଼ଚେରଗାଁ ଏଚରେ ସହକାରୀ ଶ୍ରମ ଅଧିକାରୀ, ଗୋଲାମୁଣ୍ଡା , ନର୍ଲା ବ୍ଲକର ସାନ୍ତପୁର ଜିପିରେ ସହକାରୀ ଶ୍ରମ ଅଧିକାରୀ, ନର୍ଲା, ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର ଜିପିରେ ସହକାରୀ ଶ୍ରମ ଅଧିକାରୀ, ଲାଞ୍ଜିଗଡ଼, ଜୁନାଗଡ଼ ବ୍ଲକର ବାଇଡିଆମାଲ ଜିପିରେ ସହକାରୀ ଶ୍ରମ ଅଧିକାରୀ, ଜୁନାଗଡ଼, ଏମ୍. ରାମପୁର ବ୍ଲକର ସାଉଦାଲଙ୍ଗା ଜିପିରେ ସହକାରୀ ଶ୍ରମ ଅଧିକାରୀ ମ. ରାମପୁର, ଭବାନୀପାଟଣା ବ୍ଲକର ମାଲଗାଁ ଜିପିରେ ସହକାରୀ ଶ୍ରମ ଅଧିକାରୀ, ଭବାନୀପାଟଣା, କେସିଙ୍ଗା ବ୍ଲକର ନାସିଗାଁ ଜିପିରେ ସହକାରୀ ଶ୍ରମ ଅଧିକାରୀ, କେସିଙ୍ଗା, ଜୟପାଟଣା ବ୍ଲକର ହିରାପୁର୍ ଜିପିରେ ସହକାରୀ ଶ୍ରମ ଅଧିକାରୀ, ଜୟପାଟଣା, କର୍ଲାମୁଣ୍ଡା ବ୍ଲକର ଏସ୍. ମାଲପଡ଼ା ଜିପିରେ ସହକାରୀ ଶ୍ରମ ଅଧିକାରୀ, କର୍ଲାମୁଣ୍ଡା ଏବଂ ଥୁଆମୂଳ ରାମପୁର ବ୍ଲକର କିଆପଦର ଜିପିରେ ସହକାରୀ ଶ୍ରମ ଅଧିକାରୀ, ଥୁ. ରାମପୁର ସ୍ୱତନ୍ତ୍ର ଗ୍ରାମସଭା ଏବଂ ଶିଶୁ ଶ୍ରମ ବିରୋଧୀ ସଚେତନତା ରାଲିରେ ଯୋଗଦାନ ଦେଇଛନ୍ତି ।

ବାଣପୁର - ବାଲୁଗାଁ ରୋଟାରୀ କ୍ଲବ ଦ୍ୱାରା ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଚିଲିକା/ବାଣପୁର, ୦୩/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର -ବାଲୁଗାଁ ରୋଟାରୀକ୍ଲବ ଦ୍ୱାରା ବାଲୁଗାଁ ସ୍ଥିତ ଅଶୋକ ନଗର ଠାରେ ଥିବା କଳିଙ୍ଗ ବୈଶ୍ୟ କଲ୍ୟାଣ ମଣ୍ଡପ ହଲଠାରେ ବାଣପୁର ବାଲୁଗାଁ ରୋଟାରୀ କ୍ଲବ ସଭାପତି ଡ଼ଃ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ସମସ୍ତ ରୋଟାରୀୟାନ ଓ ରୋଟରାକ୍ଟ କ୍ଲବର ସମସ୍ତ ସଦସ୍ୟ ଙ୍କୁ ନେଇ ଏକ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟବକ୍ତା ଭାବେ ପିଡ଼ିଜିସିଏ ଦେବାଶିଷ ମିଶ୍ର, ବକ୍ତା ଭାବେ ଅବସର ପ୍ରାପ୍ତ ଆଇଏସପିଜିଡ଼ି ରବିନାରାୟଣ ନନ୍ଦ, କ୍ଲବ ସମ୍ପାଦକ ରୋଟାରିୟାନ ମନୋରଞ୍ଜନ ବାରିକ ଯୋଗ ଦେଇଥିଲେ । ରୋଟାରିୟାନ ଜଗଦୀଶ ପ୍ରସାଦ ଲାଖୋଟିଆ ଅତିଥିମାନଙ୍କୁ ମଂଚକୁ ନିମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିବାପରେ ସଭାପତି ଡ଼ଃ. ଚିନ୍ତାମଣି ମିଶ୍ର ମଂଚରେ ବସିଥିବା ଅତିଥିମାନଙ୍କୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମକୁ ଆରମ୍ଭ କରିବାକୁ କହିବା ପରେ ମୁଖ୍ୟବକ୍ତା ଶ୍ରୀ ମିଶ୍ର ବନ୍ଦେ ଉତ୍କଳ ଜନନୀ ସାମୂହିକ ଭାବେ ଗାନ କରାଯାଇ ପ୍ରଶିକ୍ଷଣ ଶିବିର ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା ୩୨୬୨ ବାଣପୁର, ବାଲୁଗାଁର ରୋଟାରିୟାନ ପୂର୍ବତନ ସଭାପତି ଶ୍ୟାମ ସୁନ୍ଦର ପୃଷ୍ଟି, ନନ୍ଦକିଶୋର ମିଶ୍ର, କ୍ୟାପଟେନ ଭବାନୀ ପ୍ରସାଦ ହୋତା, ହିମାଂଶୁ ପାତ୍ର, ଧିରେନ କୁମାର ପାତ୍ର, ସୁନୀଲ କୁମାର ପାତ୍ର, ବିଜୟ କୁମାର ବେହେରା ଏବଂ ରୋଟରାକ୍ଟ କ୍ଲବର ଯୁବ-ଛାତ୍ର ଉଭୟ ଶତାଧିକ ସଭ୍ୟ ସଚେତନତା ଓ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ମାଧ୍ୟମରେ ରୋଟାରୀ କ୍ଲବର ଆଭିମୁଖ୍ୟ ସମାଜର ଅବହେଳିତ, ଶିକ୍ଷା ହେଉ ଅବା ସ୍ୱାସ୍ଥ୍ୟ, ପାନୀୟ, ବୃକ୍ଷ ରୋପଣ ସହ ସମାଜର ହିତ ଉଦ୍ଦେଶ୍ୟରେ ସମସ୍ତ ସଭ୍ୟ ସାମିଲ ହୋଇ ସମାଜକୁ ବିକାଶ ଶୀଳକରାଇବା ସହ ନିଜେ ଏହି କ୍ଷେତ୍ରରେ ତ୍ୟାଗର ସହ ସାମିଲ କରାଇବା ଓ ଏହାସହିତ ଉକ୍ତ କ୍ଲବ ମାଧ୍ୟମରେ ନୂତନ ପ୍ରୋଜେକ୍ଟ କରି ଜନହିତ ନିମନ୍ତେ ଧ୍ୟାନ ଦେଇ କାମ କରିବା ଏବଂ ନୂତନ ସଭ୍ୟ ସଂଗ୍ରହ ସହ ଜିଲ୍ଲାସ୍ତରରେ ସଭାକରି ରୋଟାରୀ କ୍ଲବର ବିଭିନ୍ନ ଜନହିତକର କାର୍ଯ୍ୟର ସୂଚନା ପ୍ରଦାନ କରିବା । ଏହି ପ୍ରଶିକ୍ଷଣ ଶିବିରଟି ଦୀର୍ଘ ୫ ଘଂଟା ପର୍ଯ୍ୟନ୍ତ ଚାଲିଥିଲା । ଶେଷରେ ଏଭଳି ସୁନ୍ଦର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ସମସ୍ତ ରୋଟାରୀ କ୍ଲବ ଓ ରୋଟରାକ୍ଟ କ୍ଲବ ସଭ୍ୟ ଏବଂ ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଙ୍କୁ ବାଲୁଗାଁ ଉମାମାହେଶ୍ୱର ବଣିକ ସଙ୍ଘ ସଭାପତି ରୋଟାରିୟାନ ରବିନାରାୟଣ ନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଶେଷରେ ଆଗାମୀ ଦିନରେ ଏହିସବୁ ଅଂଚଳରେ ବୃକ୍ଷ ରୋପଣ ସହ ଅନ୍ୟାନ୍ୟ ଜନହିତକର କାର୍ଯ୍ୟକ୍ରମ କରାଯିବ ବୋଲି ସଭାପତି ଡ଼ଃ. ମିଶ୍ର କହିବାପରେ ଏହିକାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

୫ଟି ରାଜ୍ୟକୁ ନେଇ ଅନୁଷ୍ଠିତ ବିଜ୍ଞାନ ମେଳାରେ ଶିକ୍ଷକ ଓ ଛାତ୍ର ପୁରସ୍କୃତ

ଜି.ଉଦୟଗିରି, ୦୩/୧୦ (ଆ.ପ୍ର) : ଓଡିଶା, ଉତର ବଙ୍ଗ, ଦକ୍ଷିଣ ବଙ୍ଗ, ଆସାମ ଏବଂ ଆଣ୍ଡାମାନ ନିକୋବର ୫ ଟି ରାଜ୍ୟ କୁ ନେଇ ଉତର ବଙ୍ଗ ର ରାଇଗଞ୍ଜ ଠାରେ ଆୟୋଜିତ ବିଜ୍ଞାନ ମେଳାରେ ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଜ୍ଞାନ ଆଚାର୍ଯ୍ୟ ଚନ୍ଦନ ନାୟକ ବିଜ୍ଞାନ ପତ୍ର ବାଚନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ପୂର୍ବରୁ ସେ ଫୁଲବାଣୀ ସଂକୁଳ, ବ୍ରହ୍ମପୁର ସମ୍ଭାଗ, ଓଡିଶା ପ୍ରାନ୍ତରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପ୍ରତିଯୋଗିତା ରେ ଅଂଶଗ୍ରହଣ ପାଇଁ ଉତୀର୍ଣ୍ଣ ହୋଇଥିଲେ । ଉକ୍ତ ବିଜ୍ଞାନ ମେଳାରେ ମୋଟ ପଂଚଟି ରାଜ୍ୟରୁ ୧୦ଜଣ ଆଚାର୍ଯ୍ୟ / ଆଚାର୍ଯ୍ୟା ଏବଂ ୨୪୬ ଜଣ ଶିଶୁ ଭାଗ ନେଇଥିଲେ । ଉକ୍ତ ପ୍ରତିଯୋଗିତାରେ ଜି.ଉଦୟଗିରି ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀର ଛାତ୍ର ଦିପ୍ତିମନ ସାହୁ ବିଜ୍ଞାନ ପ୍ରକଳ୍ପରେ ଏବଂ ଷଷ୍ଠ ଶ୍ରେଣୀର ଛାତ୍ରୀ ସାଇସ୍ମିତା ସାହୁ ଗଣିତ ପ୍ରକଳ୍ପରେ ତୃତୀୟ ସ୍ଥାନ ଅଧିକାର କରି ନିଜ ବିଦ୍ୟାଳୟ, ଗୁରୁମା ଗୁରୁଜୀ ଏବଂ ଅଭିଭାବକ ଙ୍କନିମନ୍ତେ ଗୌରବ ଆଣିଛନ୍ତି । ଏହି ପୁରସ୍କାର ପାଇବା ପରେ ସେମାନେ ପ୍ରଶଂଶାର ପାତ୍ର ହୋଇଛନ୍ତି । ସେହିପରି ବିଦ୍ୟାଳୟର ଚନ୍ଦନ ଗୁରୁଜୀ ଙ୍କ ସଫଳତା ନିମନ୍ତେ ବିଦ୍ୟାଳୟ ତରଫରୁ ପ୍ରଶଂଶା କରାଯାଇଛି ।

ବିଦେଇପୁର ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ଚତୁର୍ଥ ମାସିକ ବୈଠକ

ବାସୁଦେବପୁର, ୦୩/୧୦ (ଆ.ପ୍ର) : ଶିକ୍ଷାର ମୂଳଦୁଆ ଯେତେ ସୁଦୃଢ଼, ଭବିଷ୍ୟତ ସେତେ ଉଜ୍ଜ୍ୱଳ । ପ୍ରାଥମିକ ସ୍ତରରେ ଶିକ୍ଷାର ଗୁଣାତ୍ମକ ବିକାଶ ସହ ଶିକ୍ଷଣ ପଦ୍ଧତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ବିଦେଇପୁର ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଛି । ବାସୁଦେବପୁର ବ୍ଲକ ଗଦେଇବିନ୍ଧା ପ୍ରାଥମିକ ବିଦ୍ୟାଳୟରେ ବସିଥିବା ଏହି ବୈଠକରେ ୧୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍ଏଲ୍ଏନ୍ ଶିକ୍ଷକମାନେ ସାମିଲ ହୋଇ ଶିକ୍ଷାର ବିକାଶ ନେଇ ଆଲୋଚନା କରିଛନ୍ତି । ଶିକ୍ଷା କେବଳ ପାଠ ପଢ଼ିବା ନୁହେଁ, ଶିକ୍ଷା ହେଉଛି ଭବିଷ୍ୟତ ଗଢ଼ିବାର ମୂଳମନ୍ତ୍ର । ଆଉ ଏହି ମୂଳମନ୍ତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗଦେଇବିନ୍ଧା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି ବିଦେଇପୁର ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ଚତୁର୍ଥ ମାସିକ ବୈଠକ । ବୈଠକରେ ବିଦେଇପୁର ଆଂଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ୧୩ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ଏଫ୍ଏଲ୍ଏନ୍ ଶିକ୍ଷକ ଯୋଗଦେଇଥିଲେ । ମୌଳିକ ଶିକ୍ଷାର ଗୁଣାତ୍ମକ ବିକାଶ ଶିକ୍ଷଣ ପଦ୍ଧତିରେ ନୂଆ ପ୍ରୟୋଗ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି- ବୈଠକରେ ଏସବୁ ଦିଗ ଉପରେ ହୋଇଥିଲା ବିସ୍ତୃତ ଆଲୋଚନା । ଗ୍ୟାଲେରୀ କାର୍ଯ୍ୟଠାରୁ ଆରମ୍ଭ କରି ମୌଳିକ ସାକ୍ଷରତା ମୌଳିକ ସଂଖ୍ୟାଜ୍ଞାନ ଦଳଗତ ଉପସ୍ଥାପନ ସମେତ ବିଭିନ୍ନ ଶିକ୍ଷାଗତ ବିଷୟକୁ ନେଇ ଶିକ୍ଷକମାନେ ନିଜ ଅନୁଭୂତି ଓ ଅଭିଜ୍ଞତା ବାଂଟିଥିଲେ । ଏଥିସହ ଏଫ୍ଏଲ୍ଏନ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ସହ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଦକ୍ଷତା କିଭଳି ବଢ଼ିବ, ସେନେଇ ଆବଶ୍ୟକ ପରାମର୍ଶ ମଧ୍ୟ ଦିଆଯାଇଥିଲା । ବୈଠକରେ ଆଂଚଳିକ ସାଧନକେନ୍ଦ୍ର ସଂଯୋଜକ ଅଶୋକ କୁମାର ନାୟକ, ସିଆର୍‌ସି କାର୍ତ୍ତିକ ଚନ୍ଦ୍ର ରାଉଳ, ପ୍ରଧାନ ଶିକ୍ଷକ ସୁଦର୍ଶନ ମିଶ୍ର, ପ୍ରଧାନ ଶିକ୍ଷକ ପରମେଶ୍ୱର ଟୁଡୁ, ସହଶିକ୍ଷକ ଅନନ୍ତ ପ୍ରସାଦ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ପ୍ରାଥମିକ ଶିକ୍ଷାର ମାନ ବଢ଼ାଇବା ସହ ପ୍ରତ୍ୟେକ ଶିଶୁର ମୌଳିକ ଶିକ୍ଷାକୁ ସୁଦୃଢ଼ କରିବା । ଏହାହିଁ ଥିଲା ଏହି ମାସିକ ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଶିକ୍ଷକଙ୍କ ଅନୁଭବ, ପରାମର୍ଶ ଓ ନୂଆ ଶିକ୍ଷଣ ପଦ୍ଧତିର ସମନ୍ୱୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ଆହୁରି ଫଳପ୍ରଦ କରିବା ଦିଗରେ ଏଭଳି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପାଲଟିଛି । ଶିକ୍ଷାର ଗୁଣାତ୍ମକ ବିକାଶ ଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧି ଆଉ ଏକ ସୁଦୃଢ଼ ଭବିଷ୍ୟତ ଗଢ଼ିବାର ସଂକଳ୍ପ । ବିଦେଇପୁର ଆଂଚଳିକ ସାଧନକେନ୍ଦ୍ରର ଏହି ଚତୁର୍ଥ ମାସିକ ବୈଠକରେ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ରହିଥିଲା ଗୁରୁତ୍ୱପୂର୍ଣ୍ଣ ଆଲୋଚନା ।

ରାୟଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ

ରାୟଗଡ଼, ୦୩/୧୦ (ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ଆଜି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ପୌରପରିଷଦ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସକାଳୁ ରାମଧୁନ ପ୍ରଚାର କରାଯାଇଥିଲା । ପରବର୍ତ୍ତୀ ସମୟରେ ଗଜପତି ଛକଠାରୁ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଶୋଭାଯାତ୍ରାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ପଂଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଟୁନି ହୁଇକା,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ର ନାଥ କହଁର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ ପ୍ରଫେସର ଦୁଷ୍ମନ୍ତ କୁମାର ମହାନ୍ତି, ରାୟଗଡ଼ ଓକିଲ ସଂଘ ସଭାପତି ବ୍ରଜସୁନ୍ଦର ନାୟକ, ସମାଜସେବୀ ଟି. ଗୌରୀ, ବରିଷ୍ଠ ନାଗରିକ ସତ୍ୟବାଦୀ ପତି ଓ ପ୍ରତାପ ଚନ୍ଦ୍ର ବାଉରୀଙ୍କ ସମେତ ୱାକର୍ସ କ୍ଲବ୍‌ର ସଦସ୍ୟ, ପୋଲିସ ପ୍ରଶାସନର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ, ଓ ସାଧାରଣ ଜନତା ରାୟଗଡ଼ ଯୋଗଦେଇଥିଲେ । ଶୋଭାଯାତ୍ରା ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାପରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଏଥିରେ ହିନ୍ଦୁ ଧର୍ମ ପକ୍ଷରୁ ଗଙ୍ଗା କିଶୋର ବ୍ରହ୍ମା, ମୁସଲିମ ଧର୍ମ ପକ୍ଷରୁ ହାଫିଜ ଶେଖ ମେହେବୁବ ଆଲମ୍ ଏବଂ ଖ୍ରୀଷ୍ଟିଆନ ଧର୍ମ ପକ୍ଷରୁ ଆଣ୍ଟୁ ବାଡିଲି ପ୍ରାର୍ଥନା ପରିଚାଳନା କରିଥିଲେ । ସର୍ବଧର୍ମ ପ୍ରାର୍ଥନା କାର୍ଯ୍ୟକ୍ରମରେ ସମସ୍ତ ଶୋଭାଯାତ୍ରୀଙ୍କ ସମେତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟ କୁମାର ନନ୍ଦ, ପୌରପାଳିକା ଉପାଧ୍ୟକ୍ଷା ଶ୍ରମିତା ପାତ୍ରୀ, ପୌରପାଳିକାର କାଉନସିଲର, ପୋଲିସ ପ୍ରଶାସନର ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜନପ୍ରତିନିଧି, ବରିଷ୍ଠ ନାଗରିକ ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ଏହାପରେ ପିଏମ୍ଶ୍ରୀ ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ 'ସେବା ସଙ୍କଳ୍ପ ଅଭିଯାନ' ଉପଲକ୍ଷେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ରକ୍ତଦାନ କାର୍ଯ୍ୟକ୍ରମର ପରିଚାଳନା ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ ପୂଜାରୀ କରିଥିଲେ । ଏହାପରେ ପିଏମଶ୍ରୀ ଜିସିଡି ଜିଲ୍ଲା ଉଚ୍ଚ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଓ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଉପଲକ୍ଷେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଦୁଷ୍ମନ୍ତ କୁମାର ମହାନ୍ତି ଏବଂ ରାୟଗଡ ବାଳିକା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଶ୍ରୀ ରୌମ୍ୟ ରଞ୍ଜନ ସାହୁ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୀବନ, ଆଦର୍ଶ ଓ ଦେଶ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ପିଏମ୍ଶ୍ରୀ ଜିସିଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପଧାନ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ଷୋଟି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ଏବଂ ସ୍ୱଚ୍ଛତା କାର୍ଯ୍ୟରେ ଅବଦାନ ପାଇଁ ପୌରପାଳିକାର ସଫେଇ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା ଓ ସର୍ବଧର୍ମ ସମନ୍ୱୟର ଆଦର୍ଶ ଏବଂ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସରଳତା, ନିଷ୍ଠା, ଦେଶସେବାଓ କର୍ତ୍ତବ୍ୟପରାୟଣତାକୁ ଜୀବନରେ ଅନୁସରଣ କରି ଏକ ସ୍ୱଚ୍ଛ, ଶାନ୍ତିପୂର୍ଣ୍ଣ ଓ ଦାୟିତ୍ୱବାନ ସମାଜ ଗଠନ ଦିଗରେ ଆଗେଇ ଯିବା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା । ସମସ୍ତ କାର୍ଯ୍ୟକ୍ରମର ଉପସ୍ଥାପକ ଭାବେ ଶିକ୍ଷାବିତ ଶ୍ରୀ ଅଶୋକ କୁମାର ଦାଶ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ରାୟଗଡ଼ଙ୍କ ସମନ୍ୱୟରେ କାର୍ଯ୍ୟକ୍ରମର ସମସ୍ତ ଆୟୋଜନ ଓ ପରିଚାଳନା କରାଯାଇଥିଲା ।

ଆରମ୍ଭ

SEITHO ARAMBHA

ବନ୍ୟା ପ୍ରଭାବିତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପରିଖିରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ

ବାଲେଶ୍ୱର, ୦୩/୧୦ (ଆ.ପ୍ର) : ବନ୍ୟା ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରିଖି ପଂଚାୟତରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି । ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ପରିବାରଗୁଡ଼ିକଙ୍କ ନିକଟରେ ଚିକିତ୍ସା ସେବା ପହଂଚାଇବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ତୁରନ୍ତ ଚିହ୍ନଟ ଓ ଚିକିତ୍ସା ସୁନିଶ୍ଚିତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ । ଏହି ଶିବିରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ଯୋଗଦେଇ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ସାକ୍ଷାତ କରିଥିଲେ । ସେମାନେ ପ୍ରଭାବିତ ପରିବାରଗୁଡ଼ିକଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଚିକିତ୍ସା ଆବଶ୍ୟକତା ଏବଂ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟା ପରେ ଜଳବନ୍ଦୀ ପରିସ୍ଥିତି କାରଣରୁ ବିଭିନ୍ନ ପ୍ରକାରର ରୋଗ ସଂକ୍ରମଣର ଆଶଙ୍କା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଆବଶ୍ୟକ ଔଷଧ ସେବନ, ପରିଷ୍କାର ପାନୀୟ ଜଳ ବ୍ୟବହାର ଓ ସ୍ୱାସ୍ଥ୍ୟ ସଚେତନତା ଉପରେ ଏହି ଶିବିରରେ ଗୁରୁତ୍ୱ ଦିଆଯାଇଥିଲା । ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ଲୋକଙ୍କୁ ଚିକିତ୍ସା ପରାମର୍ଶ ଓ ଔଷଧ ଯୋଗାଇ ଦିଆଯାଇଥିଲା । ଏହି ଅବସରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ କୁମାର ଦତ କହିଥିଲେ ଯେ, ବନ୍ୟା ଭଳି ଦୁର୍ବିପାକ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବା ଆମର ଦାୟିତ୍ୱ । ବନ୍ୟା ପରେ ଲୋକଙ୍କ ଜୀବନ ସ୍ୱାଭାବିକ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ପ୍ରଭାବିତ ପରିବାରଗୁଡ଼ିକୁ ଏହି କଠିନ ସମୟରେ ଆବଶ୍ୟକତା ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରୟାସ ଜାରି ରହିବ । ବନ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ସମସ୍ୟାକୁ ଅଣଦେଖା ନକରି ଲୋକମାନେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେବା ଏବଂ ସ୍ୱଚ୍ଛତା ଓ ସୁରକ୍ଷିତ ପାନୀୟ ଜଳ ପ୍ରତି ସଚେତନ ରହିବାକୁ ଉଭୟ ନେତା ଆହ୍ୱାନ ଦେଇଥିଲେ । ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ହିଁ ପ୍ରଥମ ପ୍ରାଥମିକତା । ଲୋକଙ୍କ ଦୁଃଖ ଓ ଅସୁବିଧାରେ ସେମାନଙ୍କ ସହ ରହି, ଆବଶ୍ୟକ ସେବା ଓ ସହଯୋଗ ପହଂଚାଇବା ପାଇଁ ଜନପ୍ରତିନିଧି ଓ ପ୍ରଶାସନର ସମନ୍ୱିତ ପ୍ରୟାସ ଜାରି ରହିବ ବୋଲି ଏହି ଅବସରରେ ପ୍ରକାଶ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ସରପଂଚ କାର୍ତ୍ତିକ ରାଉତ, ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ବିକାଶ ମାଇତି, ଅମଳ ପ୍ରଧାନ, ରାଜୀବ କର, ମାମୁନି ହାତୀ, ବାବୁଲାଲ ସିଂ, ସରୋଜ ପରିଡ଼ା, ମୋହନ ପଣ୍ଡା, ଅନିଲ ପାତ୍ର, ଅସୀମ ମହାନ୍ତି, ସଂଯୁକ୍ତା ଜେନା, ବୁଲବୁଲି ଖଣ୍ଡାର, ବିନୟ ସେନାପତି, ବୁଲୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

'ମୋ ଯୁବ ଭାରତ' ପକ୍ଷରୁ 'ମୁନ କମ୍ୟୁନିକେସନ' ପାଳନ କଲା ସେବା ପକ୍ଷ

ବାଲେଶ୍ୱର, ୦୩/୧୦ (ଆ.ପ୍ର) : ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅନ୍ତର୍ଗତ 'ମେରା ଯୁବ ଭାରତ' ବାଲେଶ୍ୱର ଓ ସାମାଜିକ ସଂଗଠନ 'ମୁନ କମ୍ୟୁନିକେସନ'ର ମିଳିତ ସହଯୋଗରେ ବିଭିନ୍ନ ଗ୍ରାମରେ ସେବା ପକ୍ଷ ପାଳିତ ହୋଇଯାଇଛି । ସଂଗଠନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯାଇ ଥିଲା । ତପସୀ ଗ୍ରାମରେ ଅନୁଷ୍ଠିତ ମହିଳାମାନଙ୍କ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ପଙ୍କଜିନୀ ଦାସ, ଶ୍ରୀମତୀ ସବିତା ନାୟକ ଯୋଗ ଦେଇ ପରିବେଶ ପାଇଁ ବୃକ୍ଷରୋପଣ କରିବା ସହ ସବୁଜ ପୃଥିବୀ ପାଇଁ ବ୍ୟାପକ ଚାରା ରୋପଣ କରିବାକୁ ଶପଥ ପାଠ କରାଇଥିଲେ । ଯୁବକମାନଙ୍କ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଶାନ୍ତ କୁମାର ଦାସ ଯୋଗ ଦେଇ ଗ୍ରାମୀଣ ସୁସ୍ଥ ପରିବେଶ ପାଇଁ ବିଭିନ୍ନ ଯୁବକ ସଂଘର ସଦସ୍ୟମାନଙ୍କ ଦ୍ୱାରା ଗୁହୁ ଗ୍ରାମରେ ଜଳାଶୟରୁ ଦଳମୁକ୍ତ କରାଯାଇ ଥିଲା । ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ବିଦ୍ୟାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମ ରଣସାହି ସ୍ଥିତ ୟୁନିଅନ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ, ସହକାରୀ ଶିକ୍ଷକ ଜୟନ୍ତ କୁମାର ଦାସ, କର୍ତ୍ତିକ ଜେନା, ପୂର୍ଣ୍ଣତୟା ପଣ୍ଡା ଯୋଗ ଦେଇ ସ୍ୱଚ୍ଛତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରି ବିଦ୍ୟାଳୟ ପରିସରରେ ଗଛ ରୋପଣ ସହ ଛାତ୍ରଛାତ୍ରୀ ମାନଙ୍କୁ ଏକକ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଲକ୍ଷ୍ମୀଧର ଜେନା ପରିଚାଳନା କରିଥିଲା ବେଳେ ସୂର୍ଯ୍ୟକାନ୍ତ ନାୟକ, ଅମ୍ବିକା ପ୍ରସାଦ ନାୟକ, ରଶ୍ମିତା ବେହେରା, ମୀରାମ୍ବିକା ଦାସ ପ୍ରମୁଖ ସହଯୋଗ କରିଥିଲେ ।

ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭୋଗରାଇ, ୦୩/୧୦ (ଆ.ପ୍ର) : ଭୋଗରାଇ ବ୍ଲକ ବାରବାଟିଆ ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଖଟୁଆଙ୍କ ଅଧ୍ୟକ୍ଷତାରେ ଏକ ସଭାରେ 'ମାନବ ସେବା ହିଁ ମାଧବ ସେବା' ବୋଲି ପ୍ରକାଶ କରିଥିଲେ । ପୂର୍ବତନ ପ୍ରୋଗ୍ରାମ ଅଫିସର ପ୍ରଦୀପ କୁମାର ପରିଡ଼ା ଜାତୀୟ ସେବା ଯୋଜନାରେ କିପରି ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳା ଓ ସାମାଜିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶହେ ଜଣ କଳା ଓ ବିଜ୍ଞାନ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରି ଉକ୍ତ ବିଦ୍ୟାଳୟ ପ୍ରାଙ୍ଗଣକୁ ଶାନ୍ତି ଶୃଙ୍ଖଳା ସହିତ ପରିଷ୍କାର କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ରାଜକୁମାର ଦେବାଂଶୁ ପାତ୍ର, ଜଗନ୍ନାଥ ଜେନା, ଅଧ୍ୟାପିକା ଗୀତିସୁଧା ଦତ, ଅଣଶିକ୍ଷ କର୍ମଚାରୀ ବିଜୟ କୁମାର ମହାନ୍ତି, ସଞ୍ଜିବ କୁମାର ହାତୀ, ଅଜିତ କୁମାର ପାତ୍ର, ରଞ୍ଜନ କୁମାର ଆଚାର୍ଯ୍ୟ, ଶୁଭେନ୍ଦୁ କୁମାର ନାୟକ, ହରିଶଙ୍କର ଦତ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ଆନ୍ତର୍ଜାତୀୟ ଅହିଂସା ଦିବସ

ଭୁବନେଶ୍ୱର, ୦୩/୧୦ (ଆ.ପ୍ର) : ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ 'ଅହିଂସା ସ୍ଥଳ'ରେ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଆନ୍ତର୍ଜାତୀୟ ଅହିଂସା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଅହିଂସା ଓ ଶାନ୍ତିର ଆଦର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ପି ଜି କାଉନସିଲ୍ ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ପୂର୍ବତନ ଛାତ୍ର ସଂଘ ସଦସ୍ୟ ଏବଂ ବହୁ ସଂଖ୍ୟାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତେ ଶାନ୍ତି ଓ ଅହିଂସାର ଶପଥ ଗ୍ରହଣ କରିବା ସହିତ କ୍ୟାମ୍ପସରେ ଏକ ସ୍ୱଚ୍ଛତା ଅଭିଯାନ ଓ 'ନିଶାମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

ନାବାଳିକା ଅପହରଣ ଅଭିଯୋଗ, ଉଦ୍ଧାର ହେଲେ ନାବାଳକ ଓ ନାବାଳିକା

ଭୋଗରାଇ, ୦୩/୧୦ (ଆ.ପ୍ର) : ଭୋଗରାଇ ଥାନା ଅଧୀନ ଲକ୍ଷ୍ମୀପାଟଣା ଫାଣ୍ଡି ଅଂଚଳର ଏକ ଗ୍ରାମରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ସେହି ଗ୍ରାମର ପାଖ ପଡୋଶୀ ସମାନ ବୟସର ନାବାଳକ ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ଭୋଗରାଇ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଭୋଗରାଇ ପୋଲିସ ୨୨୨/୨୬ ରେ ବିଭିନ୍ନ ଦଫାରେ ମାମଲାରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିଲେ । ଦୀର୍ଘ ଅଢେଇ ମାସ ଧରି ଆତ୍ମଗୋପନ କରିଥିବା ନାବାଳକ ଓ ନାବାଳିକାଙ୍କ ଗତିବିଧି ଓ ଫୋନ ଟ୍ରାକିଂ ଉପରେ ପୋଲିସ ତଲାସୀ ଜାରି ରଖିଥିଲେ । ଆଇଆଇସି ଜ୍ଞାନରଞ୍ଜନ ସାହୁଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଆନ୍ଧ୍ରପ୍ରଦେଶର ନନ୍ଦିଗ୍ରାମ ମୁପାଲା ଥାନା ଅଧୀନ ଏକ ସ୍ଥାନରୁ ୨ ଜଣଙ୍କୁ ପୋଲିସ କାବୁକରି ଭୋଗରାଇ ଥାନାକୁ ଶନିବାର ଆଣିଥିଲେ । ୨ ଜଣଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ନାବାଳକଙ୍କୁ ବାଲେଶ୍ୱର ବାଳ ଅପରାଧ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାକୁ ଏକ ମହିଳା ସାମାଜିକ ସଂସ୍ଥାକୁ ପଠାଯାଇଥିବାର ସୂଚନା ମିଳିଛି । ଉଭୟ ନାବାଳକ ଓ ନାବାଳିକା ପ୍ରେମସମ୍ପର୍କ ଯୋଗୁଁ ଏଭଳି ଘଟଣା ଘଟିଥିବାର ସୂଚନା ମିଳିଛି ।

ଦୁଇ ଶିକାରୀ ଗିରଫ, ଦେଶି ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ୍

ନୀଳଗିରି, ୦୩/୧୦ (ଆ.ପ୍ର) : କୁଲଡ଼ିହା ଅଭୟାରଣ୍ୟର ପଂଚଲିଙ୍ଗେଶ୍ୱର ବିଟ୍ ହାଉସ ଅଧିନସ୍ଥ ଖୁମିକୁଟ୍ ଅଂଚଳରେ ସନ୍ଦିଗ୍ଧ ଶିକାରୀ ମାନେ ଶିକାର ପାଇଁ ପ୍ରବେଶ କରିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ କର୍ମଚାରୀମାନେ ଖୋଜାଖୋଜି ଓ ଚଢାଉ କରିଥିଲେ । ପରେ ବନ କର୍ମଚାରୀ ମାନେ ବୃରିକା ଗ୍ରାମର ନନ୍ଦିଆ ମୁର୍ମୁ (୪୧)ଙ୍କ ଘରେ ଚଢାଉ କରି ତାଠାରୁ ଗୋଟିଏ ଦେଶୀ ବନ୍ଧୁକ, ଫାସ ଜାଲ, ଓ ପଂଚ ଗ୍ରାମର କଳା ବାରୁଦ ଜବତ୍ କରିଥିଲେ । ପରେ ଉକ୍ତ ଗ୍ରାମର ଶ୍ୟାମ ସିଂ(୨୮) ଚଢାଉ କରି ତା ଠାରୁ ଗୋଟିଏ ଧନୁ, ଗୋଟିଏ ତିର, ଜାଲ ଫାସ ଜବତ୍ କରାଯାଇଥିବା ବେଳେ ଦୁଇ ଶିକାରି ଗିରଫ କରି ବନ୍ୟ ଜୀବ (ସୁରକ୍ଷା) ଅଧିନିୟମ, ୧୯୭୨ ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଓ.ଆର୍ କେସ୍ ନଂ ୧୧ କେ ୨୦୨୬-୨୭ ରୁଜୁ କରାଯାଇଛି । ଏହି ଚଢାଉରେ ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, ପଂଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ, ଫରେଷ୍ଟ ଗାର୍ଡ଼ ଜୟଲକ୍ଷ୍ମୀ ପୁଜାଣ, ପ୍ରଦୀପ କୁମାର ରାଉତ, ରାକେଶ କୁମାର ବାରିକ୍, ଆଂଟି-ପୋଚିଂ ସ୍କ୍ୱାଡ୍ ଜୟନ୍ତ କୁମାର ସେଠୀ ପ୍ରମୁଖ ସାମିଲ୍ ଥିଲେ ।

ସାମାଜିକ ବ୍ୟବସ୍ଥା ଓ ରଜନୀତିକ ଅବସ୍ଥା ଏକା ନୁହେଁ:ପ୍ରଫେସର ସଞ୍ଜୟ ହାତୀ

ନୀଳଗିରି, ୦୩/୧୦ (ଆ.ପ୍ର) : ଭାବ ହୃଦୟରୁ ଆସେ, ମାତ୍ର ଭାବନା ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୁଏ । ସମାଜ ବ୍ୟକ୍ତୀର ନୁହେଁ, ସମାଜ ଗୋଷ୍ଠୀର ଅଟେ । ଗୋପାଳ ଛୋଟରାୟଙ୍କ ନାଟକରେ ଆଦର୍ଶବାଦ ଫୁଟି ଉଠିଛି । ଗୋପାଳ ବାବୁ ବହୁଧା ବିବଧିକୃତା ନାଟକର ସ୍ରଷ୍ଟା ଅଟନ୍ତି । ଗୋପାଳ ଛୋଟରାୟଙ୍କ ନାଟକ ଗୁଡ଼ିକ ଆବେଗପୂର୍ଣ୍ଣ ଅଟେ । ବଂଚିବାକୁ ହେଲେ ଆଦର୍ଶର ସହାୟତା ଲୋଡା । ନାଟ୍ୟକାର ଗୋପାଳ ଛୋଟରାୟ ଭାରତୀୟ ପରମ୍ପରା ଓ ସଂସ୍କୃତିର ଉପାସକ ଅଟନ୍ତି । ବାସ୍ତବତା ଓ ମୂଲ୍ୟବୋଧ ବିନା ନାଟକ ମୂଲ୍ୟହୀନ । ନାଟ୍ୟକାରର ସ୍ୱଧର୍ମ ନାଟ୍ୟକାର ଜଡ଼ିତ । ରସ ନାଟ୍ୟକାରଙ୍କୁ କାଳଜୟୀ ସମ୍ପର୍କ ସର୍ବଦା ସାମାଜିକ କର୍ତ୍ତବ୍ୟ ପାଳନ ଅଟେ । ସମାଜର ସମସ୍ୟା ସହ ଆସ୍ୱାଦନ ପ୍ରକ୍ରିୟା କରେ । ନାଟକରେ କଳାତ୍ମକ ମୂଲ୍ୟବୋଧର କଥା କହେ ।



ସର୍ବୋପରି ଓଡ଼ିଆ ନାଟକର ବିକାଶକ୍ରମରେ ବିଶ୍ୱନାଟ୍ୟଚେତନା ନିହିତ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ଶହେ ଏକ ତିରିଶ ତମ ପାଠଚକ୍ରରେ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ନାଟକୀୟ ବୈଶିଷ୍ଟ୍ୟ ଶୀର୍ଷକରେ ଅତିଥି ଭାବରେ ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର, ଆଲୋଚକ ଭାବରେ ନାଟ୍ୟକାର ପ୍ରଫେସର ସଞ୍ଜୟ କୁମାର ହାତୀ ଓ କିସ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ରଶ୍ମିତା ତ୍ରିପାଠୀ ନିଜନିଜ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କଣ୍ଠଶିଳ୍ପୀ ଭାର୍ଗବୀ ରାଉତ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଦୂରଦର୍ଶନର ଚଳଚିତ୍ର ନିର୍ଦ୍ଦେଶକ ବିକାଶ କୁମାର ପ୍ରଧାନ କୃତଜ୍ଞତା ପ୍ରଦାନ କରିଥିଲେ । ଏଥିରେ ଶତାଧିକ ଶ୍ରୋତା ଯୋଗଦାନ କରିଥିଲେ ।

ପୂର୍ବତନ ନୀଳଗିରି କଲେଜଛାତ୍ର ତଥା ମାରାଥନର ଡମ୍ବରୁଧର ଚଣ୍ଡଙ୍କୁ ବୋଷ୍ଟନ ଡାକରା ଅର୍ଥପାଇଁ ଲୁଚିଯିବନି ତ ପ୍ରତିଭା



ନୀଳଗିରି, ୦୩/୧୦ (ଆ.ପ୍ର) : ନୀଳଗିରି କଲେଜର ୧୯୮୮ରୁ ୧୯୯୧ବ୍ୟାଚ ଛାତ୍ର ଡମ୍ବରୁଧର ଚଣ୍ଡଙ୍କ ପ୍ରତିଭାରେ ସମଗ୍ର ରାଜ୍ୟ ସମେତ ଦେଶରେ ଚର୍ଚ୍ଚା ।୫୦+ବର୍ଗ ମାରାଥନରେ ଅଂଶଗ୍ରହଣ କରି ଆଣିଛନ୍ତି ଦେଶପାଇଁ ଗୌରବ । ୫୭ବର୍ଷୀୟ ଡମ୍ବରୁଧରଙ୍କୁ ୨୦୨୭ମସିହା ଏପ୍ରିଲ ୧୯ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ବୋଷ୍ଟନ ସହରରେ ଅନୁଷ୍ଠିତ ହେବାକୁଥିବା ୧୩୧ତମ ବୋଷ୍ଟନମାରାଥନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାପାଇଁ ଆମନ୍ତ୍ରଣ ଆସିଛି । ବାଲେଶ୍ୱର ସହରର ଅନତି ଦୂରରେ କୁରୁଡ଼ା ନିକଟବର୍ତ୍ତୀ ନୁଡିପାଟଣା ଗ୍ରାମରେ ୧୯୭୦ମସିହା ମେ ୭ତାରିଖରେ ଜନ୍ମିତ ଶ୍ରୀ ଚଣ୍ଡ ପିଲାବେଳୁ ଦୌଡ଼କୁଦରେ ରୁଚି ରଖିଥିଲେ । ପରବର୍ତ୍ତୀ ସମୟରେ ସ୍କୁଲ, କଲେଜ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସଫଳତାର ସହ କୃତିତ୍ୱଅର୍ଜନ କରିଥିଲେ । ତେବେ ଦୌଡରେ ତାଙ୍କର ଦୁର୍ବଳତା ଥିବାରୁ ବ୍ଲକସ୍ତରରୁ ଆରମ୍ଭକରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମୟରେ ଅଂଶଗ୍ରହଣକରି ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମକରି ଅନେକଗୁଡ଼ିଏ ମେଡାଲ ହାସଲ କରିଛନ୍ତି । ବିଗତ ଦୁଇବର୍ଷ ମଧ୍ୟରେ ୨୪ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଂଚଳରେ ମାରାଥନରେ ଅଂଶଗ୍ରହଣକରି ୧୭ଟି ମଂଚରୁ (ପୋଡ଼ିଅମ୍) ମେଡାଲ ହାସଲ କରିଛନ୍ତି । ଏଥିସହ ଏକମାତ୍ର ଓଡ଼ିଆ ଭାବେ ଲଦାଖ ମାରାଥନରେ ୨ସ୍ଥାନ ଅଧିକାରକରି ପଦକ ହାସଲକରି ଓଡିଶାପାଇଁ ଗୌରବ ଆଣିଛନ୍ତି । ଗତ ୨୩ତମ ଏସିଆଡ୍ ମାଷ୍ଟର୍ ଚମ୍ପିଆନସିପର ୧୫୦୦ମିଟର ଦୌଡରେ ଦ୍ୱିତୀୟସ୍ଥାନ ଅଧିକାରକରି ରୌପ୍ୟପଦକ ହାସଲ କରିଛନ୍ତି । ଚଳିତ ଅକ୍ଟୋବର ୪ତାରିଖରେ ଦିଲ୍ଲୀଠାରେ ଆୟୋଜିତ ସେଖୋନ୍ ଭାରତୀୟ ଏୟାରଫୋର୍ସ ୨୦୨୬ ମାରାଥନରେ ଅଂଶଗ୍ରହଣ କରିବାକୁ ଦିଲ୍ଲୀରେ ଅଛନ୍ତି ।ଶ୍ରୀଯୁକ୍ତ ଚଣ୍ଡ ୫୭ବର୍ଷରେ ଏବେବି ଅକିପଡିକଥିବା ବେଳେ ଏବେ ସେ ଆମେରିକାର ବୋଷ୍ଟନ ମାରାଥନରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଏଥିପାଇଁ ତାଙ୍କୁ ୨ ୭ହଜାର ଟଙ୍କାର ରେଜିଷ୍ଟ୍ରେସନ୍ ଫିସ ଦେବାକୁ ପଡିଛି । ତେବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁହେଲେ ଯିବାଆସିବା, ରହିବା ଓ ଖାଇବାପିଇବା ପାଇଁ ପାଖାପାଖି ୩ଲକ୍ଷ ଟଙ୍କାର ଆବଶ୍ୟକତା ଥିବାରୁ ଅର୍ଥ ତାଙ୍କପାଇଁ ବାଧକ ସାଜିଛି । ରାଜ୍ୟ ତଥା କେନ୍ଦ୍ରସରକାର ସାହାଯ୍ୟର ହାତ ବଢ଼ାଇଲେ ତାଙ୍କର ସ୍ୱପ୍ନପୂରଣ ହୋଇପାରନ୍ତା ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଶ୍ରୀ ଚଣ୍ଡ । ରାଜ୍ୟର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସମେତ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ପ୍ରତିଭାଙ୍କୁ ସମ୍ମାନ ଜଣାଇ ଆମେରିକା ଯିବାପାଇଁ ଯଦି ଅର୍ଥିକସାହାଯ୍ୟ କରନ୍ତି ତାହେଲେ ଜଣେ ସିନିଅର ପ୍ରତିଭା ତାଙ୍କର ବେଷ୍ଟ ପ୍ରତିପାଦନ କରିପାରନ୍ତେ ଏବଂ ରାଜ୍ୟ ଓ ଦେଶପାଇଁ ଗୌରବ ଅର୍ଜନ କରିପାରନ୍ତେ ବୋଲି କ୍ରୀଡ଼ାପ୍ରେମୀ ଆଶାବ୍ୟକ୍ତ କରିଛନ୍ତି ।

T.No.8895591768 of Dambarudhar chanda.

କଟିସାହି ପଂଚାୟତର ନୂତନ ଗୃହ ଉଦଘାଟିତ

ଭୋଗରାଇ, ୦୩/୧୦ (ଆ.ପ୍ର) : ଭୋଗରାଇ ବ୍ଲକ କଟିସାହି ପଂଚାୟତର ନୂତନ କାର୍ଯ୍ୟାଳୟ ଗୃହକୁ ବିଡ଼ିଓ ପ୍ରଶାନ୍ତ ମହାରଣା ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ । ଏହି ନୂତନ ପଂଚାୟତ ଗୃହ ପଂଚାୟତବାସୀଙ୍କ ଉଦ୍ଦେଶ୍ୟରେ ଉଦଘାଟିତ ହୋଇଥିବାରୁ ୧୩ ଟି ୱାର୍ଡର ଲୋକ ଉପକୃତ ହୋଇପାରିବେ ବୋଲି ବିଡ଼ିଓ ସୂଚନା ଦେଇଥିଲେ । ତାପରେ ଏକ ସାଧାରଣ ସଭାରେ ସରପଂଚ ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସଦସ୍ୟ ଅରୁଣ ପ୍ରଧାନ ସଂଚାଳନ କରିଥିଲେ । ମୁଖ୍ୟ ଅତିଥି ବିଡ଼ିଓ ଶ୍ରୀ ମହାରଣା, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ଆଶିଷ ପାତ୍ର, ଆଇନଜୀବୀ ଭୁବନାନନ୍ଦ ଦାସ, ସମାଜସେବୀ ସଞ୍ଜିବ ସାହୁ, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ବାଉଁଶଡିହା ସମବାୟ ସମିତିର ସଭାପତି ଗୀତାରାଣୀ ପରିଡ଼ା, ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରମଥ ବେହେରା, ଗୌରବ ହାସଁଦା, ସମାଜସେବୀ ବ୍ରଜହରି ମହାନ୍ତି, ପିଇଓ କ୍ରିଷ୍ଣାରାଣୀ ଜେନା ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପଂଚାୟତର ସମସ୍ତ ୱାର୍ଡ ମେମ୍ବର, ଆଶା, ଅଙ୍ଗନବାଡ଼ି କର୍ମୀ ଓ ମିଶନ ଶକ୍ତିର ଶତାଧିକ ମହିଳାମାନେ ଯୋଗଦେଇଥିଲେ ।

OFFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com
Quotation Call Notice
Quotation Bid Identification No. S.E.-KHD-(R&B)-03 / 2026-27

34001/934/2627

Letter No. 5208 dtd. 01.10.26

The Superintending Engineer, Khordha (R&B) Division, Khordha on behalf of Governor of Odisha invites Quotation rate bid in Single cover system in ONLINE MODE from eligible class of contractors having valid registration certificate for execution of the Works as detailed below:

1.	Nature of Work	:	Electrical
2.	No. of Work	:	01 No.
3.	Cost of Quotation bid document	:	Rs.4000.00(Online)
4.	Class of Contractor Electrical	:	Specialized agency having MoU with Contractor (MV/HT or Above) having valid license from ELBO also having OEM Authorization or MV/HT or Above Contractor having OEM Authorization
5.	Available of Quotation Bid Documents in the web site.	:	From 11.00 A.M of Dt 06.10.2026 to 5.00 PM of Dt 15.10.2026
6.	Opening of Quotation Bids	:	Dt 16.10.2026

Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR - 34001/34095/1/26-27/0017

Superintending Engineer
Khordha (R&B) Division, Khordha

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭାରତୀୟ ଜ୍ଞାନ ପ୍ରଣାଳୀ ପାଠ୍ୟକ୍ରମର ଶୁଭାରମ୍ଭ

ନୀଳଗିରି, ୦୩/୧୦ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରମାଣପତ୍ର ପାଠ୍ୟକ୍ରମର ଶୁଭାରମ୍ଭ ଆଭାସୀ ମାଧ୍ୟମରେ ହୋଇଯାଇଛି । ଜୁମ୍ ମାଧ୍ୟମରେ ଆୟୋଜିତ ଉଦଘାଟନୀ ଅଧିବେଶନରେ ଭାରତର ସମୃଦ୍ଧ ଓ ବିବିଧ ଜ୍ଞାନ ପରମ୍ପରାକୁ ନେଇ ଶୈକ୍ଷିକ ଅଧ୍ୟୟନ ଓ ଆଲୋଚନା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ସୁଯୋଗ ପ୍ରଦାନ କରାଯାଇଥିଲା । ଉଦଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇ.କେ.ଏସ୍) ର ଶୈକ୍ଷିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଭାରତର ସମୃଦ୍ଧ ବୌଦ୍ଧିକ ପରମ୍ପରା ସହ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ଯୋଡ଼ିବା ଏବଂ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଅଧ୍ୟୟନର ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ସେ ଉଲ୍ଲେଖ କରିଥିଲେ । ଆଇକେଏସ୍ ପାଠ୍ୟକ୍ରମର ନୋଡାଲ ଅଧିକାରୀ ତଥା ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ପ୍ରମାଣପତ୍ର ପାଠ୍ୟକ୍ରମର ଉଦ୍ଦେଶ୍ୟ, ପରିସର ଓ ଶୈକ୍ଷିକ ଗଠନ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଭିଇସିସିର ବୈଜ୍ଞାନିକ-ଜି ପ୍ରଫେସର ଯଯାତି କେଶରୀ ନାୟକ ଏବଂ ପ୍ରେସିଡେନ୍ସି ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ବରଦା ଲକ୍ଷ୍ମୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ତଥା କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ବିଶେଷ ଅତିଥି ଭାବେ ଉପସ୍ଥିତ ଥିଲେ । ଡକ୍ଟର ରଜତ କୁମାର ପ୍ରଧାନ ବକ୍ତା ଭାବେ ଯୋଗଦେଇ ଉଦଘାଟନୀ ଅଧିବେଶନରେ ଶୈକ୍ଷିକ ଆଲୋଚନାକୁ ସମୃଦ୍ଧ କରିଥିଲେ । ପାଠ୍ୟକ୍ରମ ପ୍ରତି ବିଭିନ୍ନ ଶୈକ୍ଷିକ ପୃଷ୍ଠଭୂମି ଓ ଅନୁଷ୍ଠାନରୁ ବ୍ୟାପକ ଆଗ୍ରହ ପ୍ରକାଶ ପାଇଛି । ଏଥିପାଇଁ ମୋଟ ୪୭୮ ଜଣ ଅଂଶଗ୍ରହଣକାରୀ ପଞ୍ଜୀକୃତ ହୋଇଛନ୍ତି । ପ୍ରାୟ ୩ରୁ ୪ ମାସ ଧରି ଚାଲିବାକୁ ଥିବା ଏହି ପାଠ୍ୟକ୍ରମରେ ଭାରତୀୟ ଜ୍ଞାନ ପ୍ରଣାଳୀର ବିଭିନ୍ନ ଦିଗ ଉପରେ କ୍ରମବଦ୍ଧ ଓ ନିରନ୍ତର ଅଧ୍ୟୟନର ସୁଯୋଗ ମିଳିବ । କାର୍ଯ୍ୟକ୍ରମ ଆରମ୍ଭରେ ଆଇକେଏସ୍ କକ୍ଷର ପାଠ୍ୟକ୍ରମ ସଂଯୋଜକ ଅରୁଣ କୁମାର ନାଏକ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପାଠ୍ୟକ୍ରମ ପରିଚାଳନାରେ ଡ଼କ୍ଟର ଦେବାଶିଷ ମିଶ୍ର, ଡ଼କ୍ଟର ସମୀର କୁମାର ଜେନା ଓ ଡ଼କ୍ଟର ଆକାଶ ମଲ୍ଲିକ ସହ-ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଶେଷରେ ଡ଼କ୍ଟର ଆକାଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ସହ ଭାରତୀୟ ଜ୍ଞାନ ପ୍ରଣାଳୀ ପ୍ରମାଣପତ୍ର ପାଠ୍ୟକ୍ରମର ନିୟମିତ ଶୈକ୍ଷିକ କାର୍ଯ୍ୟକଳାପ ଅନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ।

ସେଇଠୁ
ଆରମ୍ଭ
SEITHO ARAMBHA

ରବିବାର, ୦୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅଧିକାର

ସ୍ୱାସ୍ଥ୍ୟସେବା ଦେଉଥିବା ଡାକ୍ତରଖାନାଗୁଡ଼ିକ ମେଡ଼ିକାଲ କ୍ଲିନିକ୍ କଞ୍ଜ୍ୟୁମର ପ୍ରୋଟେକ୍ସନ ଆକ୍ଟ ଅଧୀନରେ ଆସନ୍ତି । ଯଦି ଡାକ୍ତରଙ୍କ ଦାୟିତ୍ୱହୀନତାର ମାମଲା ଦେଖାଯାଏ କିମ୍ବା ସେବାକୁ ନେଇ କୌଣସି ଅଭିଯୋଗ ରହେ ତେବେ ଉପଭୋକ୍ତା ବା ରୋଗୀ କ୍ଷତିପୂରଣ ପାଇଁ ଉପଭୋକ୍ତା ଅଦାଲତକୁ ଯାଇପାରନ୍ତି । ଭାରତରେ ମେଡ଼ିକାଲ କାଉନ୍ସିଲ ଅଫ୍ ଇଣ୍ଡିଆର ଦାୟିତ୍ୱ ହେଉଛି ଡାକ୍ତର କୋଡ଼ ଅଫ୍ ମେଡ଼ିକାଲ ଏଥିକ୍ସ ରେଗୁଲେସନ୍ ପାଳନ କରୁଛନ୍ତି ନା ନାହିଁ ତାହା ଉପରେ ନଜର ରଖିବା । କିନ୍ତୁ ଅନେକ ସମୟରେ ଅଭିଯୋଗ ହୁଏ ମେଡ଼ିକାଲ କାଉନ୍ସିଲ ସବୁ ସମୟରେ ଏହା କରିପାରୁନାହାନ୍ତି । ନିଜ ବହିରେ ଡାକ୍ତର ଗଦରେ ଏବଂ ଡାକ୍ତର ଶୁକ୍ଲ ରୋଗୀମାନଙ୍କର ଅଧିକାର ଏବଂ ଦାୟିତ୍ୱ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହା ଅନୁଯାୟୀ ପ୍ରତ୍ୟେକ ସଚେତନ ଡାକ୍ତରୀ ଉପଭୋକ୍ତା ଡାକ୍ତରଖାନାରେ ଦାଖଲ ହେବା ପୂର୍ବରୁ ୮ଟି ବିଷୟ ପ୍ରତି ନିହାତି ଧ୍ୟାନ ଦେବା ଦରକାର । ଜରୁରିକାଳୀନ ଡାକ୍ତର ସାହାଯ୍ୟ ଅଧିକାର : ଯଦି କୌଣସି ବ୍ୟକ୍ତି ଉଦ୍‌ବେଗଜନକ ଅବସ୍ଥାରେ ଡାକ୍ତରଖାନାରେ ପହଞ୍ଚନ୍ତି ତେବେ ସରକାରୀ ଏବଂ ଘରୋଇ ଡାକ୍ତରଖାନାର ଡାକ୍ତରଙ୍କର ଏହା ପ୍ରଥମ ଦାୟିତ୍ୱ ଯେ ସେମାନେ ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରୀ ସାହାଯ୍ୟ ଦେବେ । ଅର୍ଥାତ୍ ନିଶ୍ୱାସ ନେବାରେ ସମସ୍ୟା ହେଉଥିଲେ ଏଥିପାଇଁ ସହଯୋଗ ଦେବେ, ଶରୀରରେ କେତେ ରକ୍ତସ୍ରାବ ହୋଇଛି ଏହାର ଯାଞ୍ଚ କରିବେ । ରୋଗୀକୁ ତରଳ ଖାଦ୍ୟ ଦେବେ ଇତ୍ୟାଦି । ଜୀବନ ରକ୍ଷା ପାଇଁ ଆବଶ୍ୟକ ସମସ୍ତ ସ୍ୱାସ୍ଥ୍ୟ ସେବା ଦେଇ ସାରିବା ପରେ ଡାକ୍ତର ରୋଗୀଠାରୁ ଅର୍ଥ ମାଗିପାରିବେ କିମ୍ବା ପୋଲିସ୍‌କୁ ସୂଚନା ଦେବାର ପ୍ରକ୍ରିୟା ଆରମ୍ଭ କରିପାରିବେ । ପ୍ରତ୍ୟେକ ଡାକ୍ତରଖାନା ଗରିବ ରୋଗୀମାନଙ୍କୁ ଜରୁରିକାଳୀନ ଡାକ୍ତରୀ ସାହାଯ୍ୟ ଦେବା ପାଇଁ ଏକ ଆର୍ଥିକ ପାଣ୍ଠି ରଖିବା ନିମନ୍ତେ ପ୍ରସ୍ତାବ ରଖାଯାଇଛି । କିନ୍ତୁ ଏ ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇପାରିନାହିଁ । ଖର୍ଚ୍ଚ ଜାଣିବାର ଅଧିକାର : ପ୍ରତ୍ୟେକ ଡାକ୍ତରଖାନା ରୋଗୀକୁ ତାର ରୋଗ ବିଷୟ ଏବଂ ଚିକିତ୍ସାର କ'ଣ ପରିଣାମ ହେବ ତା ସଂପର୍କରେ ସୂଚନା ଦେବା ଆବଶ୍ୟକ । ଏହାସହ ରୋଗୀକୁ ଚିକିତ୍ସା ପାଇଁ କେତେ ଖର୍ଚ୍ଚ ହେବ, ଏହାର ଲାଭ ଓ କ୍ଷତି ଏବଂ ଚିକିତ୍ସାର ବିଭିନ୍ନ ବିକଳ୍ପ ସମ୍ପର୍କରେ ଜଣାଇବା ଆବଶ୍ୟକ । ଚିକିତ୍ସା ଏବଂ ଖର୍ଚ୍ଚ ବାବଦରେ ଡାକ୍ତରଖାନା ସ୍ଥାନୀୟ ଏବଂ ଇଂରାଜୀ ଭାଷାରେ ସୂଚନା ଦେବା ଆବଶ୍ୟକ । ଡାକ୍ତରଖାନା ଗୋଟିଏ ପୁସ୍ତିକା ମାଧ୍ୟମରେ ରୋଗୀଙ୍କୁ ଚିକିତ୍ସା, ଯାଞ୍ଚ ଆଦିର ଖର୍ଚ୍ଚ ସଂପର୍କରେ ଜଣାଇବା ପାଇଁ ପ୍ରସ୍ତାବ ମଧ୍ୟ ରହିଛି । ଏହାଦ୍ୱାରା ରୋଗୀର ପରିବାର ଚିକିତ୍ସା ପାଇଁ ହେଉଥିବା ଖର୍ଚ୍ଚକୁ ଠିକ୍ ଭାବରେ ବୁଝିପାରିବେ । ଯଦି ରୋଗୀ ଅନୁରୋଧ କରନ୍ତି ତେବେ ଡାକ୍ତରଖାନା ଲିଖିତ ଭାବରେ ଖର୍ଚ୍ଚ ସଂପର୍କରେ ସୂଚନା ଦେବା ପାଇଁ ବ୍ୟବସ୍ଥା ରହିଛି । ମେଡ଼ିକାଲ ରିପୋର୍ଟ ଏବଂ ରେକର୍ଡ଼ ଉପରେ ଅଧିକାର : କୌଣସି ରୋଗୀ ବା ତାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ଡାକ୍ତରଖାନାରୁ ରୋଗ ସମ୍ପର୍କିତ ସମସ୍ତ ଦସ୍ତାବିଜର ଫଟୋ କପି ହାସଲ କରିପାରିବାର ଅଧିକାର ରହିଛି । ଏସବୁ ଫଟୋକପି ଡାକ୍ତରଖାନାରେ ଭର୍ତ୍ତି ହେବାର ୨୪ ଘଣ୍ଟା ମଧ୍ୟରେ ଏବଂ ଡିସ୍‌ଚାର୍ଜ ହେବାର ୭୨ ଘଣ୍ଟା ମଧ୍ୟରେ ରୋଗୀ ବା ତାଙ୍କ ସମ୍ପର୍କୀୟଙ୍କୁ ଦିଆଯିବା ଆବଶ୍ୟକ । କୌଣସି ଡାକ୍ତରଖାନା ରୋଗୀଙ୍କୁ ତାଙ୍କର ମେଡ଼ିକାଲ ରେକର୍ଡ଼ ବା ରିପୋର୍ଟ ଦେବା ପାଇଁ ମନା କରିପାରିବେ ନାହିଁ । ଏହି ରେକର୍ଡ଼ ମଧ୍ୟରେ ରୋଗ ପରୀକ୍ଷଣ, ଡାକ୍ତର ବା ବିଶେଷଜ୍ଞଙ୍କ ରାୟ ଏବଂ ଡାକ୍ତରଖାନାରେ ଭର୍ତ୍ତି ହେବାର କାରଣ ଆଦି ସାମିଲ । ଡିସ୍‌ଚାର୍ଜ ହେବା ସମୟରେ ରୋଗୀକୁ ଏକ ଡିସ୍‌ଚାର୍ଜ କାର୍ଡ଼ ଦେବା ଆବଶ୍ୟକ । ଯେଉଁଥିରେ ରୋଗୀ ଭର୍ତ୍ତି ହେବା ସମୟରେ ସ୍ଥିତି, ପରୀକ୍ଷଣର ପରିଣାମ, ଡାକ୍ତରଖାନାରେ ରହିବା ସମୟର ଚିକିତ୍ସା, ଡିସ୍‌ଚାର୍ଜ ହେବା ପରର ଚିକିତ୍ସା, ଔଷଧ ଆଦି, କ'ଣ କ'ଣ ବିଷୟରେ ସାବଧାନ ରହିବାକୁ ହେବ, ପରବର୍ତ୍ତୀ ଯାଞ୍ଚ କେବେ କରାଯିବ ଏସବୁ ସଂପର୍କରେ ସୂଚନା ରହିବା ଆବଶ୍ୟକ । ଅନ୍ୟର ରାୟ ନେବା ଅଧିକାର : ଯଦି ଆପଣ ଡାକ୍ତରଖାନାରେ କୌଣସି ଡାକ୍ତରଙ୍କ ଚିକିତ୍ସା ପ୍ରଣାଳୀରେ ସନ୍ତୁଷ୍ଟ ନୁହନ୍ତି ତେବେ ଆପଣ ଅନ୍ୟ ଡାକ୍ତରଙ୍କ ପରାମର୍ଶ ନେଇପାରିବେ ।

ଭଲ ମଣିଷଙ୍କ ସନ୍ଧାନରେ

॥ ମିଳନ କୁମାର ମିଶ୍ର (ଭରଦ୍ୱାଜ) ॥

ଲୋକ ତ ଅନେକ ମିଳନ୍ତି, ହେଲେ ମଣିଷଟିଏ ମିଳିବା କାହିଁକି ଏତେ କଷ୍ଟ ? ଜୀବନର ରାସ୍ତାରେ ଆମେ ପ୍ରତିଦିନ ଅନେକ ଲୋକଙ୍କୁ ଭେଟୁ । କେହି ଚିହ୍ନା, କେହି ଅଚିହ୍ନା । କେହି ସାଙ୍ଗ, କେହି ସହକର୍ମୀ, କେହି ପଡ଼ୋଶୀ, ଆଉ କେହି କେବଳ ଆବଶ୍ୟକତାର ସମୟରେ ଆସୁଥିବା ପରିଚିତ ମୁହଁ । ଆମ ଚାରିପାଖରେ ଲୋକଙ୍କର ଅଭାବ ନାହିଁ । ସୋସିଆଲ ମିଡିଆରେ ହଜାର ହଜାର ସମ୍ପର୍କ, ଫୋନ୍‌ରେ ଶହ ଶହ ନମ୍ବର, ପ୍ରତିଦିନ ଅସଂଖ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ । ତଥାପି କେବେ କେବେ ମନ ପଚାରେ—ଏତେ ଲୋକଙ୍କ ଭିତରେ ମୋର ନିଜର ମଣିଷ କିଏ ? ଦୁଃଖରେ ଯିଏ ପାଖରେ ଠିଆ ହେବ, ଭୁଲ୍‌ରେ ଯିଏ ହାତ ଧରି ସଠିକ୍ ରାସ୍ତା ଦେଖାଇବ, ସଫଳତାରେ ଯିଏ ଈର୍ଷା ନକରି ମନରୁ ଖୁସି ହେବ, ଆଉ ଆମର ଦୁର୍ବଳତାକୁ ନେଇ ଆମକୁ ଛୋଟ କରିବା ପରିବର୍ତ୍ତେ ଆମକୁ ଆହୁରି ଭଲ ହେବାକୁ ପ୍ରେରଣା ଦେବ—ସେହି ମଣିଷଟିଏ ଆଜି ଦୁର୍ଲଭ ହୋଇଯାଇଛି ।

ଆଜିକାଲି ଲୋକ ମିଳିବେ, ହେଲେ ଭଲ ମଣିଷ ମିଳିବା କଷ୍ଟ । କାହା ଜୀବନରେ କିଛି ଘଟିଗଲେ, ତାହା ଦେଖିବାକୁ ଲୋକଙ୍କର ଅଭାବ ହୁଏନାହିଁ । ଦୁର୍ଘଟଣା ହେଉ, ବିପଦ ଆସୁ କିମ୍ବା ଜୀବନରେ କୌଣସି ସଙ୍କଟ—ଦୂରରେ ଠିଆ ହୋଇ ଦେଖୁଥିବା ଆଖି ଅନେକ । କେହି ପଚାରିବେ, "କ'ଣ ହେଲା ?" କେହି କହିବେ, "ମୁଁ ଆଗରୁ କହିଥିଲି ।" କେହି ଆଉ ଦୁଇଟି ଉପଦେଶ ଦେଇ ନିଜର କର୍ତ୍ତବ୍ୟ ସାରିଦେବେ । ହେଲେ ସେହି ଭିଡ଼ ଭିତରୁ ଜଣେ ମଣିଷ ଯଦି ଆଗକୁ ଆସି କହିଦିଏ—"ଚିନ୍ତା କରନି, ମୁଁ ଅଛି ।" ତାହାର ମୂଲ୍ୟ କେତେ, ତାହା କେବଳ ବିପଦରେ ପଡ଼ିଥିବା ମଣିଷଟିଏ ହିଁ ବୁଝିପାରେ । କାହାର ଦୁଃଖ ଶୁଣିବାକୁ ସମୟ ଦେବା ମଧ୍ୟ ଆଜି ଏକ ପ୍ରକାର ସାହାଯ୍ୟ । କାହାର ଲୁହକୁ ହାସ୍ୟର ବିଷୟ ନ କରିବା ମଧ୍ୟ ଏକ ମାନବିକତା । କାହାର ଦୁର୍ବଳ ସମୟକୁ ନିଜର ସୁଯୋଗ ନ କରିବା ମଧ୍ୟ ଏକ ବଡ଼ ମଣିଷପଣିଆ ।

କିନ୍ତୁ ଆମେ କ'ଣ କରୁଛୁ ? ଅନ୍ୟର ତ୍ରୁଟି ଖୋଜିବାରେ ଆମେ ଅତ୍ୟନ୍ତ ଦକ୍ଷ । କାହାର ପୋଷାକରେ ଦୋଷ, କାହାର କଥାରେ ଦୋଷ, କାହାର ଚାଲିଚଳଣରେ ଦୋଷ, କାହାର ସଫଳତା ପଛରେ ଷଡ଼ଯନ୍ତ୍ର, କାହାର ବିଫଳତା ପଛରେ ତା'ର ଅଯୋଗ୍ୟତା—ବିଚାର କରିବାକୁ ଆମ ପାଖରେ ସମୟ ଅଛି । କିନ୍ତୁ କାହାକୁ ସୁଧାରିବା ପାଇଁ ହାତ ବଢ଼ାଇବାକୁ ସମୟ ନାହିଁ । ଉପଦେଶ ଦେବା ସହଜ । ଆଙ୍ଗୁଠି ଦେଖାଇ କହିବା ସହଜ—"ତୁମେ ଭୁଲ୍ କରିଛ ।" କିନ୍ତୁ ତା' ପାଖରେ ବସି କହିବା—"ଭୁଲ୍ ହୋଇଛି, ଆସ ଦୁହେଁ ମିଶି ଠିକ୍ କରିଦେବା"—ଏହି ମଣିଷପଣିଆଟିଏ ଧୀରେ ଧୀରେ କମିଯାଉଛି ।

ଆଜି ଆମ ସମାଜରେ ସଫଳ ମଣିଷଙ୍କ ପଛରେ ଚାଲିବାକୁ ଅନେକ ଲୋକ ଅଛନ୍ତି, କିନ୍ତୁ ବିଫଳ ମଣିଷଙ୍କ ପାଖରେ ବସିବାକୁ ଲୋକ କମ୍ । ଆଲୋକରେ ଥିବା ମଣିଷକୁ ଚିହ୍ନିବା ସହଜ, କିନ୍ତୁ ଅନ୍ଧାରରେ ଏକାକୀ ବସିଥିବା ମଣିଷଟିକୁ ଖୋଜି ବାହାର କରିବା ହିଁ ପ୍ରକୃତ ମାନବିକତା । ସମ୍ପର୍କ ବଢ଼ିଛି, କିନ୍ତୁ ଆତ୍ମୀୟତା କମିଛି । କଥାବାର୍ତ୍ତା ବଢ଼ିଛି, କିନ୍ତୁ ମନ ଖୋଲି କଥା ହେବା କମିଛି । ପରିଚୟ ବଢ଼ିଛି, କିନ୍ତୁ ପରସ୍ପରକୁ ବୁଝିବା କମିଛି । ଆମେ ଅନ୍ୟର ଜୀବନର ଖବର ଜାଣୁଛୁ, କିନ୍ତୁ ଅନ୍ୟର ମନର ଖବର ଜାଣୁନାହୁଁ ।

କେତେ ମଣିଷ ହସୁଥିବା ମୁହଁ ପଛରେ ଲୁହ ଲୁଚାଇ ରଖିଛନ୍ତି ! କେତେ ମଣିଷ ନିଜ ଭିତରେ ଭାଙ୍ଗିଯାଇ ମଧ୍ୟ ବାହାରେ ଦୃଢ଼ ହୋଇ ଠିଆ ହୋଇଛନ୍ତି ! କେତେ ମଣିଷ ନିଜର ଯନ୍ତ୍ରଣା କାହାକୁ କହିପାରୁନାହାନ୍ତି, କେବଳ ଏଥିପାଇଁ ଯେ—କାହାକୁ ଭରସା କରିବେ, ସେହି ମଣିଷଟିଏ ମିଳୁନାହିଁ । ବୋଧହୁଏ ଏହା ହିଁ ଆଜିର ସମୟର ସବୁଠୁ ବଡ଼ ଦୁଃଖ । ଆମେ ମଣିଷର ମୁହଁ ଦେଖୁଛୁ, ମନ ନୁହେଁ । ପୋଷାକ ଦେଖୁଛୁ, ପରିସ୍ଥିତି ନୁହେଁ । ସଫଳତା ଦେଖୁଛୁ, ସଂଘର୍ଷ ନୁହେଁ । ହସ ଦେଖୁଛୁ, ଲୁହ ନୁହେଁ । ଆଉ ସବୁଠାରୁ ବଡ଼ କଥା, ଆମେ ମଣିଷର ଆବଶ୍ୟକତାକୁ ଦେଖୁଛୁ, ମଣିଷଟିକୁ ଦେଖୁନାହୁଁ ।

ସ୍ୱାର୍ଥ ଯେତେବେଳେ ସମ୍ପର୍କର ମାପକାଠି ହୋଇଯାଏ, ସେତେବେଳେ ନିଷ୍କପଟତା ଧୀରେ ଧୀରେ ଅଜଣା ଶବ୍ଦ ହୋଇଯାଏ । କାହା ସହିତ ସମ୍ପର୍କ ରଖିଲେ ମୋର କ'ଣ ଲାଭ—ଏହି ପ୍ରଶ୍ନଟି ଯେତେବେଳେ ମନରେ ପ୍ରଥମେ ଆସେ, ସେତେବେଳେ ସମ୍ପର୍କର ମୂଳରେ ମାନବିକତା ନୁହେଁ, ବ୍ୟବସାୟ ପଶିଯାଏ ।

ତଥାପି ସବୁକିଛି ହଜିଯାଇନାହିଁ । ଏବେ ବି କେଉଁଠି ନା କେଉଁଠି ଜଣେ ଭଲ ମଣିଷ ଅଛନ୍ତି । ଯିଏ ନିଜର ଭଲ କରିବା ପୂର୍ବରୁ ଅନ୍ୟର ଭଲ କଥା ଚିନ୍ତା କରନ୍ତି । ଯିଏ ସାହାଯ୍ୟ କରି ତାହାର ଫଟୋ ଉଠାଇ ସାରା ଦୁନିଆକୁ ଦେଖାନ୍ତି ନାହିଁ । ଯିଏ କାହାକୁ ଦୁଇଟି କଥା କହି ତା'ର ମନ ଭାଙ୍ଗିବା ପରିବର୍ତ୍ତେ ଚୁପ୍ ରହି ତା'ର ମନକୁ ବୁଝିବାକୁ ଚେଷ୍ଟା କରନ୍ତି । ସେମାନେ ବୋଧହୁଏ ଭିଡ଼ରେ ନିଜକୁ ପ୍ରଚାର କରନ୍ତି ନାହିଁ । ସେଥିପାଇଁ ଆମ ଆଖିରେ ସେମାନେ ପଡ଼ନ୍ତି ନାହିଁ ।

ଭଲ ମଣିଷମାନେ ସବୁବେଳେ ମଂଚରେ ନଥାନ୍ତି । ସେମାନେ ଅନେକ ସମୟରେ ଭିଡ଼ ପଛରେ ଥାଆନ୍ତି । ନିରବରେ କାହାର ଲୁହ ପୋଛୁଥାନ୍ତି । ନିରବରେ କାହାର ହାତ ଧରିଥାନ୍ତି । ନିରବରେ କାହାର ଜୀବନରେ ଆଶାର ଦୀପଟିଏ ଜଳାଇ ଦେଉଥାଆନ୍ତି । ସେମାନଙ୍କୁ ଖୋଜିବାକୁ ବୋଧହୁଏ ଦୂରକୁ ଯିବାର ଆବଶ୍ୟକତା ନାହିଁ । ହୁଏତ ଆମ ଘର ପାଖରେ ଥିବା ସେହି ବୃଦ୍ଧ ପଡ଼ୋଶୀଜଣକ ଭଲ ମଣିଷ । ହୁଏତ ରାସ୍ତାରେ ପ୍ରତିଦିନ ଦେଖାହେଉଥିବା ସେହି ସାଧାରଣ ମଣିଷଜଣକ ଭଲ ମଣିଷ । ହୁଏତ ଆମର ଜଣେ ପୁରୁଣା ସାଙ୍ଗ, ଯାହାଙ୍କ ସହିତ ବହୁଦିନ ହେବ କଥା ହୋଇନାହିଁ, ସେହି ମଣିଷଟି ଆଜି ବି ଆମକୁ ମନେ ପକାଉଛନ୍ତି । କିନ୍ତୁ ଏହି ସନ୍ଧାନରେ ଆଉ ଗୋଟିଏ ପ୍ରଶ୍ନ ଆମେ ନିଜକୁ ପଚାରିବା ଦରକାର, "ମୁଁ ନିଜେ କ'ଣ ଜଣେ ଭଲ ମଣିଷ ?" କାରଣ ଭଲ ମଣିଷକୁ ଖୋଜିବା ପୂର୍ବରୁ ଭଲ ମଣିଷ ହେବାର ଚେଷ୍ଟା କରିବା ହିଁ ବୋଧହୁଏ ସବୁଠାରୁ ବଡ଼ ସନ୍ଧାନ ।

କାହାର ତ୍ରୁଟି ଦେଖିଲେ ତାକୁ ଅପମାନ କରିବା ପରିବର୍ତ୍ତେ ହାତ ଧରିବା । କାହାର ଦୁଃଖ ଦେଖିଲେ ତା'ର ଦୁଃଖକୁ ନେଇ ଚର୍ଚ୍ଚା ନକରି ପାଖରେ ବସିବା । କାହାର ବିଫଳତାକୁ ନେଇ ହସିବା ପରିବର୍ତ୍ତେ ତାକୁ ପୁଣି ଉଠିବାର ସାହସ ଦେବା । କାହାର ଭରସାକୁ ଭାଙ୍ଗି ନଦେବା । କାହାର ଅସହାୟତାକୁ ନିଜର ସୁଯୋଗ ନ କରିବା । ଏହି ଛୋଟ ଛୋଟ କାମଗୁଡ଼ିକ ହିଁ ମଣିଷକୁ ମଣିଷ କରେ ।

ଶେଷରେ ବୋଧହୁଏ ଜୀବନରେ ଆମେ ବହୁତ ବଡ଼ ଘର, ବହୁତ ଟଙ୍କା, ବଡ଼ ପରିଚୟ କିମ୍ବା ବହୁତ ଖ୍ୟାତି ନେଇ ଗର୍ବ କରିପାରିବା । କିନ୍ତୁ ଜୀବନର ସବୁଠାରୁ ଦୁର୍ଲଭ ସମ୍ପଦ ହେଉଛି—ଜଣେ ନିଷ୍କପଟ ମଣିଷ । ଯାହାଙ୍କ ପାଖରେ ଆମକୁ ନିଜକୁ ଲୁଚାଇବାକୁ ପଡ଼େନାହିଁ । ଯାହାଙ୍କ ସାମ୍ନାରେ ଆମେ ଦୁର୍ବଳ ହୋଇପାରୁ । ଯାହାଙ୍କୁ ଆମ ନିରବତା ମଧ୍ୟ ବୁଝା ପଡେ । ଯାହାଙ୍କ ସାହାଯ୍ୟ ପଛରେ କୌଣସି ସ୍ୱାର୍ଥ ଲୁଚିନଥାଏ । ସେହି ମଣିଷଟି ହିଁ ଆମର ପ୍ରକୃତ ସମ୍ପଦ । ତେଣୁ ଆଜି ଯଦି ଆମେ "ଭଲ ମଣିଷଙ୍କ ସନ୍ଧାନରେ" ବାହାରିବା, ତେବେ ପ୍ରଥମେ ଆଇନା ଆଗରେ ଠିଆ ହେବା । ନିଜକୁ ପଚାରିବା - ମୋ ପାଇଁ କାହାର ଲୁହ ରୋକିଛି ? ମୋ ପାଇଁ କିଏ ଭରସା ପାଉଛି ? ମୋ ଯୋଗୁଁ କାହାର ମନରେ ଆଶା ଜନ୍ମ ନେଉଛି ? ଯଦି ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆମ ମନକୁ ଶାନ୍ତି ଦିଏ, ତେବେ ବୁଝିବା—ଆମର ସନ୍ଧାନ ସଫଳ ହୋଇଛି । କାରଣ ଏହି ପୃଥିବୀରେ ଭଲ ମଣିଷ ହଜିଯାଇନାହାନ୍ତି; ଆମେ କେବଳ ସେମାନଙ୍କୁ ଚିହ୍ନିବାର ଆଖି ହରାଇଦେଉଛୁ । ଆଉ ହୁଏତ ଏହି ସମୟର ସବୁଠାରୁ ବଡ଼ ଆବଶ୍ୟକତା - ଭଲ ମଣିଷକୁ ଖୋଜିବା ନୁହେଁ, ନିଜେ ଜଣେ ଭଲ ମଣିଷ ହୋଇ ହେବା ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

ଜୀବନର ଲକ୍ଷ୍ୟ ପ୍ରାପ୍ତି

॥ ଦୁଷ୍ମନ୍ତ କୁମାର ସାହୁ ॥

ମନୁଷ୍ୟ ଏ ସଂସାରକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମନ୍ତେ ଆସିଛି । ମନୁଷ୍ୟ ଜୀବନର ଉଦ୍ଦେଶ୍ୟ କେବଳ ଖାଇବା, ପିଇବା, ପିନ୍ଧିବା ଓ ବିଷୟ ଭୋଗ କରିବା ନୁହେଁ । ସର୍ବ ଦୁଃଖ ନିବୃତି ଓ ପରମାନନ୍ଦ ପ୍ରାପ୍ତି ହିଁ ଜୀବନର ଅସଲ ଲକ୍ଷ୍ୟ । ଦୁନିଆର କଥା ଦେଖନ୍ତୁ, ଦିନେ ଛୋଟିଆ ଶିଶୁଟି ଭୂମିଷ୍ଠ ହୁଏ, ବଡ଼ ହେଲେ ଖେଳକୁଦ କରେ, ପରେ ପାଠପଢ଼େ, ଉପାଧି, ଚାକିରୀ ପରେ ଘର ସଂସାର କରେ । ଯଶ, ଗୌରବ, ପ୍ରତିଷ୍ଠା ପାଇଁ ଅନେକ ଉଦ୍ୟମ କରେ ଟଙ୍କା ପଇସା ସଂଚୟ କରେ ଆଉ ସେ ବି ପିଲାପିଲିଙ୍କ ବାପା ହୋଇଯାଏ । ସମୟର ଚକ୍ର ଆଗେଇ ଆଗେଇ ଚାଲିଥାଏ । ଦିନେ ସେ ବୁଢ଼ା ହୁଏ, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି ସବୁ କମି କମି ଆସେ । କେହି କେହି ବାଡ଼ି ଧରି ଚାଲନ୍ତି । ଶେଷରେ ଦିନେ ସେ ଏ ଦୁନିଆକୁ ଛାଡ଼ି ଚାଲିଯାଏ । ଜୀବନକାଳ ତାର ଶେଷ ହୋଇଯାଏ । କେହି କେହି କୁହନ୍ତି ମନୁଷ୍ୟ ହେଉଛି ଏକ ସ୍ଥୂଳ ଶରୀରକୁ ଧରିଥିବା ଜୀବ, ଯାହାର ଆତ୍ମା ଅଛି ଏବଂ ମାନସିକ ଶକ୍ତି ବି ରହିଛି । କିନ୍ତୁ ହିନ୍ଦୁ ଚେତନା ଦୃଷ୍ଟିରେ ମନୁଷ୍ୟ ହେଉଛି ମୁଖ୍ୟତଃ ଏକ ଆତ୍ମା । ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ । ତାର ମୂଳ ସ୍ୱଭାବ ହେଉଛି ଐଶ୍ୱରୀକତା । ସ୍ୱଭାବତଃ ସମସ୍ତ ମନୁଷ୍ୟ ସମାନ, ଗୋଟିଏ ଆତ୍ମା, ସକଳ ଭୂତରେ ସମାନ ଭାବରେ ସେ ବିଦ୍ୟମାନ । ଗୋଟିଏ ଧାଡ଼ିରେ କହିଲେ ମନୁଷ୍ୟ ହେଉଛି ଏକ ତ୍ରିମୂର୍ତ୍ତିର ସମାହାର ଯାହାର ଦେହ, ଆତ୍ମା ଓ ମନ ରହିଛି । ମନୁଷ୍ୟ ଯଦି ମନ ଓ ଦେହର ବନ୍ଧନରୁ ମୁକ୍ତ ନ ହୁଏ ତେବେ ସେ ଆତ୍ମଜ୍ଞାନ କିପରି ଲାଭ କରିବ ?

ଛୋଟିଆ କଥାଟି ଚିନ୍ତା କରି ଦେଖନ୍ତୁ । ଆମ୍ଭେମାନେ ମନୁଷ୍ୟ ସତ କିନ୍ତୁ ଏ ଦେହ ଭିତରେ ଥିବା ଆତ୍ମା ତ ମନୁଷ୍ୟ ନୁହେଁ । ନା ଇନ୍ଦ୍ରୀୟ ନା ମନ, ଏ ସମସ୍ତ ହେଉଛନ୍ତି କେବଳ ଗୋଟିଏ ଗୋଟିଏ ଉପକରଣ ମାତ୍ର । ଦେହ ଓ ମନ ପରିବର୍ତ୍ତନଶୀଳ । ଏମାନେ କ୍ଷୟର ଅଧୀନ, ମରଣର ଅଧୀନ । କିନ୍ତୁ ପ୍ରକୃତ ମନୁଷ୍ୟ ହେଉଛି ସେ ଯିଏ ଆତ୍ମା ଚିରସ୍ଥାୟୀ, ଅନନ୍ତ, ଶାଶ୍ୱତ, ଅଯାତ, ଅକ୍ଷୟ ଓ ସନାତନ ବୋଲି ବିଚାର କରିଥାଏ ।

ଜୀବନର ଏହି ମହାନ୍ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତ୍ୟେକ ମୁହୂର୍ତ୍ତର ସଦ୍ ବିନିଯୋଗ କରିବା ଏକାନ୍ତ ଆବଶ୍ୟକ । ସମୟ ଅତି ମୂଲ୍ୟବାନ, ଏହା କଦାପି ଫେରି ଆସିବ ନାହିଁ । ଏହା ପ୍ରବଳ ବେଗରେ ଗତି କରୁଛି । ଘଂଟାରେ ଘଂଟାଏ ବାଜିଲା ବେଳେ ମନେ ରଖନ୍ତୁ ଯେ ଆପଣଙ୍କ ଆୟୁଷରୁ ଘଂଟାଏ କଟିଗଲା । ଆପଣ ସ୍ୱତନ୍ତ୍ର ହୋଇ ନିଜକୁ କହିବା ଦରକାର ଯେ, 'ମୃତ୍ୟୁ ପାଖେଇ ଆସିଲାଣି । ମୁଁ କେବେ ଜୀବନର ଲକ୍ଷ୍ୟ ପ୍ରାପ୍ତି କରିବି ? ମୁଁ କେବେ ଏ ଜନ୍ମ ମୃତ୍ୟୁ ରୂପକ ସଂସାର ଚକ୍ରରୁ ନିଜକୁ ମୁକ୍ତ କରିବି ?' କେବଳ ଈଶ୍ୱରଙ୍କ ସହ ଯୋଡ଼ି ହୋଇ ଆନନ୍ଦ ପ୍ରାପ୍ତି କରିବା ଲକ୍ଷ୍ୟ ହେବା ବିଧେୟ ।

ପୁରୀ

ବିଶ୍ୱମାତାଙ୍କ ପାଇଁ ଦିନଟିଏ

॥ ଅଲେଖ ଚନ୍ଦ୍ର ସାମଲ ॥

ଆଜି ବିଶ୍ୱ ପଶୁମଙ୍ଗଳ ଦିବସ । ସଚରାଚର ବ୍ରହ୍ମାଣ୍ଡରେ ପଶୁମାନଙ୍କ ସୁରକ୍ଷା ଓ ସେମାନଙ୍କର ମଣିଷ ସମାଜ ପ୍ରତି ଅବଦାନ ପାଇଁ ସ୍ମରଣୀୟ ଦିନଟିଏ ହେଉଛି ଆଜି । ଆମ ଆଖପାଖରେ ଦେଖୁଛୁ ଯେ ଆମ ମାନଙ୍କ ପାଇଁ ନିଜ ତମାମ୍ ଜୀବନକୁ ଉତ୍ସର୍ଗ କରିଥିବା ମୂକ ପ୍ରାଣୀ ପଶୁମାନଙ୍କ ପ୍ରତି ଆମର ଦରଦ କିଛି ନାହିଁ କହିଲେ ଚଳେ । ସ୍ୱାର୍ଥପର ଭାବରେ ଆମ୍ଭେମାନେ ସାରା ଜୀବନ ଗାଈଟିଏ ଠାରୁ କ୍ଷୀର ଖାଇବା ପରେ ବୁଢ଼ୀ ହୋଇଗଲା ପରେ ତାକୁ କଂସେଇ ହାତରେ ବିକ୍ରି କରିଦେଇଥାଉ । ସାରା ଜୀବନ ଚାଷ କାମ କରି ଚାଷୀ ବାପୁଡା ମୁହଁରେ ହସ ଫୁଟାଇ ଜୟ କିଶାନ ସ୍ଲୋଗାନକୁ ସତ୍ୟରେ ପରିଣତ କରୁଥିବା ବଳଦଟି ହତା ହୋଇଗଲେ ଗୋରୁ ହାଟରେ ପଣ୍ୟ ହୋଇଯାଏ । ମାଲିକର ବୋଝ ବୋହି ବୋହି କୁଜା ହୋଇଯାଉଥିବା ଗଧଟିର ଶେଷ ଜୀବନ ବଡ଼ ଯନ୍ତ୍ରଣା ଦାୟକ ଥାଏ । କେବଳ ସେତିକି ନୁହେଁ ଘୋଡ଼ା ଠାରୁ ଓଟ ଜାତୀୟ ପଶୁ ମହାବଳ ବାଘ ଠାରୁ ଗଜରାଜ ହାତୀ ସମସ୍ତଙ୍କର ଜୀବନ ଆଜି ଅତ୍ୟନ୍ତ ଶୋଚନୀୟସ୍ଥିତିରେ । ପ୍ରଶ୍ନ ଉଠୁଛି ଏହା ପାଇଁ ଦାୟୀ କିଏ ? ଆମେ ମାନେ ସମସ୍ତେ ଦାୟିତ୍ୱର ବାହାନା, କର୍ତ୍ତବ୍ୟବୋଧର ଚାପ ଓ ନିୟତିର ଧାରଣାର ବଶବର୍ତ୍ତୀ ହୋଇ ନିଜେ ନିଯମକୁ ମୋଡ଼ିମାଡି ଶ୍ରେଷ୍ଠପ୍ରାଣୀ ମଣିଷ ହୋଇଥିବାରୁ ଏହି ହତଭାଗ୍ୟ ମୂକ ମାନଙ୍କ ବେଦନାକୁ ସିନା ବୁଝିପାରି ନଥାଉ ସେମାନଙ୍କର କୋହ ଓ ଲୁହ ନିଶ୍ଚିତ ଭାବରେ ଆମ୍ଭ ମାନଙ୍କୁ ବିଶ୍ୱାସଘାତକ ଭାବେ ପ୍ରମାଣିତ କରୁଛୁ । ଏହି ଲେଖକ ଗତବର୍ଷ ଭୟାବହ ବନ୍ୟାରେ ତାହା ଭୂଗୋଳ ପୋଥିପତ୍ରରେ ନାଁ ନଥିବା ଛୋଟିଆ ଗାଁ ରାଜନଗର ସନ୍ନିକଟ ନିଜ ଜନ୍ମସ୍ଥାନକୁ ଯାଇଥିବାବେଳେ ମୂକ ପଶୁମାନଙ୍କ ମୁହଁରେ ଦାନା ଦେବାପାଇଁ ଲୋକମାନଙ୍କର ଆକୁଳ ପ୍ରାର୍ଥନାକୁ ପ୍ରତ୍ୟକ୍ଷ ଭାବରେ ନିଜେ ଦେଖିଥିଲା । କୃତ୍ୟକୃତ୍ୟ ହୋଇପଡ଼ିଥିଲା ଯେ ତାହା ଜନ୍ମ ସ୍ଥାନର ଲୋକମାନେ ପଶୁମାନଙ୍କ ଠାରୁ ପାଉଥିବା ସେବାର ପ୍ରତିବଦଳରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଖାଇବାକୁ ପଛରେ ପକାଇ ଗୋରୁ ଗାଈଙ୍କ ପାଇଁ ଦାନା ଯୋଗାଡ଼ରେ ବ୍ୟସ୍ତ ରହିଥିଲେ । ମଣିଷ ହେଉଛି ଏ ସୃଷ୍ଟିର ଅମୃତସ୍ୟ ପୁତ୍ରାଃ । ଶାସ୍ତ୍ର ଭାଷାରେ ସେ ହେଉଛି ଅମୃତର ସନ୍ତାନ । ଏହି ଅମୃତର ସନ୍ତାନର ଶରୀର ଗଠନର ସବୁଠାରୁ ବଡ଼ ଭୂମିକା ତୁଲାଇଥାଏ କ୍ଷୀର । ଗୋମାତା ଏହି କ୍ଷୀର ପ୍ରଦାନ କରିଥାଏ । ଯିଏ ବିନେ ତା ପ୍ରତିବଦଳରେ ମଣିଷକୁ କିଛି ବି ମାଗିନଥାଏ । ନିଃସ୍ୱାର୍ଥପର ଭାବରେ କ୍ଷୀର ପ୍ରଦାନ କରି ଶରୀର ଗଠନ ପାଇଁ ସେ ତାର କ୍ରାନ୍ତିକାରୀ ଭୂମିକା ତୁଲାଇଥାଏ ଯାହାପାଇଁ ସେ ହେଉଛି ବିଶ୍ୱମାତା ଗୋମାତା । ବଳଦ ସେହିପରି ମୂକ ପ୍ରାଣୀଟିଏ ଯିଏ ଚାଷ କ୍ଷେତ୍ରରେ ସୁନା ଫସଲ ପ୍ରଦାନ କରିଥାଏ । ତାହାରି ଭାରର ସାହାରାରେ ଜୟ କିଶାନର ସ୍ଲୋଗାନ ସତ୍ୟରେ ପରିଣତ ହୋଇଥାଏ ହେଲେ ହତା ବଳଦର କାହାଣୀ ପରି ସେ ବାର୍ଦ୍ଧକ୍ୟରେ ପହଂଚିଲେ ତାହାର ଶେଷ ଜୀବନ କଂସେଇ ହାତରେ ଦେବାବେଳେ ଆମେ ତାହା ପ୍ରତି କୃତଜ୍ଞ ହୋଇନଥାଉ । ବିଭିନ୍ନ ସମୟରେ ଦୁର୍ଘଟଣାରେ ପଶୁପକ୍ଷୀମାନଙ୍କର ଅଭାବନୀୟ ମୃତ୍ୟୁ ଆମ୍ଭେମାନେ ଦେଖୁଥାଉ । ସେମାନେ ରାସ୍ତାରେ ବା ଚାଷ କ୍ଷେତ୍ରରେ ପଡ଼ି ଛଟପଟ ହେଉଥିଲେ ବି ଆମେ ସେମାନଙ୍କର ଚିକିତ୍ସାର ଦୂରର କଥା ପାଣି ମୁହାଏ ନଦେଇ ନିଜ କର୍ତ୍ତବ୍ୟ ବ୍ୟସ୍ତତାର ବାହାନାରେ ବାଟ କାଟିଥାଉ । ନିୟତିର ଚକ୍ରରେ ମଣିଷ ସମାଜ ପାଇଁ ପଶୁମାନଙ୍କର ତ୍ୟାଗ ପ୍ରାତଃସ୍ମରଣୀୟ । ସେମାନଙ୍କର ମୁହଁ ଫିଟିନଥାଏ କାହାକୁ ନିଜର ଦୁଃଖ, ଯନ୍ତ୍ରଣା, ଅଭାବ କହିବାର ସୁଯୋଗ ବି ନଥାଏ । ନିଃସ୍ୱାର୍ଥପର ଭାବରେ ଅବିରତ ଖାଇବା ଓ ବିଶ୍ରାମକୁ ପଛରେ ପକାଇ ମଣିଷ ସମାଜର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ଏହି ନିରୀହ ପଶୁମାନଙ୍କୁ ଆମ୍ଭେମାନେ ନିଜ ସ୍ୱାର୍ଥରେ ବଳି ଦେଉଥାଉ କିନ୍ତୁ ପ୍ରତିବଦଳରେ କିଛି ନାହିଁ । ଏମିତି ପଶୁଟିଏ ପିଟିଗଲେ କ'ଣ ଖାଇବାକୁ ପାଇବନି ଯେ ଯୁକ୍ତି ବି ଆମେ କରିଥାଉ ଯେ ଏମାନଙ୍କୁ କ'ଣ ଆମେ ଖାଇବାକୁ ପିଇବାକୁ ଦେଉନି ବା ଦେହବାଧକ ହେଲେ ଔଷଧପାଣି ନଦେଇଥାଉ ? ସବୁ ଦେଇଥାଉ ସତ କିନ୍ତୁ ଏହାର ଭିତରେ ରହିଛି ସ୍ୱାର୍ଥ । ଗାଈଟିଏ ଭଲ ହୋଇଗଲେ କ୍ଷୀର ଦେବ ଯାହା ଆମ ପିଲାମାନେ ଖାଇବେ, ବଜାରରେ ବିକ୍ରି ହେଲେ ତେଲଲୁଣ ସଉଦା କିଣାହେବ । ଠିକ୍ ସେହିପରି ବଳଦର ଦେହ ଭଲ ହେଲେ ସେ ହଳକୁ ଯିବ, ନଡ଼ା ବିଲରୁ ବୁହାଯିବ । ନିତିଦିନିଆ ଜୀବନରେ ସାଧାରଣ କୁକୁରଟିର ଭୂମିକା ବି କମ୍ ପ୍ରେରଣା ଦାୟକ ନୁହେଁ । ବିଶ୍ୱସ୍ତ କୁହାଯାଉଥିବା କୁକୁରଟି ମାଲିକର ଧନଜୀବନ ସୁରକ୍ଷା ପାଇଁ ନିଜ ଜୀବନକୁ ବଳୀ ଦେଇଥାଏ କିନ୍ତୁ ପ୍ରତିବଦଳରେ ପାଉରୁଟିଏ ସାର । ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଅନୁଯାୟୀ ମହାବଳ ବାଘ ଠାରୁ ଗଜରାଜ ହାତି ସମସ୍ତଙ୍କର ଜୀବନ ଆଜି ବିପନ୍ନ । ଶିକାରୀମାନେ ସେମାନଙ୍କୁ ମାରି ଦାନ୍ତ ଓ ଛାଲ, ନଖ ଲୁଟ କରି ଲକ୍ଷ ଲକ୍ଷ ଟଙ୍କା ପାଉଥାନ୍ତି । ତେଣୁ ଆଜି ବିଶ୍ୱ ପଶୁମଙ୍ଗଳ ଦିବସରେ ସମସ୍ତଙ୍କର ଅନୁଚିନ୍ତା ଏହା ହେଉ ଆମର ଆଖପାଖ ହାତପାହାନ୍ତାର ପରିବେଶରେ ଥିବା ପଶୁମାନଙ୍କ ଦାୟିତ୍ୱ ଓ ସେବାର ପ୍ରତିବଦଳରେ କୃତଜ୍ଞତା ସ୍ୱରୂପ ସେମାନଙ୍କର ଖାଇବା ଓ ବିଶ୍ରାମ ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଶେଷ ଜୀବନକୁ କେତେଟା ଟଙ୍କା ପାଇଁ କାହା ହାତରେ ବିକ୍ରି ନକରି ଅନ୍ତତଃ ଆମରି ମାନଙ୍କ ପାଖରେ ସେହିପରି ରଖିଲେ କ'ଣ ଖରାପ ହୁଅନ୍ତା ? ବେଶି କିଛି ଖର୍ଚ୍ଚ ହୁଅନ୍ତା ନି ବରଂ ଭଗବାନ ଖୁସି ହୁଅନ୍ତେ । ଦୁନିଆରେ କୃତଜ୍ଞତାର ପରିଭାଷା ବଦଳିଯାଆନ୍ତା । ଆସନ୍ତୁ ଆଜିପରି ପବିତ୍ର ଦିନରେ ଏହି ମୂକ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ଭଗବାନଙ୍କୁ ପ୍ରାର୍ଥନା ପୂର୍ବକ ସେମାନଙ୍କ ସେବାରେ କିଛି ସମୟ ତ କାଢ଼ିପାରିବା ଏହା ହେଉ ମଣିଷ ସମାଜର ମାନବିକତାର ଧର୍ମ ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

ବରୁଣଙ୍କ ପାଶଆୟୁଧ, ପବନଙ୍କ ଗଦା ଆୟୁଧ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ଚାରିଦିଗ + ଚାରିକୋଣ + ଅଧ + ଊର୍ଦ୍ଧ = ୧୦ ଦିଗ । ଏହା ଏକ ସ୍ଫଟିକ କ୍ୱାର୍ଜର ଇମ୍ପ ସ୍ଥଇତିର ନମୁନାର ବୃହତ ରୂପ ସବୁ ଦିଗକୁ ଏକ କେନ୍ଦ୍ର ବିନ୍ଦୁରୁ ରେଖା ୧୦ଟି ଟାଣିଲେ ଯେପରି ହୋଇଥାଏ । ସେହିପରି ପୃଥିବୀର ଯେ କୌଣସି ସ୍ଥାନରେ ଏ ସ୍ଥିତି ସମାନ ରହିବ । ଦଶ ଭୁଜା ହିଁ ଏହି ଧାରଣାରେ ଆସେ । ଦଶ ଭୁଜା ଅସୁର ତ୍ରାସ କାରି ଶକ୍ତି । ଏହାଙ୍କର ଅକାଳ ବୋଧନ ଶରତ ଋତୁରେ କରାଯାଉଛି ଶାରଦୀୟ ଦୁର୍ଗାପୂଜା, ପ୍ରକୃତି ଆସୁରୀ ଶକ୍ତି ଦ୍ୱାରା ସଦା ଆକ୍ରାନ୍ତ ଜଳବାୟୁ ଅସୁର ରୂପ ଧାରୀ । ଏ ସମୟରେ ହେଲେ କଥା ଶେଷ, ଧାନ ଫସଲ ଶେଷ ହୋଇଯିବ ଶାକମ୍ଭରି ଧାନ କ୍ଷେତ୍ର ଉଜୁଡ଼ିବ ଫସଲ ନଉଠିଲେ ହାହାକାର । ଦୁର୍ଗାଙ୍କୁ ଦଶ ଆୟୁଧ, ଦଶ ହାତରେ ଦିକପାଳମାନେ ଧରାଇଛନ୍ତି ଏଥିରେ ବରୁଣାସ୍ତ୍ର ଓ ବାୟୁଙ୍କ ଗଦା, ଶିବଙ୍କ ମହାଶୂଳ ତାଙ୍କ ହସ୍ତରେ ଅଛି । ପ୍ରକୃତିକୁ ତଛନଛସର୍ବଦା ସ୍ୱସ୍ୱାର୍ଥନ୍ୱେଷୀ ମୁଷ୍ଟିମେୟ କରୁଥାନ୍ତି । ଯେନତେନ ପ୍ରକାରଣେ ଏକ ପଦବୀ ହାସଲ କରିବା ପ୍ରୟାସରେ ସେବା ବାହାନା କରି କାହାର ଚରଣଧରି ପଦବୀ ତାଳ ହାସଲ ପରେ ଲୋକଙ୍କ ତ୍ରୁଟି ଧରନ୍ତି । ରାବଣ ଏମିତି ଶିବ ତୋଷିବା ବ୍ୟକ୍ତି, ଯେ ଶିବଙ୍କ ତାଣ୍ଡବ ରଚନା କରି ତାର ରାଗ ଗାୟନସ୍ୱରର ଖୋଦ ସ୍ୱରକାର ହୋଇ ଦକ୍ଷିଣୀ ଶୈଳୀରେ ଗାଇ, ପଖାଳ ବଜାଇ ନଟରାଜଙ୍କୁ ନଚେଇ ପାରୁଥିଲେ । ବ୍ରହ୍ମାଙ୍କ ସେ ଅଣନାତି, ସୃଷ୍ଟି ରହସ୍ୟ ଯେ କଣ ତାହା ଜ୍ଞାନର ପରିସରରେ ନିଶ୍ଚୟ ଆସିଥିଲା । ହେଲେ ତାଙ୍କର ମାୟା ବୁଦ୍ଧିର ଉର୍ବର ମସ୍ତିଷ୍କ ତାଙ୍କ ମାତୃ ବଂଶର ଅନୁବଂଶୀ ଗୁଣର ଟାଣରେ ରହିଥିଲା । ମାଳି ରାକ୍ଷସ ତାର ଅଜା । ରାଜା ହୋଇ ସନ୍ନ୍ୟାସୀୟ ସଂସାର ତ୍ୟାଗୀ ଭେକରେ ପରର ନାରୀକୁ ତାଙ୍କ ସ୍ୱାମୀ, ଦେବରଙ୍କୁ କୌଶଳ ମାୟାରେ ଦୂରେଇ ଧର୍ମ ଭୟ ଦେଖାଇ ଗୃହାନ୍ତର କରାଇଲେ ଯୁକ୍ତି ଥିଲା ଯେ ଗୃହ ତ୍ୟାଗୀ, ସଂସାର ତ୍ୟାଗୀ ସେ କେବେ ସେପରି ମାୟା ସ୍ଥାନରୁ ଭିକ୍ଷାନ୍ନ ମାଧୁକରୀ ଗ୍ରହଣ କରନ୍ତି ନାହିଁ ସହସ୍ର ଗଣ୍ଠି ଅର୍ଥ ବନ୍ଧନ ସ୍ଥାନ ଏହା ଛାତ, ଛାମୁଣ୍ଡିଆରେ ଆସୁଛି । ବନ୍ଧନ ତଳେ ବାନ୍ଧିହୋଇ ସଂସାରୀ ଗୃହୀ ମାୟାରେ ଘାଂଟି ହୋଇ ବାସ କରନ୍ତି । ମୋର ମୋର ମୁଁ ମୁଁ ମାୟାରେ ଆଚ୍ଛାଦିତ ରହନ୍ତି, ଅତଏବ କୌଣସି ସଂସାର ତ୍ୟାଗୀ ଏପରି ଭିକ୍ଷା ଗ୍ରହଣ କରନ୍ତି ନାହିଁ । ଏହାଥିଲା ଧର୍ମବାଣୀ ହେଲେ ଉଚ୍ଚାରଣ ଆଚରଣ ପୁରା ଓଲଟ କରି ବଳପୂର୍ବକ ତାଙ୍କୁ ଭିଡ଼ି ନେଇ ପାଦ ଚଲାରେ ନୁହେଁ ଆକାଶ ମାର୍ଗରେ ସ୍ଥାନାନ୍ତର କରି ନେଇ ପଳାଇ ଥିଲେ । ରାବଣଙ୍କ କଳ୍ପିତ ମୁଣ୍ଡ ଥିଲା ପାଂଚ ଜ୍ଞାନେନ୍ଦ୍ରୀୟ ଓ ପାଂଚ କର୍ମେନ୍ଦ୍ରୀୟର ଅବୋଧ ଭାବନା ଓ ଅସଲଗ୍ନ ଅବ୍ୟବହାରୀକ ବୁଦ୍ଧିପୁଞ୍ଜୀ ମସ୍ତିଷ୍କର ମୁଣ୍ଡ । ଯାହା ଭବିଷ୍ୟତ ପରିଣାମ ଚିନ୍ତା କରି ପାରିନଥିଲା । ସବୁରେ ଛିଦ୍ର ଅଛି ତାହା ଭେଦ ହୋଇପାରେ ଏହା ବୋଧେ ଏପରି ବ୍ୟକ୍ତିତ୍ୱ ବୁଝିବାରେ ନଥାଏ । ଆମ ମହୋଦଧି ତଟ ଦେଶରେ ନୋଳିଆ ସାହି ସାଗର ମାଛରେ ତାଙ୍କ ଖାଦ୍ୟ ତାଙ୍କ ଜୀବିକା ହେଲେ ସେଠାରେ ବିଦ୍ୟାନ୍ନ ଯେ ଉପଲବ୍ଧ ତାଙ୍କର ଜ୍ଞାନ ନାହିଁ । ବଡ଼ ଦାଣ୍ଡରେ ଅନେକ ଜୀବିକା ଧାରୀ ବିନା ମାଛ ବିନା ମାଂସରେ ବୃତିକରି ବଂଚୁଛନ୍ତି । ଏ ସଂସାର ଏମିତି । ଗଦା ପିଟଣା ମୁଗୁର ହାତୁଡି ଏସବୁ ଠୋକର ମରାଯାଇ କିଛି ନଷ୍ଟ କରାଯାଏ କିଛି ସୃଷ୍ଟି କରାଯାଏ । ଏ ଆୟୁଧ ପବନ ଦେବଙ୍କ ଆୟୁଧ, ବିଷ୍ଣୁଙ୍କ ଆୟୁଧ, ଦୁର୍ଗାଙ୍କ ବଗଳା ମାଆଙ୍କ ଆୟୁଧ ପବନପୁତ୍ର ହନୁମାନ ଭୀମସେନଙ୍କ ଆୟୁଧ । ସାଗର ଗର୍ଭରୁ ବାତ୍ୟା ସ୍ଥଳଭାଗକୁ ଭିଡ଼ି ଆସିବା ବେଳେ ଯେଉଁ ଛବିର ଲେଖ ଟିଭି ମୋବାଇଲରେ ପ୍ରଚାରିତ ହେଉଛି ତାହା ପବନ ଦେବଙ୍କର ହିଁ ମୁଦ୍ଗର ଗଦା ରୂପ । ସେ ମାନବ ନିର୍ମିତ ସୁନ୍ଦର ଅଟ୍ଟାଳିକାମାନ ଗରିବ ଖଡ଼ ବାଉଁଶ ମାଟି ନିର୍ମିତ କୁଟୀରକୁ ସେ ଗଦରେ ଛିନ୍ନଛତ୍ର କରୁଛନ୍ତି । ବରୁଣଙ୍କ ପାଶ ପଶାସ ଜଳ ଏକ ବନ୍ଧନରେ ସମୁଦ୍ର ନଦୀ ରହିଛି ଯାହା ବିଶ୍ୱ ନିମୟ, କିନ୍ତୁ ମାନବୀୟ ବୁଦ୍ଧିକୁ ପରାହତ କରିବା ପ୍ରୟାସରେ ବରୁଣ ପାଶ ସୀମା ଲଂଘନ କରି ଯାଉଛି । ମାଟିରେ ଉତାପ ମନୁଷ୍ୟ ନିଜେ ବଢ଼ାଉଛନ୍ତି ।

ଗଛ ମାନ କାଟୁଛନ୍ତି କଳ କାରଖାନା ବଢ଼ାଇ ଚାଲିଛନ୍ତି, ବହୁଯାନ ରାସ୍ତାରେ ଗଡ଼ୁଛି ଘରେ ଘରେ, ଏସି, ଚାଲିଛି ଖାଲି ଅଙ୍ଗାରକାମ୍ଳ ବାୟୁ ମଣ୍ଡଳରେ ବୋଝେଇ ହେବାରେ ଲାଗିଛି । ଶତକଡ଼ା ୧୦୦ରେ ଥିବା ୧୦୦ ବର୍ଷ ତଳର ବାୟୁମଣ୍ଡଳର ଉପାଦାନ ଏବେ ଭାଗ ତୁଳନାରେ ଘୋର ପରିବର୍ତ୍ତନ ହୋଇଛି ଆଗକୁ ଆହୁରି ହେବ । ଏହା ବରୁଣ ପାଶ ନେଟୱାର୍କ ଧରି ସାଙ୍ଘାତିକ ଜଳ ପ୍ଲାବନ କରାଉଛନ୍ତି । ବରୁଣ ପବନ ପଶ୍ଚିମ ଦିଗ ଅଧରୁ ବାୟୁ କୋଣ ଯାଏ କ୍ଷେତ୍ରାଧିକାରୀ କରି ଯେ କୌଣସି ସ୍ଥାନ ବାଛି ଏହି କୋଣ ଦିଗକୁ ଦୂର ବୀକ୍ଷଣକଲେ ଚାହିଁଲେ ଏହା ପ୍ରଶାନ୍ତ ମହାସାଗର ଅଶାନ୍ତ ହେବା । ଆଟଲାଂଟିକ ମହାସାଗର ଉତର ମେରୁ ସାଗରରୁ ମେରୁ ବରଫ ତରଳା ଜଳ ଉପରୁ ବୋହି ଆସିବାର ଅନୁଭବ ସୂକ୍ଷ୍ମ ବୁଦ୍ଧିରେ କରିପାରିବେ । ଏହା ତୁଷାର ଲିଙ୍ଗ ଅମରନାଥଙ୍କ ଠିକ ସାଦୃଶ୍ୟ ରକ୍ଷା ନାହିଁ । ବରଫ ଲିଙ୍ଗ ଜଳ ଲିଙ୍ଗରେ ପରିଣତ ହେଲେ ପ୍ରଳୟ ପୟୋଧି ଜଳେ ହେବ ହିଁ ହେବ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଜୟ ଓରାମ୍, ଜୟ କିସାନ

ଅୟସ୍କାନ୍ତ

ବିମାନ୍‌ରେ ବସି ଯାଅ କିଏ ବେଇମାନ୍
ମହାପୁରୁଷଙ୍କୁ ଯୋଜନା ବନେଇ
ଦେଖାଅ ନିରତି ନୂତନ ଗର୍ଭାଧାନ
ଆସ ଚାରିବେଦ
ଆମେ ନିର୍ବେଦ
ଶୁଣ ଭାଗବତ
ଦୁଃଖ ଅପ୍ରମିତ
ଆସ ବାବା ଦ୍ୱାବା
ଗଣତନ୍ତ୍ର କି ବଣତନ୍ତ୍ରର
ମିଛ ମହାତ୍ମା,
ମୁଖା ପିନ୍ଧି କି ପାରତିର ମହାଯତି
ଦେଶପ୍ରେମ ଭିକ ମାଗି କି ନିରାଶ
ଶିବାଜୀ ଛତ୍ରପତି!

ଆଜି ଯେ ଦଳିତ
କାଲି ଦୁହପାଳିତ,
ଦୁର୍ନ୍ଧୁଆ ସାଜେ
ତାକୁ ମାରିବାକୁ ପଡେ !

ପିନ୍ଧାଅ କଟାମୁଣ୍ଡ ଗର୍ବେ
ପ୍ରଜ୍ଜ୍ୱଳପଯୋଧି ଭଳେ
ଆଜି ବୀର ବିର୍ସାର ଫାର୍ଶା ଦୁହାଟେ
କିବା ପଥର ଆଦିମ ଜାତି !

ମୁଁ ଯେ କବି କାଳିଦାସ
ଶଳା ଶଯତାନ, ଅନୁଭବେ ସିଜା

ତିନିରଙ୍ଗିଆ ଝଣ୍ଡାକୁ ଝଡେ
ଦଲକା ଦଲକା ତାତି।

ବାସୁ କୁଗଗୁଳ ଉଠୁ ହିଙ୍କୁଳ
ଉଠ ମୁଦ୍‌ଗଲ ଜାତି
ମୁଁ କି ଦୁର୍ବଳ ମୁଁ କି କଙ୍କାଳ
ମୁଁ କି କାଙ୍ଗାଳ ଜାତି
ଦେଖ ଚଢ଼େଇ କହୁଛି
ଲଢେଇ କରିବି,
ନହେଲେ ମୋ' ପର
ଛିଡେଇ ମରିବି
ଜୀବନ-ମଶାଣି
ଭସେ ପଳାତକ
ଜରିଚି ଦେଖ ତ
ଲୁହର ଲଦାଖ୍ ପାଟୀ !
ମୁଁ ଯେ ନୁହେଁ ଦୁର୍ବଳ,
ନୁହେଁ କଙ୍କାଳ,
ନୁହେଁ କାଙ୍ଗାଳ ଜାତି !

ଆଜି ବାଜିବଢକର ପିଣ୍ଡିରୁ ପଢେ
ଦେଖ ଯେ ଧର୍ମପଦ
ଏଇ ନାଲି ସଡକର ବାଲିମୁଠେ ଧରି
ମୁଁ ଲେଖେ ବହ୍ନିବେଦ
ଦେଖ ଗୋଦାବରୀଶ ର ନିଆଁଖୁଣ୍ଟା ମୁଁ, ଲବନତକୁ
ମାଟି ମହଲାରୁ
ଡାକେ ଆଜି ଖାଲି
ଚାଲି ଆ' ଭାଇ ଚାଲି ଆ'
ମୁଁ ଯେ କାଳିଆ ମୁର୍ତ୍ତିର
ନାଲିହସ ଧାରେ
ସ୍ୱର୍ଗେ କହେ ଓଡିଆ
ମୁଁ ଯେ ଓଡ଼ିଆ !

♥ ଗ୍ରାମ୍ୟ ନିର୍ମାଣ ଉପବିଭାଗ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଫୋନ:୮୭୬୩୩୮୩୧୧୬

ଶ୍ୟାମ, ତୁମ ପ୍ରେମେ ଲୀନ ହେବି

ସୁନିତା ଦାଶ

ହେ ନୀଳାଚଳ ନାଥ, ହେ ବୃନ୍ଦାବନ ବିହାରୀ,
ତୁମ ନାମାମୃତ ପାନ କରି, ଜୀବନ ଯାଉ ମୋର ତରି।
ମୋ ହୃଦୟର ମରୁପ୍ରାନ୍ତରେ ତୁମେ କୃପାର ଧାରା,
କରୁଣାଜଳ ଢାଳି ଭିଜାଇ ଦିଅ ଅନ୍ତର ସାରା।
ପ୍ରେମର ପବିତ୍ର ଡୋରିରେ ବାନ୍ଧିଦିଅ ହେ ଶ୍ୟାମ,
ତୁମ ସାଥିରେ ରହିବାକୁ ଚାହେଁ ଜନମ ଜନମ।
ତୁମ ଚରଣେ ମୋର ମନ, ତୁମ ନାମେ ମୋର ପ୍ରାଣ,
ତୁମ ବିନା ଏ ଜୀବନ ଲାଗେ ଶୂନ୍ୟ, ଅର୍ଥହୀନ।
କୃଷ୍ଣନାମ ସ୍ମରିଲେ ଶିହରିଉଠେ ତନୁ,
ବଂଶୀର ମଧୁର ତାନେ ଭୁଲିଯାଏ ଜଗତର ଧ୍ୱନି।
ତୁମ ରୂପର ମାଧୁରୀରେ ମିଶିଯାଏ ମୋର ଅସ୍ତିତ୍ୱ,
ଦିଗବିଦିଗ ଭୁଲିଯାଏ, ଭୁଲିଯାଏ ନିଜ ପରିଚୟ।
ହେ ନନ୍ଦନନ୍ଦନ, ତୁମ ଭକ୍ତିପଥେ ଯେବେ ପାଦ ବଢ଼େ,
ସଂସାରର ସମସ୍ତ ମୋହ ମୋ ଚକ୍ଷୁରେ ତୁଚ୍ଛ ହୋଇ ପଡ଼େ।
ତୁମ ଚରଣଧୂଳି ହେଉ ମୋ ଜୀବନର ଅଳଙ୍କାର,
ତୁମ ସ୍ମରଣେ କଟିଯାଉ ଜନ୍ମଜନ୍ମାନ୍ତରର ଅନ୍ଧକାର।
ବିରହର ନିଶାଥେ ଯେବେ ନୟନ ଖୋଜେ ତୁମ ଛବି,
କୁହ ହେ କେଶବ, ତୁମ ବିନା ଏ ଯନ୍ତ୍ରଣା କେମିତି ସହିବି?
ତୁମ ଦର୍ଶନ ଆଶାରେ ଦିନ ହୁଏ ଅପେକ୍ଷାମୟ,
ତୁମ କୃପା ବିନା ଶ୍ୟାମ, କିଏ ଦେବ ମନକୁ ଆଶ୍ରୟ ?
ଜଗତ ଯାହାକୁ ପ୍ରେମ ବୋଲି କହେ, ମୁଁ କହେ ତାକୁ ଭକ୍ତି,
ତୁମେ ହିଁ ମୋର ଇଷ୍ଟଦେବ, ତୁମେ ହିଁ ଜୀବନର ଶାନ୍ତି।
ତ୍ୟାଗିବି ମୋହମାୟା, ଧରିବି ବୈରାଗ୍ୟର ବୀଣା,
ତୁମ ବିନା ହେ ଶ୍ୟାମ, ଏ ଜଗତ ମୋ ପାଇଁ ଅଜଣା।
ହେ ମୋହନ, ତୁମେ ଜାଣ ମୋ ଅନ୍ତରର ଗୁପ୍ତ ଆକାଂକ୍ଷା,
ତୁମ ପ୍ରେମରେ ଲୀନ ହେବା ହିଁ ମୋ ଜୀବନର ଏକମାତ୍ର ପ୍ରତୀକ୍ଷା।
ନାହିଁ ଆଉ କିଛି ଅଭିଳାଷ, ନାହିଁ ଅନ୍ୟ କୌଣସି କାମନା,
ତୁମ ଚରଣେ ମିଳୁ ଶେଷ ଆଶ୍ରୟ,
ଶେଷ ଶାନ୍ତି, ଶେଷ ସାଧନା।

♥ କେ/୪, ଆଇ, ଡି
କଳିଙ୍ଗବିହାର, ଭୁବନେଶ୍ୱର

ଦୀର୍ଘଗଳ୍ପ

ଶ୍ରେଷ୍ଠ ପୁଞ୍ଜି

ବସନ୍ତ ମଞ୍ଜରୀ ମିଶ୍ର

(ପୂର୍ବ ପ୍ରକାଶିତ ପରେ)

"ଯଦି ତୁମେମାନେ ଭାବୁଛ ମୁଁ ଏବେବି ଯେମିତି ସେମିତି ଅଛି...ଜାଣିଛ ତା'ର କାରଣ କଣ ?"

"କଣ କାରଣ ମାଡାମ..." ଏକ ସ୍ୱରରେ କହିଲେ ଦେବେଶ ମନୋଜ ଆଉ ରାନୁ।

"ରେଗୁଲାର ଯୋଗ ଆଉ ପ୍ରାଣାୟାମ। ଆଜିର ଦୁନିଆରେ ବିନା ଖର୍ଚ୍ଚରେ ନିରୋଗ ରହିବାର ଫ୍ରିନ୍ ଏଣ୍ଡ୍ ଅନଲି ସୋଲୁସନ୍.... ଯୋଗ।"

"ଆଉ ଗୋଟେ ବଡ ରହସ୍ୟ ହେଉଛି ପଜିଟିଭ୍ ଏନର୍ଜି। କୌଣସି କଥାରେ ବିଚଳିତ ନ ହୋଇ ସମୟକୁ ଅପେକ୍ଷା କଲେ ଆପେ ଆପେ ସବୁ ଠିକ ହୋଇଯାଏ। ଆବଶ୍ୟକତା କେବଳ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର।"

ଠିକ କ୍ଲାସ୍‌ରୁମ୍‌ରେ ଲେକ୍‌ଚର୍ ଦେବା ଢଙ୍ଗରେ କହୁଥିଲେ ମିସେସ୍ ଚୌଧୁରୀ।

ଟିକେ ବିରାମ ନେଇ ପୁଣି ପଚାରିଲେ, "ଆରେ ତୁମ ସହ ଆଶିଷ ବୋଲି ଗୋଟିଏ ପିଲା ପଢୁଥିଲା। ପାଠ ଢୁଏନି ସିନା ଭାରି ଆଜ୍ଞାକାରୀ ଆଉ ଶୃଙ୍ଖଳିତ। ସେ ଏବେ କଣ କରୁଛି।"

ଆଖି ବଡ ବଡ କରି ଦେବେଶ କହିଲା, "ଜାଣିନାହାନ୍ତି କି ମାଡାମ, ସେ ତା ନିଜ ଗାଁକୁ ଯାଇ ସେଠି ଅଳ୍ପ କିଛି ଟଙ୍କା ଇନଭେଷ୍ଟ କରି ଗୋଟିଏ ବଡ ଫାର୍ମ ହାଉସ୍ କରିଛି। ନିଜ ଖର୍ଚ୍ଚରେ ରାସ୍ତା କଡେ କଡେ ଗଛ ଲଗାଇ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ବି ହୋଇଛି। ଭାରି ପରିଶ୍ରମୀ ଆଉ ସଚ୍ଚୋଟ। ବିଭିନ୍ନ ପ୍ରକାର ପନିପରିବା ଚାଷ କରି ବାହିଆଡେ ସପ୍ଲାଇ କରୁଛି। କେତେ ବେରୋଜଗାରିଆଙ୍କୁ ରୋଜଗାର ଦେଇଛି ସେ ତା ଗାଁରେ।"

"ଆଚ୍ଛା..." ମୁରୁକି ହସି କହିଲେ ମିସେସ୍ ଚୌଧୁରୀ। "ତୁମେ ସମସ୍ତେ ତାରି ଆଦର୍ଶରେ ଅନୁପ୍ରାଣିତ ହୁଅ ପିଲାଏ, ଯେତେ ପାରୁଛ ଗଛ ଲଗା। ଏ ବର୍ଷ ଏତେ ଗରମ...ବର୍ତ୍ତମାନର ପ୍ରାକୃତିକ ବିପର୍ଯ୍ୟୟର ଏକମାତ୍ର ସମାଧାନ ବୃକ୍ଷ ରୋପଣ। ଗତ ବର୍ଷ ମୁଁ ଡେନମାର୍କ ଯାଇଥିଲି ଝିଅ ପାଖକୁ। ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ ସେଠି ବାହିଆଡ଼େ ଶସ୍ୟ ଶ୍ୟାମଳା...ମୋ ମନ ମୋହିନେଲା ସତରେ।"

ହାତ ଘଣ୍ଟାକୁ ଚାହିଁ କହିଲେ, "ହଉ ପିଲାମାନେ ମୁଁ ଏବେ ଯିବି। ବର୍ଷା ଛାଡ଼ିଗଲାଣି। ମୋ ବସ ଛ'ଟାରେ ଅଛି।"

ସମସ୍ତେ ମିଶି ମିସେସ ଚୌଧୁରୀଙ୍କୁ ବସରେ ବସାଇ ପାଦ ଧୂଳି ନେଇ ବିଦାୟ ନେଲେ।

ଦେବେଶ କହୁଥିଲା, କିଛି ବି ଦରକାର ହେଲେ ତୁରନ୍ତ ଫୋନ କରିବେ ମାଡାମ। ଆପଣଙ୍କ ବାନରସେନା ସର୍ବଦା ଆପଣଙ୍କ ସେବାରେ ପ୍ରସ୍ତୁତ।

ବାଟରେ ଆସୁ ଆସୁ ମିସେସ ଚୌଧୁରୀ ଭାବୁଥିଲେ, ପ୍ରାୟ ପଚର ବର୍ଷ ତଳେ ସେ ଏଠୁ ଟ୍ରାନ୍ସଫର ହୋଇ ଜଗତସିଂହପୁର ଚାଲିଯାଇଥିଲେ। ହେଲେ ଚାକିରୀରୁ ଅବ୍ୟାହତି ନେଲା ପରେ ତାଙ୍କର ପ୍ରିୟ ଛାତ୍ର ଛାତ୍ରୀମାନଙ୍କ ସହ ଏମିତିକା ଅଚାନକ ଦେଖା ହୋଇଯିବ ସେ କେବେ ବି କଳ୍ପନା କରି ନ ଥିଲେ।

ବସ ଟିକେ ଷ୍ଟୋପେଲା, ଆଉ ଉଠି ଆସିଲେ ଜଣେ ଭଦ୍ର ମହିଳା... ବୟସ ପ୍ରାୟ ପଚାଶ କି ପଂଚାବନ ହେବ।

"ଆରେ.... ଚୌଧୁରୀ ମାଡାମ.... ନମସ୍କାର।....କେତେ ଦିନ ହେଲା ଖୋଜୁଥିଲି ଆପଣଙ୍କୁ ମନେ ମନେ.....ଏତେ ଦିନ ପରେ ଦେଖା ମିଳିଲା।"

ପାଖ ଖାଲି ଥିବା ସିଟ୍‌ରେ ବସିବାକୁ ଇଙ୍ଗିତ କରି ବିସ୍ମୟ ଭରା ଚାହାଣିରେ ପଚାରିଲେ ମିସେସ ଚୌଧୁରୀ, "ମୋତେ ଖୋଜୁଥିଲେ.... କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନିନି।" ଆଶ୍ଚର୍ଯ୍ୟ ଭରା ଚାହାଣିରେ ପଚାରିଲେ ସେ।

"ହଁ ମାଡାମ୍, ସେଦିନ ପାରେଣ୍ଟସ୍ ମିଟିଂରେ ମୋ ପୁଅ ନାଁରେ ଆସିଥିବା ବିଭିନ୍ନ ଅଭିଯୋଗ ତଥା ତାର ଖରାପ ରେକର୍ଡ଼ ଶୁଣି ସାରିଲା ପରେ ପୁଅ ପାଖରେ ବସି ଭାରି ବ୍ୟସ୍ତ ହୋଇ ପଡ଼ିଥିଲି ମୁଁ। ଏତେ ଭାଙ୍ଗି ପଡ଼ିଥିଲି ଯେ ମୋ ଆଖିରୁ ବହି ଚାଲିଥିଲା ଧାର ଧାର ଲୁହ। ଆଉ ହଠାତ ଆପଣ ଅଚାନକ ସେଠି ପହଂଚି କହିଥିଲେ, "ବ୍ୟସ୍ତ ହୁଅନ୍ତୁନି ଆଜ୍ଞା...ଆଜିଠୁ ସେ ମୋ ପୁଅ.... ଅଉ ମୁଁ ତାର ସବୁ ଦାୟିତ୍ୱ ନେଲି...ଧୈର୍ଯ୍ୟ ଧରନ୍ତୁ।"

ସେଇ ଗୋଟିଏ ପଦ କଥାରେ କି ଯାଦୁ ଥିଲା କେଜାଣି... ମୁଁ ନିଶ୍ଚିତ ହୋଇ ଘରକୁ ଗଲି। ଆଉ ଆପଣଙ୍କ ଆଶୀର୍ବାଦରୁ ମୋ ପୁଅ ଆଜି ପ୍ରତିଷ୍ଠିତ।

"ଓହୋ ଏଇ କଥା। ମୁଁ କିଛି ନୁହେଁ ଆଜ୍ଞା। ସବୁ ସେଇ ବିଶ୍ୱନିୟନ୍ତାଙ୍କ ଇଚ୍ଛା। ମୁଁ ଏକ ମାଧ୍ୟମ ମାତ୍ର।" ପ୍ରତ୍ୟୁତ୍ତରରେ କହିଲେ ମିସେସ ଚୌଧୁରୀ।

ଘରେ ପହଁଚିଲା ପରେ କବାଟ ଖୋଲୁ ଖୋଲୁ ସ୍ୱାମୀ ବ୍ୟସ୍ତ ହୋଇ ପଚାରିଲେ, "ଏତେ ବିଳମ୍ବ...ଫୋନ୍ ନଟ୍ ରିଚେବୁଲ୍.... କଣ ପାଇଁ ଏତେ ବିଳମ୍ବ ହେଲା ତୁମର ଆରତୀ ?"

"ହଠାତ କାଳ ବୈଶାଖୀ ପାଇଁ ଖୁବ ଜୋରରେ ମେଘ ପବନ ଆରମ୍ଭ ହୋଇଗଲା। ବାଧ୍ୟ ହୋଇ ମୋତେ ଗୋଟିଏ ଛୋଟ ଦୋକାନ ଭିତରେ ଆଶ୍ରୟ ନେବାକୁ ପଡ଼ିଲା। କିନ୍ତୁ ମୁଁ କଣ

ଜାଣିଥିଲି ସେଇଠି ବି ମୋର ଗୋଟେ ପରିବାର ଆସି ପହଂଚି ଯିବେ ବୋଲି!"

ସ୍ୱାମୀଙ୍କୁ ସବୁକଥା ବର୍ଣ୍ଣନା କରୁ କରୁ ଭାବ ବିହ୍ୱଳ ହୋଇ ଯାଉଥିଲେ ମିସେସ ଚୌଧୁରୀ।

ପରଦିନ ସକାଳୁ ଚା ପିଉ ପିଉ ସ୍ୱାମୀ ଅରବିନ୍ଦ କହୁଥିଲେ, "ଆଜି ଆମର ସେଇ ସୁଡପଦା ଜାଗା ଜବରଦଖଲ ଉପରେ ଗ୍ରୀଭାନ୍ସ ସେଲରେ ଶୁଣାଣି ହେବାର ଅଛି। ଶୁଣିବାକୁ ପାଇଲି ଯେ,ସେ ଜବରଦାଖଲକାରୀ ବଦମାସ ଲୋକଟା ଗୋଟେ କ୍ରିମିନାଲ। ତୁମେ ଟିକେ ଶୀଘ୍ର ବାହାରି ପଡ। ଆମେ ଠିକ ସମୟରେ ସେଠି ନ ପହଁଚିଲେ ସେ ବଦମାସ ଲୋକ ଆମକୁ ଅସୁବିଧାରେ ପକେଇ ପାରେ।"

ହଠାତ ଗୋଟିଏ ଇନୋଭା ଗାଡି ଆସି ଘର ସାମ୍ନାରେ ଅଟକିଲା। ଟା ପିଉ ପିଉ ଜିଜ୍ଞାସୁ ଆଖିରେ ବାହାରକୁ ଚାହିଁଲେ ମିସେସ ଚୌଧୁରୀ। ଗାଡ଼ିରୁ ଓହ୍ଲାଉ ଥିବା ପୋଲିସ ପୋଷାକ ପିନ୍ଧା ଦୁଇଜଣ ବ୍ୟକ୍ତିଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚକ୍ଷମାକୁ ଭଲ କି ପୋଛି ଚାହିଁଲେ ସେ। ପୋଲିସ ପୋଷାକ ପିନ୍ଧା ବ୍ୟକ୍ତି ଦୁଇଜଣ ତାଙ୍କ ଆଡକୁ ମାଡି ଆସୁଥିବାର ଦେଖି ଚୁଲତା ଉପରକୁ ଟେକି ବିସ୍ମୟ ହୋଇ ପ୍ରଶ୍ନ କଲେ ମିସେସ ଚୌଧୁରୀ।

"କାହାକୁ ଖୋଜୁଛନ୍ତି ଆଜ୍ଞା ?"

ପୋଲିସ ପୋଷାକ ପିନ୍ଧା ବ୍ୟକ୍ତି ଦୁଇଜଣଙ୍କର ନିରବତା ଦେଖି ଆଶ୍ଚର୍ଯ୍ୟ ଓ ଭୟ ମିଶା ଚାହାଣିରେ ଚାହିଁ ପଚାରିଲେ ସେ।

"କଣ ହୋଇଛି ?"

ବସିଥିବା ଚେୟାରରୁ ଉଠିପଡ଼ି ସ୍ୱାମୀଙ୍କ ହାତକୁ ମୁଠେଇ ଧରିଲେ ମିସେସ ଚୌଧୁରୀ। ଅନିଶ୍ଚିତ ଭୟ ଓ ବିସ୍ମୟର ଫେଣ୍ଟାଫେଣ୍ଟି ଭାବ ସ୍ପଷ୍ଟ ବାରିହୋଇପଡୁଥିଲା ତାଙ୍କ ଚାହାଣିରୁ।

ଆଉ କିଛି ପଚାରିବା ପୂର୍ବରୁ ଗାଡ଼ିରୁ ଓହ୍ଲାଇ ପଡିଲେ ଆଉ ଜଣେ ଡେଙ୍ଗା କଳା ଯୁବକ।

ଆଉ ସେଇ ଡେଙ୍ଗା ଯୁବକ ହଠାତ ତାଙ୍କ ପାଦ ତଳେ ବସିପଡି ପାଦ ଛୁଇଁ କହିଲେ, "ମୁଁ ଆପଣଙ୍କ ଛାତ୍ର ଅବିନାଶ ମାଡାମ....

ସେଦିନ ବାପାଙ୍କର ଆର୍ଥିକ ସମସ୍ୟା ପାଇଁ ଫର୍ମ ଫିଲପ୍ କରି ପାରି ନ ଥିଲି ବୋଲି ମୁହଁ ଶୁଖେଇ ବସିଥିଲି କ୍ଲାସ ରୁମରେ। ଆଉ ଆପଣ ଅଚାନକ ମୋ ମନର ଭାଷା ପଢି ଆପଣଙ୍କ ବ୍ୟାଗ୍‌ରୁ ଟଙ୍କା ବାହାର କରି ମୋତେ ଦେଇ କହିଥିଲେ, 'କେତେବେଳେ କହିଛି କିଛି ବି ଅସୁବିଧା ହେଲେ ମୋତେ କହିବ... ମୋ ଦ୍ୱାରା ଯଦି ହୋଇପାରିବ ମୁଁ ନିଶ୍ଚୟ ସାହାଯ୍ୟ କରିବି।'

ଆପଣଙ୍କର ସେଇ ସାହାଯ୍ୟ ଆଉ ଆଶୀର୍ବାଦ ପାଇଁ ଆଜି ମୁଁ କଲେକ୍ଟର... ମାଡାମ।

ଯେମିତି ଶୁଣିଲି ଆପଣ ନିଜ ଗାଁକୁ ଫେରି ଆସିଛନ୍ତି, ସବୁ କାମ ଛାଡ଼ି ଆସିଛି ମୋ ଦେବୀଙ୍କୁ ଦର୍ଶନ କରିବାକୁ। ଆପଣ ହିଁ ମୋର ଦେବୀ। ଯଦି ଆପଣ ସେଦିନ ମୋତେ ସାହାଯ୍ୟ କରି ନ ଥାନ୍ତେ ଆଜି ହୁଏତ ମୁଁ ବେକାରୀ ଓ ଦାରିଦ୍ର୍ୟର କଷାଘାତରେ ସଢୁଥାନ୍ତି।"

ଖୁବ ଜୋରରେ ମାଡାମଙ୍କୁ ଭିଡି ଧରି କାନ୍ଦୁଥିଲେ ଯୁବ କଲେକ୍ଟର ଅବିନାଶ ଦାସ।

"ନିଜ ପିଲାମାନଙ୍କ ପାଇଁ ସବୁବେଳେ ସବୁ ଶିକ୍ଷକ ଏମିତି କରନ୍ତି। ଏଥିରେ ବଡ କଥା କଣ। ମୋ ପିଲା ଆଜି କଲେକ୍ଟର... ଯାଠୁ ବଳି ବଡ ଖୁସି କଣ ବା ହୋଇପାରେ! ତୁମର ସଫଳତା ଦେଖି ମୋ ଜୀବନ ଧନ୍ୟ ହୋଇଗଲା ଅବିନାଶ...ସତେ ଯେମିତି ମୋତେ ଏତେ ବର୍ଷ ପରେ ମୋ ଗୁରୁ ଦକ୍ଷିଣା ମିଳିଗଲା।" ବୁଝେଇବାକୁ ଯାଇ କହୁଥିଲେ ମିସେସ ଚୌଧୁରୀ।

ଚାକିରୀରୁ ଅବ୍ୟାହତି ନେଲା ପରେବି ଯଦି ଲୋକମାନଙ୍କ ହୃଦୟରେ ଛୋଟ ଜାଗାଟିଏ ସୃଷ୍ଟି କରି ପାରୁଛ, ତାହାହିଁ ଏ ଜୀବନର ସର୍ବଶ୍ରେଷ୍ଠ ପୁଞ୍ଜି। ଜଣେ ମଣିଷ ଜୀବନରେ ଏହା ଠାରୁ ବଳି ବଡ ସଫଳତା ଆଉ କ'ଣ ବା ହୋଇପାରେ।

(ସମାପ୍ତ)

♥ ଚାଉଡେଇ, ଫୋନ:୯୮୬୧୧୯୨୪୪୫

ପାଠକୀୟ ପ୍ରତିକ୍ରିୟା

'ଶ୍ୟାମଳ ପ୍ରୀତିର ଦୁଃଖ': ମନରୁ ସରେନା



- ♥ ବହିର ନାମ : **ଶ୍ୟାମଳ ପ୍ରୀତିର ଦୁଃଖ**
- ♥ ସ୍ରଷ୍ଟା : ସ୍ନେହଲତା ପୃଷ୍ଟି
- ♥ ପ୍ରକାଶକ: ଏଥେନା ବୁକ୍ସ, ଭୁବନେଶ୍ୱର
- ♥ ପୃଷ୍ଠା : ୭୦
- ♥ ମୂଲ୍ୟ : ୧୦୦/-
- ♥ ପ୍ରଥମ ସଂସ୍କରଣ : ୨୦୨୧

ନବେ ଦଶକର କଥା। ନବେ ଦଶକର ଶେଷ ଆଡ଼କୁ ଅମେ ସବୁ ସାଙ୍ଗମାନେ ଘରଠୁ କୋଡ଼ିଏ କିଲୋମିଟର ଦୂରରେ ଥିବା ଗୋଟିଏ କଲେଜକୁ ସବୁଦିନ ଯାଉଥିଲୁ ଏକ ନିର୍ଦ୍ଦିଷ୍ଟ ବେସରକାରୀ ବସ୍‌ରେ। ସେଠି ରାସ୍ତା ଯାକ ଚାଲୁଥାଏ ମଷ୍ଟି। ବସ୍ ଷ୍ଟେସନ ଛାଡ଼ିବା ପରେ ଡ୍ରାଇଭର ଫୁଲ୍ ଭୋଲ୍ୟୁମ୍ ଦେଇ ପ୍ରାୟତଃ ଦୁଇ ତିନୋଟି ଗୀତ ହିଁ ସବୁବେଳେ ବଜାଏ। ପ୍ରଥମ ଗୀତଟି ଯେମିତି ହେଲେ ବାଜିବ ଆଲଫଟ ରାଜାଙ୍କ 'ତୁମ୍ ତୋ ଠେହରେ ପରଦେଶୀ ସାଥ୍ କ୍ୟା ନିଭାଓଗେ...' ଏବଂ ତାପରେ ବାଜିବ ଫିଲ୍ମ ରାଜା ହିନ୍ଦୁସ୍ତାନୀର ଗୀତ 'ପରଦେଶୀ ପରଦେଶୀ ଜାନା ନହିଁ, ମୁଝେ ଛୋଡକେ ଜାନା ନେହି...' କିମ୍ବା ବାଜିବ 'ଏକ ପରଦେଶୀ ମେରା ଦିଲ୍ ଲେଗୟା /ଯାତେ ଯାତେ ମିଠା ମିଠା ଗମ୍ ଦେଗୟା...' ସେତେବେଳେ ସେଇ ଗୀତଗୁଡ଼ିକ ଖୁବ୍ ଛୁଇଁ ଯାଉଥିଲା ଆମକୁ, ଆଉ ବିଶେଷ କରି ମୋତେ ଛୁଉଁଥିଲା 'ଏକ୍ ପରଦେଶୀ ମେରା ଦିଲ୍ ଲେଗୟା' ଗୀତଟି।

ଆଜି ପାଖାପାଖି ତିନି ଦଶକ ପରେ ଏଇ ଏବେ ଏବେ କବି ସ୍ନେହଲତା ପୃଷ୍ଟିଙ୍କ କବିତା ସଂକଳନ 'ଶ୍ୟାମଳ ପ୍ରୀତିର ଦୁଃଖ'କୁ ପଢ଼ିଲା ପରେ ଏବେ ପୁଣିଥରେ ମୋର ମନେ ପଡୁଛି ସେଇ ପୁରୁଣା ଦିନ ପୁରୁଣା ଗୀତ 'ଏକ୍ ପରଦେଶୀ ମେରା ଦିଲ୍ ଲେଗୟା /ଯାତେ ଯାତେ ମିଠା ମିଠା ଗମ୍ ଦେଗୟା...'।

ସେତେବେଳେ ଗୀତ ଭଲ ଲାଗୁଥିଲା ଯଦିଓ ମୁଁ କେବେ ବୁଝିବାକୁ ଚେଷ୍ଟା କରି ନଥିଲି ସେ ଗୀତର ଭାବକୁ। ଏବେ କିନ୍ତୁ ଶ୍ୟାମଳ ପ୍ରୀତିର ଦୁଃଖକୁ ପଢିବା ପରେ ଏବେ ଖୁବ୍ ଭଲ ଭାବରେ ବୁଝି ହେଉଛି ସେଇ ଗୀତର ଭାବ ଓ ଛାତିକୁ ଭାଙ୍ଗିଦ୍ରି ବିଦାରି ଦେଉଥିବା ଏହି କବିତାର ଅନୁଭବ। ହଁ ମିଠା ମିଠା ପ୍ରେମରେ ଖଟାଖଟା ଦୁଃଖ ବି ଥାଏ, ସେ ଦୁଃଖକୁ ଯିଏ ଭୋଗିଛି ସିଏ ହିଁ ଜାଣିଛି। ସେହି ଦୁଃଖ କେତେବେଳେ ବିରହର ବେଦନାରେ ଆସେ ତ କେତେବେଳେ ଆସେ ପ୍ରିୟତମ ଅବା ପ୍ରିୟତମାର ପ୍ରତାରଣାରେ ଏବଂ ସ୍ମୃତିଟିଏ ହୋଇ ରହିଯାଏ ମନ ଭିତରେ। ବୋଧହୁଏ ସେଇଥିପାଇଁ କବି କୁହନ୍ତି, "ତୁମେ କହୁଥିଲ / ମନ ଆକାଶରେ / ପ୍ରେମ ଗୋଟିଏ ନକ୍ଷତ୍ର ରାତି, / ପାଇ ହଜାଇବା / ହଜାଇ ପାଇବା ଭିତରେ / ସେ ଏକ ସ୍ମୃତି।" (ପୃଷ୍ଠା ସଂଖ୍ୟା - ୫୫)

ସେହି ସ୍ମୃତି ଭିତରେ ଥାଏ କେତେବେଳେ ଶ୍ୟାମଳ ପ୍ରୀତି ତ ପୁଣି କେତେବେଳେ ଥାଏ ଗୋଟିଏ ଭୁଲ୍ ବୁଝାମଣା ଯୋଗୁଁ ଭାଙ୍ଗି ଯାଇଥିବା ଗୋଟିଏ ସମ୍ପର୍କ, ଯେଉଁଠୁ ଜନ୍ମ ନିଏ ଗୋଟିଏ ଶ୍ୟାମଳ ପ୍ରୀତିର ଦୁଃଖ।

କବି ତାଙ୍କ ସୃଜନ ପୀଡ଼ାର କଥାରେ କହିଛନ୍ତି ୨୦୧୮ ଅପ୍ରେଲ୍ ୧ ତାରିଖରେ ତାଙ୍କ ମନରେ ଭରି ଯାଇଥିଲା ଏକ ବିରାଟ ଅବସାଦରେ। କାହିଁ କି କାହିଁ ପାରୁନଥିଲେ ସେ। ଆଖିରୁ ଲୁହ ସବୁ ଝରି ପଡ଼ିବା ଆଗରୁ ତାକୁ ସେ ପୋଛି ଦେଉଥିଲେ ନିଜ ହାତରେ। ମୁଁ ପଚାରିବିନି କଣ ହୋଇଥିଲା ସେଦିନ। ମୁଁ ପଚାରିବିନି ସେଦିନ ଭାଙ୍ଗି ଯାଇଥିଲା କେଉଁ ସମ୍ପର୍କ ଓ କେଉଁ ମନ। ହେଲେ ଏତିକି କହିବି, ସେହିଦିନ ହିଁ ନିଜ ଆଖିର ଲୁହରୁ ଗୋଟିଏ ରୋମାଣ୍ଟିକ କବିର ହୋଇଥିଲା ଜନ୍ମ ଏବଂ ସେହି କବିର କୋହରୁ ଜନ୍ମ ନେଇଥିଲା ଶ୍ୟାମଳ ପ୍ରୀତିର ଦୁଃଖ। ତେଣୁ ସେଉଠି କବି ଲେଖୁଥିଲେ, "ଗାଇ ଦେଇ ଯା'ଉ / ବହି ଯାଉଥାଏ / ଲୁହର ଲୁଣିଆ ଗଙ୍ଗା, / ସେ ଏକା ଜାଣିଛି / କେମିତି ବାନ୍ଧୁଛି / ଜୀବନର ଡୁଲି ଡଙ୍ଗା।" (ପୃଷ୍ଠା ସଂଖ୍ୟା - ୧୧)

ହଁ, ଅନୁଭବି ହିଁ ଜାଣେ ଅନୁଭବର କଥା। ଭାରି ରାଗ ଆସେ ସେହି ପ୍ରେମିକ ଉପରେ ଯିଏ ନିଜ ପ୍ରେମିକାକୁ ଅଧାବାଟରେ ଛାଡ଼ି ଦେଇ ଚାଲିଯାଏ ବହୁଦୂର। ଛାଡ଼ି ଚାଲି ଯାଉଥିବା ସେହି ପ୍ରେମିକ କାହିଁ ଅବା ବୁଝିବ ସେହି ଶ୍ୟାମଳ ପ୍ରୀତିର ଦୁଃଖ! ଏଣୁ କବି କୁହନ୍ତି, "ବିରହ ନିଆଁରେ ଜଳି ନାହିଁ ଯିଏ/ ଜାଳିଛି ଜୀବନଯାକ, / ସେ କିସ ବୁଝିବ/ ଏଇ ଦୁନିଆରେ/ ଭଲ ପାଇବାର ଦୁଃଖ।" (ପୃଷ୍ଠା ସଂଖ୍ୟା - ୧୫)

ସତରେ ପ୍ରେମରେ ଭୋଗିବା ଲୋକ ହିଁ ଜାଣେ ଭଲ ପାଇବାରେ ଦୁଃଖ କ'ଣ। ଯିଏ ବିରହ ନିଆଁରେ ନିଜେ ନଜଳିଛି କି ଯିଏ ନିଜେ ପ୍ରତାରଣାର ଶିକାର ନହୋଇଛି ସିଏ ବା କାହିଁ ବୁଝିବ ଭଲ ପାଇବାର ଦୁଃଖ। ଯିଏ ଭୋଗିଛି ସିଏ ହିଁ ଜାଣିଛି ଭଲ ପାଇବାରେ କଳଙ୍କ କଣ, ଜାଣିଛି ନିନ୍ଦା ଅଉ ଅପବାଦ କଣ।

ରାଧା ଓ କୃଷ୍ଣ ଉଭୟ ଉଭୟଙ୍କୁ ପ୍ରେମ କଲେ ଗୋପରେ, ବୃନ୍ଦାବନରେ। ହେଲେ ମଥୁରା ଗଲା ପରେ ବଦଳି ଗଲେ କୃଷ୍ଣ, ସେ କଣ ଅଉ ଫେରି ଚାହିଁଲେ ତାଙ୍କ ରାଧାରାଣୀଙ୍କୁ! ସେତେବେଳେ ବିରହର ବେଦନା ଭୋଗିଲେ କେବଳ ରାଧା। ନିଜ ମୁଣ୍ଡରେ ମୁଣ୍ଡାଇଲେ ସବୁତକ ନିନ୍ଦା ଅପବାଦ ଓ ନିଜେ ପାଲଟିଗଲେ କଳଙ୍କିନୀ। ହେଲେ କେହି କଣ କେବେ ବୁଝିବାକୁ ଚେଷ୍ଟା କଲେ ସେ କଳଙ୍କିନୀ ହେଲେ କାହା ପାଇଁ। କେହି କେବେ ବୁଝିବାକୁ ଚେଷ୍ଟା କଲେ କି ସେହି ନିନ୍ଦା ଅପବାଦର ଭାର କିଏ ! ନା, କେହି ବୁଝିଲେନି ସେ କଥା। ବରଂ କଂସର ଶ୍ୱଶୁର ଜରାସନ୍ଧ ମଥୁରା ଉପରେ ଲଗାତାର ୧୭ଥର ଆକ୍ରମଣ କଲାବୋଲି ରଣକ୍ଷେତ୍ର ଛାଡ଼ି ମଥୁରାରୁ ଦ୍ୱାରିକାକୁ ଚାଲିଗଲେ କୃଷ୍ଣ। ସେଠି ଦ୍ୱାରିକା ନଗରୀ ଗଢି ସିଂହାସନରେ ବସାଇଲେ ଉଗ୍ରସେନଙ୍କୁ ଓ ନିଜେ ବିବାହ କଲେ ରୁକ୍ମିଣୀଙ୍କୁ। ସେତେବେଳେ ଜଣେ ପ୍ରେମିକ ଭାବରେ ସିଏ କଣ ପ୍ରତାରିତ କରିନଥିଲେ ତାଙ୍କ ରାଧାଙ୍କୁ। କଥା ଛଳରେ, ବାକ୍ ଚାତୁରୀରେ ତୁମେ କହିପାର ରାଧା ଓ କୃଷ୍ଣ ଏକ ଓ ଅଭିନ୍ନ ଥିଲେ ବୋଲି। ହେଲେ ସତକଥା କଣ, ସେକଥା କେବଳ ରାଧା ହିଁ ଜାଣନ୍ତି। ସାରା ଜୀବନ ସେ ନିନ୍ଦା ଅପବାଦ ସହି ଚାଲିଛନ୍ତି ବିରହର ବେଦନାରେ ଏବଂ ମଲାଯାଏ କୃଷ୍ଣ ନାମକୁ ରଖିଛନ୍ତି ନିଜ ତୁଣ୍ଡରେ। ହେଲେ ସେ ବିରହର ଜ୍ୱାଳାକୁ କେବେ କଣ ଭୋଗିଛନ୍ତି କୃଷ୍ଣ ? ନା, ଜମାରୁ ନୁହଁ। ଆଜି ବି ବଦଳିନି କିଛି। ଆଜି ବି ପ୍ରେମିକାଟିଏ କେଉଁଠି ନା କେଉଁଠି ପ୍ରତାରିତ ହେଉଛି ତାର ପ୍ରେମିକ ଦ୍ୱାରା। ତଥାପି, ରାଧାଙ୍କ ପରି ସେ ଝୁରୁଛି ଓ ଜଳୁଛି ତା' ପ୍ରେମିକ ପାଇଁ। ତମାମ୍ ଜୀବନ ସେ ନିଜ ମୁଣ୍ଡରେ ବୋହୁଛି ସେହି ପ୍ରେମ ଜନିତ କଳଙ୍କ। ଏଣୁ କବି କୁହନ୍ତି, "ଜାଗରା ବାଜିଲା ଗୋପ ଦାଣ୍ଡରେ / ରାଧା ହେଲା କଳଙ୍କିନୀ / କଳଙ୍କର ଟୀକା ଯିଏ ପିନ୍ଧାଇଲା/ ତାକୁ ପାରିଲେନି ଚିହ୍ନି!/ ସବୁ ଅପବାଦ ସହିଲା ରାଧିକା / ପ୍ରେମ କରୁଥିଲା ବୋଲି, / ନନ୍ଦ ପୁଅ ସିନା ଭୁଲିଗଲା ରାଧାକୁ/ ରାଧା ପାରିଲାନି ଭୁଲି।" (ପୃଷ୍ଠା ସଂଖ୍ୟା -୩୨)

ଖାଲି କଣ ରାଧା ? କହିଲେ ଦେଖି, ଏମିତି କିଏ ଅଛି ଯିଏ ପ୍ରେମ କରିଛି ଅଥଚ ଦୁଃଖକୁ ଭୋଗିନି! ଦ୍ରୁପଦ ନନ୍ଦିନୀ ସୈରନ୍ଧ୍ରୀ ଯାଜ୍ଞସେନୀ ବି ଭଲ ପାଉଥିଲା କର୍ଣ୍ଣକୁ। ଭାବିଥିଲା ଦାନବୀର କର୍ଣ୍ଣର ରାଣୀ ସାଜି ରହିବ ସାରା ଜୀବନ। ହେଲେ ରାଜ କୁଳରେ ଜନ୍ମ ନଥିଲା ବୋଲି ସ୍ୱୟଂବର ସଭାରେ ଭାଗ ନେବାକୁ ଦିଆଗଲାନି କର୍ଣ୍ଣକୁ। ଅଧାରେ ରହିଗଲା ଯାଜ୍ଞସେନୀର ପ୍ରେମ। ତୃତୀୟ ପାଣ୍ଡବ ଅର୍ଜୁନ ଧନୁ ଉଠାଇ ତୀରରେ ବିନ୍ଧିଲେ ଶର, ସାଜିଲେ ଯାଜ୍ଞସେନୀର ବର। ଦୁଃଖ ଏତିକିରେ ସରିନଥିଲା ଯାଜ୍ଞସେନୀର। ସେପଟେ ଦାନ ବୀର କର୍ଣ୍ଣ ପାଖରେ ରହିଲା ମନ ଓ ଏପଟେ ଭାଗ୍ୟକୁ ପଞ୍ଚ ପାଣ୍ଡବଙ୍କ ପାଖରେ ଭାଗ ବସିଲା ତା'ର ଦେହ। ଖାଲି ଏତିକିରେ ସରି ନଥିଲା ତା' ଦୁଃଖ। ଯେଉଁ ସଭାରେ ତାକୁ ବାଜି ଲଗାଇ ହାରିଲେ ହାରିଥିଲେ ପଞ୍ଚ ପାଣ୍ଡବ ସେଇ ସଭାରେ ତାଆର ଚୀର ହରଣ ହେଉଥିବା ସମୟରେ ସେଠି ଉପସ୍ଥିତ ଥିଲା ତା'ର ପ୍ରେମିକ କର୍ଣ୍ଣ। ସେଇଟା ହିଁ ଥିଲା ସବୁଠାରୁ ବଡ଼ ଦୁଃଖ ଓ ଲାଜ। କୃଷ୍ଣ ପରି ସଖା ଥାଇ ବି କେହି ବି ବୁଝି ପାରିଲେନି ଲାଜବତୀ କୃଷ୍ଣାର ମନ ଯଦିଓ କୃଷ୍ଣ କୃଷ୍ଣ ଜାଣିଥିଲେ କୃଷ୍ଣାର ମନରେ ରହିଛି କେବଳ କର୍ଣ୍ଣ। ଆଜି ବି ବଦଳିନି ସମୟ। ଆଜି ବି ଅଧିକାଂଶ ପ୍ରେମିକାଙ୍କ ଅବସ୍ଥା ଦେଖିବାକୁ ଠିକ୍ ଏମିତି ହିଁ ଅଛି। ପ୍ରେମିକ ଅଧାବାଟରେ ପ୍ରେମିକାକୁ ଛାଡି ଚାଲି ଯାଉଛି ବାହାରେ ଚାକିରି କରିବା ନାମରେ ଅବା ପ୍ରେମିକା ମନରେ ଆଉ କେହି ଥିବାର ବାହାନାରେ। ହେଲେ ପ୍ରେମିକା ହିଁ ଜାଣେ ସେକଥା ସେ କେମିତି ଜଳେ ବିରହର ନିଆଁରେ, କେମିତି ଜଳେ ପ୍ରେମିକର ପ୍ରତାରଣାରେ। ଏଣୁ କବି କୁହନ୍ତି, "ଛାଡିଥରା ସେଇ ଅନୁଭୂତିକୁ / ମୁଁ କା' ଆଗେ ପାରୁନି କହି,/ କାହାକୁ କହିବି ଲୁହର ଉପହାର / ତୁମେ ତ ଯାଉଛ ଦେଇ ++++ / ପର ଯଦି କେହି ଭୁଲ ବୁଝିଥାନ୍ତେ / ପାରିଥାନ୍ତି ମୁଁ ସହି, / ନିଜର ହୋଇ ମୋ ଭୁଲ ବୁଝିଲ/ ଜମା ସହି ପାରୁ ନାହିଁ।" (ପୃଷ୍ଠା ସଂଖ୍ୟା- ୫୬-୫୯)

ଛାଡ଼ୁ, ଏତେ କଥା କହି କିଛି ଲାଭ ନାହିଁ। ପ୍ରେମରେ ଥରେ ଯିଏ ନପଡ଼ିଛି ସେ କେବେ ଗୋଟିଏ ପ୍ରେମିକାର ମନକଥା ବୁଝି ପାରିବ ନାହିଁ। ପ୍ରେମିକଟେ ହୁଏତ ସାହସ କରି ସମାଜ ଆଗରେ କହିପାରେ ସେ ପ୍ରେମ କରେ ବୋଲି। ସତ୍ୟ ପ୍ରେମିକାଟେ କିନ୍ତୁ ଡରେନି ସମାଜକୁ, ସେ କହିପାରେ ସେ ପ୍ରେମ କରେ ବୋଲି। ବୋଧହୁଏ ସେଇଥିପାଇଁ ପ୍ରେମିକାଟେ ଦୁନିଆକୁ ଆଙ୍ଗୁଠି ଦେଖାଇ କହିପାରେ, "ବୃଦ୍ଧ କିଏ ଅଛି ଏ ଦୁନିଆରେ / ପ୍ରେମିକାଟେ ମୋ ପରି, / ଈର୍ଷାର ଛୁରୀରେ କାଟିବି ମୁଁ ତାକୁ / ଚୁମିବି ତା' ପାଦ ଧରି। / ପ୍ରେମ କରିଛି ମୁଁ ପାପ କରି ନାହିଁ / କହୁଛି ଖୋଲାଖୋଲି, /ଡରେ ନାହିଁ ମୁଁ ଏ ସମାଜକୁ / କାଳେ ଫାଶୀ ଦେବ ବୋଲି।" (ପୃଷ୍ଠା ସଂଖ୍ୟା- ୨୨)

ଗୋଟିଏ ପ୍ରେମିକାର ଏହି ସ୍ୱୀକାରୋକ୍ତି, ଗୋଟିଏ ପ୍ରେମିକାର ଏହି ଅଭିବ୍ୟକ୍ତି ହିଁ ଜୀବନ ଦେଇଛି ଶ୍ୟାମଳ ପ୍ରୀତିର ଦୁଃଖକୁ। ଏଇ ଶ୍ୟାମଳ ପ୍ରୀତିର ଦୁଃଖକୁ ସେଦିନ ଭୋଗିଥିଲେ ରାଧା ଆଉ ଆଜିବି ଭୋଗୁଛନ୍ତି ଶତେକ ପ୍ରେମିକା। ଏହି ଭୋଗିବା ପଣର ଦୁଃଖ ଏକ ଚିରନ୍ତନ ସତ୍ୟ। ତଥାପି ମଣିଷ ବାରମ୍ବାର ପ୍ରେମରେ ପଡ଼େ, କୀଟ ପରି ବାରମ୍ବାର ନିଆଁ ଧାସ ଆଡ଼କୁ ଟାଣି ହୋଇଥାଏ। ଏଇ ଦୁଃଖକୁ ଯେତିକି ଭୋଗେ ପ୍ରେମିକା ସେତିକି ଭୋଗେ ପ୍ରେମିକ ବି ଯଦି ସତରେ ସେ ପ୍ରେମ କରୁଥାଏ। ହେଲେ ଏଇ ଦୁଃଖକୁ କେବେବି ବୁଝି ପାରିବନି ଜଣେ ପ୍ରତାରକ, ତେଣିକି ସେ କଳା କୃଷ୍ଣ ହେଉ ଅବା ହେଉ ଏକ ସାଧାରଣ ପ୍ରେମିକ।

ଏଇ କଥାକୁ ଅତି ଚମତ୍କାର ଢଙ୍ଗରେ ୧୨୪ଟି ପଦରେ କହିଛନ୍ତି କବି ଶ୍ରୀମତୀ ପୃଷ୍ଟି, ଶ୍ୟାମଳ ପ୍ରୀତିର ଦୁଃଖରେ। ସେ ଏଠି ଖୁବ୍ ସୁନ୍ଦର ଭାବରେ ବସାଇଛନ୍ତି ଶବ୍ଦ ସବୁକୁ ଏବଂ ବିନା ବିତୃଷ୍ଣାର ବ୍ୟବହାରରେ ସଜେଇଛନ୍ତି ସ୍ୱରବର୍ଣ୍ଣକୁ। ଶ୍ୟାମଳ ପ୍ରୀତିର ଦୁଃଖରେ ସେ ଖୋଲିଛନ୍ତି କିଛି ରୋମାଣ୍ଟିକ୍ ଦୁଃଖର ଅନୁଭବକୁ। ଜଣେ ରୋମାଣ୍ଟିକ୍ କବି ଭାବରେ ସେ କେତେଦୂର ସଫଳ ହୋଇଛନ୍ତି ସେକଥା ଆପଣ ପଢିଲେ ଜାଣି ପାରିବେ ନିଶ୍ଚୟ ଏବଂ ନିଶ୍ଚୟ ଗୁଣୁଗୁଣେଇବେ ସେଇ ଗୋଟିଏ ଗୀତ 'ଏକ୍ ପରଦେଶୀ ମେରା ଦିଲ୍ ଲେଗୟା, ଯାତେ ଯାତେ ମିଠା ମିଠା ଗମ୍ ଦେଗୟା...।'

♥ ସମୀକ୍ଷା : ଶୁଭ ନାରାୟଣ ସ୍ୱାଇଁ
ଲାଠୋର ବିଲଡ଼ିଂ, ମଣ୍ଡଦାବ ରୋଡ଼, ଟ୍ରାଫିକ ଗେଟ, ଭାଲରଷ୍ଟେଲା-୭୬୭୦୦୧

ଅତିଥି

ଡ. ଭାରତୀ ହୋତା

ତୁମେ ଆସିଥିଲ
ମୋ ଜରାଜୀର୍ଣ୍ଣ କୁଟୀରକୁ
ସକାଳର ପ୍ରଥମ ସୂର୍ଯ୍ୟ କିରଣ ସହ
ନୀରବ ନିରାଡମ୍ବରର ଚାଦର ଘୋଡେଇ।

ପାଖକୁ ଆସି ମୋ ଅଶ୍ରୁଳ ଓଦା ଓଦା ଆଖିକୁ
ନିରେଖି ବୁଝି ପାରିଥିଲ
ମୋ ବଡ ଓଠର ଅକୁହା କଥା
ଯାବତୀୟ ଅନ୍ତର୍ଦ୍ୱନ୍ଦ୍ୱ
ପୋଡ଼ି ଯାଇଥିବା ଛାତି ତଳ ଦହନର ଗୁମର
ମେ ଗୁମ୍‌ଗୁମ୍ ପଣ
ବିରସ ମୁଖମଣ୍ଡଳର ଅବିକଳ କାରଣ।

ବାରମ୍ବାର ଧସେଇ ପଶୁଥିବା ବତାସି ଧକ୍କାରେ
ଲିଭି ଲିଭି ଆସୁଥିବା ଦୀପଶିଖା
ସତେ କି ଫେରି ପାଇଲା ତା' ଇପ୍‌ସିତ ଜୀବନ ?
ତୁମ ଅମୃତ ପରଶରେ ପଲ୍ଲବି ଉଠିଲା କି
ଶୁଖିଲା ଚାଙ୍ଗଳା ତୃଣ ?

ଅମା ଅନ୍ଧାର କୁଟୀରରେ ଝଲସି ଉଠିଲା କି
ପହିଲି ଆଷାଢ଼ର କୁହୁଝଟୀକା
ପୁଲକି ଉଠିଥିଲା ସମଗ୍ର ଅବୟବ!

ମୁଁ ନିଜକୁ ଦେଖୁଥିଲି ତାଙ୍କ ଆଖିରେ
ଆଉ ସେ ନିଜକୁଦେଖୁଥିଲେ ବୋଧେ
ମୋ ଆଖି ଡୋଳାରେ।

ହୋସ୍ ଆସିଲା ବେଳକୁ
ମୋ ଆଖି କୋଣର ଲୁହତକ ଧୋଇ ସାରିଥିଲା
ତାଙ୍କ ପବିତ୍ର ପଦ ଯୁଗଳ।

ସାରା ଘର ମହକି ଉଠିଥିଲା
ମହ ମହ ଅଗୁରୁ ଚନ୍ଦନର ବାସ୍ନାରେ
ତାଙ୍କ ଦୀପ୍ତ ପ୍ରଦୀପ୍ତ ମୁଖ ମଣ୍ଡଳ
ଅସୀମ ଧୀ ଶକ୍ତି,ଅପ୍ରମିତ ପ୍ରଜ୍ଞା
ଅସଲଗ୍ନି କୌଶଳ
କୃଶତ ଦେହରେ
ମୁଁ ମଜ୍ଜି ଯାଉଥିଲି,
ହଜି ଯାଉଥିଲି ଗୋଟା ପଣେ।

ଶେଷ ମୁହୂର୍ତ୍ତରେ
ଆଶ୍ୱାସନାର ସ୍ନିଗ୍ଧ ଶୀତଳ ନିରବ ମନ୍ତ୍ର ଉଚ୍ଚାରଣରେ
ମୃଦୁମନ୍ଦ ଝଙ୍କାର ତୋଳୁଥିଲା
ମୋ ଜୀର୍ଣ୍ଣ କୋଠରୀର କୋଣ ଅନୁକୋଣ,
ସ୍ଥିର ନେତ୍ରରେ
ତାଙ୍କ ଯିବା ରାସ୍ତାକୁ ଅନେଇ
ସ୍ୱପ୍ନ କି ବାସ୍ତବ
ନିଜକୁ ଆବିଷ୍କାର କରୁଥିଲି ମୁହୁର୍ମୁହୁ।

♥ ଓଡିଆର ରୋଡ୍, ନୂଆପଡ଼ା,
ଫୋନ:୭୦୦୮୧୬୫୦୮୮

କଳ୍ପନା ଭିଜା ବର୍ଷା

ଦୀପାଳି ଦାସ

କାଚ ଆକପଟ ତାରବାଡ଼ରେ
ଚିହ୍ନ ଛାଡ଼ି ଯାଉଛି ବର୍ଷା
ତଳ ମୁହାଁ ହୋଇ ଅନେଇଛି
ବିନ୍ଦୁ ବିନ୍ଦୁ ଜଳ ତା ଉପସ୍ଥାନର
ନାହିଁ ସେ ଏବେ ଏଇଠି ମାଟିକାମୁଡି
ତମ ଭଳି ନିମିଷକେ ଭିଜେଇ ଦେଇ
ଚାରିଆଡ଼ ଜୁଆଡେ ଚାଲି ଯାଇଛି...

ତାକୁ ଝୁରୁ ଝୁରୁ...ପୁଣି
ଝଟକିଲାଣି ତଡିତ୍ ଛାତିକୁ ଥରେଇ
ଆସୁଛି ତା ସାଙ୍ଗରେ ମୃଦଙ୍ଗର ଲହରି
ମରୁତ ଆଣିଛି ଭୁରୁଭୁରୁ ବାସ୍ନା ତମ ଦେହର
ଘସିହୋଇ ଦେହରେ ତମର ଉତ୍ତପତ୍ରକୁ ଦୋହଲେଇ
ଟାଣିନେଉଛି ସବୁ ଭିତରକୁ ଏକ ନିଶ୍ୱାସରେ
ମୁଁ ଯେ ସେ ସୁରଭିତ ପବନରୁ ନାସାଗ୍ରେ
କିଛି ତ ଥାଉ ସତକ ହୋଇ ମୋ ଶରୀରରେ

ଦୃଷ୍ଟିରେ ହଲୁଛି ତାରଖଣ୍ଡେ ଏମ୍ବୁସ୍ ସ୍ଲୋମ୍ବ
ପେଣ୍ଡୁଲମ୍ ହୋଇ ନିରନ୍ତର ଓ ଅନ୍ୟମନସ୍କ
ଭଣାକରୁଛି ଯେ କ୍ଷଣ କ୍ଷଣ କରି
ମୋ ଠାରୁ ତମ ସୋହାଗର କଳ

ପୁଣି ଆସିଲାଣି ମେଘ ଚଡଚଡି ନେଇ
କରିବାକୁ ତାଣ୍ଡବ ଏଠି ମୋ ଦୁଆରେ
ଆସୁ ସେ ଏଥରକ, ବର୍ଷିଦେଇ ଯାଉ
କେତେ ଯେ ବର୍ଷିବ
ଅନ୍ତତଃ ତମକୁ ନିକଟେଇ ଆଣିବାର
କିଛି ବିକଳ୍ପ ସାଙ୍ଗରେ ତ ଥିବ,

କଳ୍ପନାରେ ଭିଜିବାକୁ ମୁଁ ସ୍ପର୍ଶରେ ତମର
ଏତିକିଟି ମୋ ଆଦରର ମୁହୂର୍ତ୍ତ
ଆସୁଥାଉ ଏ ବର୍ଷା ଏମିତି ରହିରହି
ହୁବୁହୁବୁ କରିବାକୁ ମୋତେ ବାହାନାନେଇ
ସତରେ ଯେ ତମେ କେବେ ଭେଟ ହେବ ସେ ଆଶ୍ୱାସନା
ନେଇ ମୁଁ ଅଟକି ଥାଏ...।

♥ ନାଭି ମୁମ୍ବାଇ, ମହାରାଷ୍ଟ୍ର
ଫୋନ: ୭୦୪୪୨୦୭୩୫୭

ଅତୀତର ଆଇନାରେ ସ୍ମୃତିର ପ୍ରତିଛବି

ଜାଗୃତି ଯାଜ୍ଞସେନୀ ବାରିକ

ସ୍ମୃତି କହେ ଅତୀତକୁ:

ପାରିବୁ କି ମୋତେ ଦୀର୍ଘ ରଖି ସାଇତି
କଳଙ୍କିତ ଦୃଷ୍ଟାର ଏକ ଛବିକ ଫ୍ରେମରେ ବାନ୍ଧି
ସମୁଦାୟ ପ୍ରୀତି, ଅନୁରାଗ, ଆବେଗକୁ
ଶବ୍ଦରୂପି ଗହଣାରେ ସଜେଇ
ମାନବୀୟ ଅନୁଭୂତିକୁ କବିତାର ଆକୃତି ଦେଇ
ନିରୁଦ୍ଦେଶ ହସଖୁସିକୁ ରଙ୍ଗୀନ ଜୀବନ ବନାଇ
ପ୍ରାଚୀନ ପ୍ରତିଶ୍ରୁତିକୁ ବିର୍ଜିବାର ଆଧାର କରି

ଅତୀତ ଉତ୍ତରରେ କହେ:

ସେଇ ଅକ୍ଷର ପଛରେ ଲୁଚିଥିବା ତୋର ଭାବ ଅନେକ
ଯହିଁ ଖୁସି ଓ ଲୁହ ମିଶି ରଚିଥାଏ ଅଲିଖିତ ମନ୍ତ୍ର କେତେକ
ମୋ ପାଇଁ ତୁ ଡାଏରୀ ମଣ୍ଡିର ଫୁଲ ସଦୃଶ
ଶୁଖିଯାଇ ମଧ୍ୟ ଜାଗ୍ରତ କରୁ ଜାର୍ଣ୍ଣ ଦିନର ହଜିଲା ଦୃଶ୍ୟ
ସମୟର ଧୂଳିରେ ଢାଙ୍କି ହୋଇଥିବା ଦୃଷ୍ଟାର ସତ୍ୟ
ମଧୁର ଚନ୍ଦ୍ରିକାରେ ଚିହ୍ନ ଦେଉଥିବା ଗହ୍ୱର ଗୁରୁତ୍ୱ
କେତେ ଅଶ୍ରୁର ଛିଟାରେ ଦାଗ ହୋଇଥିବା ଭାବର ପ୍ରତ୍ୟୟ
ପୁରୁଣା ପ୍ରେମ କାହାଣୀ ହେବାର ଅଜଣା ଅଭିନୟ

ତୋତେ ସାଇତି ରଖିବାର କଥା ଅଲଗା
ତୋ ବିନା ମୁଁ ଅତୀତ ନୁହେଁ ଅବାସ୍ତବ ପୁସ୍ତକର ନିଷ୍ପ୍ରାଣ ପୃଷ୍ଠା

ପୁନଃ ସ୍ମୃତି ଭାବପରାୟଣ ହୋଇ କୁହେ :

ଅତୀତ ପାର୍ଶ୍ୱରେ ଲୁଚିଥାଏ ସ୍ମୃତିର ଗାଥା
ତୋ ବିନା ମୁଁ ଯେ ଅନୁସ୍ୱର ନିରବ କଥା
ତୋ ବିନା ନଥାଏ ଅନୁଭୂତିର ଆଲୋକ ମାଳା
ଖାଲି ରହିଯାଉଥିବା ଅନୁତାପର ଅନନ୍ତ ଛାୟା

ମୁଁ ଘରା ଭାବ ହେଲେ ତୁ ଭାବନାର ନିସ୍ୱାର୍ଥ ଶ୍ୱାସ
ମୁଁ ଆଜି ହେଲେ ତୁ ଗତକାଲି ର ଅମିଟ ବିଶ୍ୱାସ
ତୋ ସାଥିରେ ଲେଖା ମୋର ବସ୍ୟର ଅସ୍ତିତ୍ୱ
ତୋ ବିନା କି ପାଇବ ସ୍ମୃତି ସଂସାରେ ମହତ୍ୱ ?

♥ ଅର୍ଣ୍ଣପାଟ, ଭଦ୍ରକ

ଟ୍ୟୁମର ଯୋଗୁଁ ଅଧାରେ ଅଟକିଛି ପାଠପଢ଼ା, ଉଚ୍ଚତର ଚିକିତ୍ସା ପାଇଁ ସହାୟତା ଅପେକ୍ଷାରେ ଲସୁ

ନାରାୟଣପାଟଣା, ୦୩/୧୦ (ଆ.ପ୍ର) : ପାଠପଢ଼ା ଜାରି ରଖି ନିଜ ଭବିଷ୍ୟତ ଗଢ଼ିବାର ବୟସରେ ଏବେ ରୋଗ ଯନ୍ତ୍ରଣାରେ ଦିନ କାଟୁଛନ୍ତି ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତ ଅନ୍ତର୍ଗତ ଦୁର୍ଲି ଗ୍ରାମର ୧୮ ବର୍ଷୀୟା ଲସୁ ସିରିକା । ଛୋଟବେଳୁ ବାପା-ମାଆଙ୍କୁ ହରାଇଥିବା ଲସୁ ଆଶ୍ରମରେ ରହି ପାଠପଢୁଥିଲେ । ଜୀବନରେ କିଛି କରିବାର ସ୍ୱପ୍ନ ନେଇ ସେ ଆଗକୁ ବଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ତାଙ୍କ ଆଣ୍ଠୁ ନିକଟରେ ଏକ ଅସ୍ୱାଭାବିକ ଗଠାନ ଦେଖାଦେଇଥିଲା । ପ୍ରାରମ୍ଭରେ ଗଠାନଟି ଛୋଟ ଥିଲେ ମଧ୍ୟ ସମୟ ବିତିବା ସହ ଏହା ଧୀରେଧୀରେ ବଢ଼ିବାକୁ ଲାଗିଥିଲା । ଏହା ସହିତ ବଢ଼ିଥିଲା ଲସୁଙ୍କ ଯନ୍ତ୍ରଣା । ଚାଲିବା, ବସିବା ଏବଂ ଦୈନନ୍ଦିନ କାମ କରିବା ମଧ୍ୟ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା । ପରିବାରରେ ଦେଖାଶୁଣା କରିବାକୁ କେହି ନଥିବାରୁ ଆଶ୍ରମ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କୁ ଦାମନଯୋଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ପରୀକ୍ଷା ପରେ ଅଧିକ ଚିକିତ୍ସା ଆବଶ୍ୟକ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ଲସୁଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ସେଠାରୁ ମଧ୍ୟ ଅଧିକ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁର କିମ୍ବା କଟକ ଭଳି ବଡ଼ ଚିକିତ୍ସାକେନ୍ଦ୍ରକୁ ନେବାକୁ ପରାମର୍ଶ ମିଳିଥିବା ଜଣାପଡ଼ିଛି । ତେବେ ଅର୍ଥାଭାବ ଏବେ ଲସୁଙ୍କ ଚିକିତ୍ସାରେ ବଡ଼ ବାଧା ସାଜିଛି । ଦୂରସ୍ଥ ଚିକିତ୍ସାକେନ୍ଦ୍ରକୁ ଯାତାୟାତ, ଆବଶ୍ୟକୀୟ ପରୀକ୍ଷା, ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ ସହଜ ହେଉନାହିଁ । ନିଜର ବୋଲି କେହି ନଥିବାରୁ ଗ୍ରାମବାସୀମାନେ ସାମର୍ଥ୍ୟ ଅନୁଯାୟୀ ସହଯୋଗ କରୁଥିଲେ ମଧ୍ୟ ଉଚ୍ଚତର ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ ହୋଇପାରୁନାହିଁ । ନିକଟରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ମଧ୍ୟ ଲସୁଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା । କିନ୍ତୁ ଆବଶ୍ୟକ ଚିକିତ୍ସା ପାଇଁ ତୁରନ୍ତ ବ୍ୟବସ୍ଥା ହୋଇନଥିବାରୁ ସେ ବର୍ତ୍ତମାନ ଘରେ ରହି ଯନ୍ତ୍ରଣା ଭୋଗୁଛନ୍ତି । ତଥାପି ସୁସ୍ଥ ହୋଇ ପୁଣିଥରେ ପାଠପଢ଼ା ଆରମ୍ଭ କରିବା ଏବଂ ନିଜ ଭବିଷ୍ୟତ ଗଢ଼ିବାର ଆଶା ଲସୁଙ୍କ ମନରେ ରହିଛି । ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଏହା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକଙ୍କ ନଜରକୁ ଆସିଥିଲା । ଘଟଣା ବିଷୟରେ ଜାଣିବା ପରେ ସେ ବିଡିଓଙ୍କୁ ମାମଲାର ତଦନ୍ତ କରିବାକୁ କହିବେ ବୋଲି ଜଣାଇଛନ୍ତି । ତଦନ୍ତ ରିପୋର୍ଟ ଆଧାରରେ ଲସୁଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସରକାରୀ ସହାୟତା ଓ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ବାପା-ମାଆଙ୍କୁ ହରାଇଥିବା ଲସୁଙ୍କ ପାଖରେ ଆର୍ଥିକ ସମ୍ବଳ ନଥିବା ବେଳେ ଉଚ୍ଚତର ଚିକିତ୍ସା ପାଇଁ ଦୂର ସହରକୁ ଯିବା ମଧ୍ୟ ତାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି । ଏଭଳି ସ୍ଥିତିରେ ପ୍ରଶାସନିକ ସହାୟତା ମିଳିଲେ ଲସୁ ଆବଶ୍ୟକ ଚିକିତ୍ସା ପାଇବା ସହ ପୁଣିଥରେ ପାଠପଢ଼ାକୁ ଫେରିପାରିବେ ବୋଲି ଆଶା କରୁଛନ୍ତି ତାଙ୍କୁ ସହଯୋଗ କରୁଥିବା ଗ୍ରାମବାସୀ ।

ଗାନ୍ଧୀ ଜୟନ୍ତୀରେ ବିନୋଦିନୀ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ ଓ ପୁରସ୍କାର ବିତରଣ

ପାରଳାଖେମୁଣ୍ଡି, ୦୩/୧୦ (ଆ.ପ୍ର) : ଗୁମ୍ମା ବ୍ଲକସ୍ଥିତ ପଦ୍ମପୁର ନିକଟସ୍ଥ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ, ଏନ ଏସ ଏସ ସ୍ୱେଚ୍ଛାସେବୀ, ୱାଇ ଆରସି ସଦସ୍ୟ ଓ ବିଦ୍ୟାଳୟର କର୍ମକର୍ତ୍ତା ଏବଂ କର୍ମଚାରୀମାନେ ସ୍ୱଚ୍ଛତା ଅଭିଯାନରେ ଯୋଗଦେଇ ବିଦ୍ୟାଳୟ ପରିସରକୁ ପରିଷ୍କାର-ପରିଚ୍ଛନ୍ନ କରିଥିଲେ । ସ୍ୱଚ୍ଛତା କାର୍ଯ୍ୟକ୍ରମ ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା, ସ୍ୱଚ୍ଛତା, ଶୃଙ୍ଖଳା ଓ ମାନବିକତାର ଆଦର୍ଶ ସମ୍ପର୍କରେ ଏକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନେ ଗାନ୍ଧୀବାଦୀ ଚିନ୍ତାଧାରାକୁ ନିଜ ଜୀବନରେ ଅନୁସରଣ କରି ସମାଜରେ ସ୍ୱଚ୍ଛତା, ଶାନ୍ତି ଓ ସେବାର ବାର୍ତ୍ତା ପ୍ରସାର କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏନ୍ ଏସ୍ ଏସ୍ ଅଧିକାରୀ ରବୀନ୍ଦ୍ର ପାଣିଗ୍ରାହୀ ଓ ୱାଇ ଆରସି ସଂଯୋଜିକା କଳ୍ପନା ପଣ୍ଡାଙ୍କ ମିଳିତ ପରିଚାଳନାରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ ।

ଦାନ ଉତ୍ସବ ସପ୍ତାହ ଅବସରରେ ମିଶନ ଓଡ଼ିଶାର ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ, ୦୩/୧୦ (ଆ.ପ୍ର) : ରକ୍ତର ପ୍ରତ୍ୟେକ ବୁନ୍ଦା, କାହାର ନା କାହାର ଜୀବନରେ ଆଶାର ଆଲୋକ ଜଳାଇଥାଏ । 'ଦାନ ଉତ୍ସବ' ସପ୍ତାହ ଅବସରରେ ମାନବିକତାର ଏକ ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଛି ମିଶନ ଓଡ଼ିଶା । ଏହି ପରିପ୍ରେକ୍ଷୀରେ ମିଶନ ଓଡ଼ିଶାର ରକ୍ତଦାନ ଶିବିର ଦୋଳମଣ୍ଡପ ସାହି ସ୍ଥିତ କଳିଙ୍ଗ ବୈଶ୍ୟ ସଂଘ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ମିଶନ ଓଡ଼ିଶାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ମଧୁସୂଦନ ମିଶ୍ର ଶିବିରଟିକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ପୁରୀର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହୋଟେଲ ଆସୋସିଏସନ୍, ପୁରୀର ସଭାପତି ରାଜକିଶୋର ପାତ୍ର, ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ବନ୍ଧୁ ମିଶ୍ର ଏବଂ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ଆଦି ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମିଶନ ଓଡ଼ିଶା ଆମ୍ବୁଲାନ୍ସ ଡିଭିଜନ, ମାଇ ଭାରତ ପୁରୀ, କଳିଙ୍ଗ ବୈଶ୍ୟ ସଂଘ, ରୋଟାରୀ କ୍ଲବ ଶ୍ରୀ ଜଗନ୍ନାଥ ଧାମ, ଗୋଲଡେନ ଟ୍ରି ଏବଂ ହୋଟେଲ ଏମ୍ପାୟାର୍ସ ଆଦି ସହଯୋଗରେ ଏହି ମହତ୍ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ମହତ୍ ଅଭିଯାନରେ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ, ବିଭିନ୍ନ ହୋଟେଲର କର୍ମଚାରୀ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀମାନେ ଯୋଗଦେଇ ରକ୍ତଦାନ କରିଥିଲେ । ଶିବିରର ସଫଳ ଆୟୋଜନରେ ଜୟନ୍ତୀ ମହାପାତ୍ର, ଅଜୟ ପ୍ରଧାନ, ସବ୍ୟସାଚୀ ସେନାପତି, ମଧୁମିତା ମହାପାତ୍ର,କେଦାରନାଥ ମହାପାତ୍ର, ସୌମ୍ୟ ପାତ୍ର, ବଳରାମ ପାତ୍ର, ସଞ୍ଜୁକ୍ତା ଆପଟଙ୍କ ସମେତ ମିଶନ ଓଡ଼ିଶାର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । 'ରକ୍ତଦାନ ମହାଦାନ'ର ବାର୍ତ୍ତାକୁ ହୃଦୟରେ ଧାରଣ କରି ଆୟୋଜିତ ଏହି ଶିବିରରେ ସମାଜର ବିଭିନ୍ନ ବର୍ଗର ଯୁବକ, ସ୍ୱେଚ୍ଛାସେବୀ, ହୋଟେଲ କର୍ମଚାରୀ ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦେଇ ରକ୍ତଦାନ କରିଥିଲେ । ପ୍ରତ୍ୟେକ ବୁନ୍ଦ ରକ୍ତ ଅମୂଲ୍ୟ-ରକ୍ତଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ ର ବାର୍ତ୍ତା ଏହି କାର୍ଯ୍ୟକ୍ରମ ପ୍ରମୁଖ ଉଦ୍ଦେଶ୍ୟ ଥିଲା ।

ଜିଲ୍ଲାସ୍ତରୀୟ ଫୁଟବଲ ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ

ଖଣ୍ଡପଡା, ୦୩/୧୦ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଓ ଯୋଗ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ ଜିଲ୍ଲା କ୍ରୀଡା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ ଟି ବ୍ଲକ ଅଂଚଳରୁ ୧୭ ବର୍ଷରୁ କମ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣ୍ଡେ, ଶିକ୍ଷାବିତ ଶରତ କୁମାର ସାହୁ, ବନମାଳିପୁର ଉଚ୍ଚ ବିଦ୍ୟାଳୟ ପଂଚସଖା ଶିକ୍ଷା ସେତୁର ସଭାପତି ପ୍ରସନ୍ନ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ନକୁଳ କୁମାର ଖୁଂଟିଆ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ବରିଷ୍ଠ କ୍ରୀଡା ଶିକ୍ଷକ ବିଜୟ କୁମାର ମହାପାତ୍ର, ସମୀର ଖୁଂଟିଆ, ବିରେନ କୁମାର ସାହୁ, ଧନେଶ୍ୱର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଯୋଗ ପ୍ରତିଯୋଗିତା ଓ ଫୁଟବଲ କ୍ରୀଡାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ ।

ସାରୋଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସହ 'ସଫଳ ସାରୋଳ ଗାଁ ମହୋତ୍ସବ' ପାଳନ

ତିର୍ତ୍ତୋଲ, ୦୩/୧୦ (ଆ.ପ୍ର) : ନ୍ୟାସନାଲ କ୍ଲବ, ସାରୋଳର ସମସ୍ତ ସଦସ୍ୟଗଣ ଓ ଗ୍ରାମବାସୀ ବୃନ୍ଦ ସମୂହ ସହଯୋଗରେ 'ସଫଳ ସାରୋଳ'ର ମୁଖ୍ୟ ଆବାହକ ତଥା କ୍ଲବର ଉପଦେଷ୍ଟା ପ୍ରଦୀପ୍ତ କୁମାର ସାହୁଙ୍କର ତତ୍ତ୍ୱାବଧାନରେ କ୍ଲବ ପରିସରରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସହ 'ସଫଳ ସାରୋଳ ଗାଁ ମହୋତ୍ସବ' ପାଳନ ହୋଇଯାଇଛି । ଏହି ଅବସରରେ ପ୍ରଥମେ ପ୍ରଭାତରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜା କରିସାରିବା ପରେ ବୃକ୍ଷରୋପଣ କରାଯାଇ ଗ୍ରାମ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମ ମୁଖ୍ୟ ବିଷ୍ଣୁ ଚରଣ ପାତ୍ର, ନରେନ୍ଦ୍ର କୁମାର ବିଶ୍ୱାଳ, ନୃସିଂହ ଚରଣ ସାହୁ, ପ୍ରଭାକର ଖୁଂଟିଆଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ବୃନ୍ଦ, କ୍ଲବର ବରିଷ୍ଠ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର କୁମାର ମହାରଣା, ସଭାପତି ତୁଷାରକାନ୍ତ ବିଶ୍ୱାଳ, ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, ଉପସଭାପତି ରାଧାକାନ୍ତ ସାହୁ, ସହ ସମ୍ପାଦକ ଶାରଦା ପ୍ରସନ୍ନ ରାଉତ, ସକ୍ରିୟ ସଦସ୍ୟ ପ୍ରୀତିରଞ୍ଜନ ଖୁଂଟିଆ, ଦୀପକ ପଣ୍ଡା, ସୁବାସ, ଓମ, ଲୋକୁ, ବବୁଲ, ବିପୁନ ପ୍ରଭୃତି ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ । ପ୍ରକୃତି ବନ୍ଧୁ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ବୃକ୍ଷ ପ୍ରଦାନ କରି ବୃକ୍ଷର ଉପକାରିତା ପ୍ରସଙ୍ଗରେ ବାର୍ତ୍ତା ପ୍ରଦାନ କରିଥିଲେ ।

ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ ଗିରଫ

କୁକୁଡାଖଣ୍ଡି, ୦୩/୧୦ (ଆ.ପ୍ର) : ଜଣେ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରିଥିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଂଚଳର କପିଳାସ ବେହେରା ଓରଫ ରାଜା (୨୪) । ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି । ପୁଲିସ ସୂଚନା ଅନୁସାରେ, ସଦର ଥାନା ଅଂଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ ବେଳେ କପିଳାସ ନାବାଳିକାଙ୍କୁ ନେଇଯାଇଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ତାଙ୍କ ମୋବାଇଲ ଟ୍ରାକିଂ କରି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଶେଷରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ କପିଳାସଙ୍କୁ କାବୁ କରି ଥାନାକୁ ଅଣାଯାଇଥିଲା । ଉଦ୍ଧାର ପରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିଲା । ତାଙ୍କ ବୟାନ ଅନୁସାରେ, ଅଭିଯୁକ୍ତ ତାଙ୍କ ସହ ଏକାଧିକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ପ୍ରାଥମିକ ତଦନ୍ତ ଓ ନାବାଳିକାଙ୍କ ବୟାନକୁ ଆଧାର କରି ପୁଲିସ କପିଳାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି ।

ଲଙ୍କାଗଡ଼ ପିଡିଏସ ଚାଉଳ ହେରଫେର ଘଟଣା ଅଭିଯୋଗକୁ ସମିତି ସଭ୍ୟଙ୍କ ଖଣ୍ଡନ ସରପଂଚ କହିଲେ ଆମକୁ ବଦ ନାମ କରିବାକୁ ଷଡ଼ଯନ୍ତ୍ର

ତୁମୁଡିବନ୍ଧ, ୦୩/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଲଙ୍କା ଗଡ଼ ଗ୍ରାମପଂଚାୟତରେ ପି ଡ଼ି ଏସ ଚାଉଳ ଯୋଗାଣ ସହାୟକ ସତ୍ୟ ସୁବର୍ଣ୍ଣ ବଡ଼ ସେଟ ହେର ଫେର କରିଥିବା ଘଟଣା ଗତ କିଛି ଦିନ ହେବ କିଛି ଗଣମାଧ୍ୟମରେ ପ୍ରକାଶ ହେଉଥିଲା । ଗ୍ରାମ ବାସୀଙ୍କ କହିବା କଥା ଅନୁଯାଇ ଓଡିଶା ସରକାର ରଙ୍କ ଓ କେନ୍ଦ୍ର ସରକାରଙ୍କ ଦୁଇଟି କାର୍ଡରୁ ଆମେ ଚାଉଳ ପାଉଛୁ କିନ୍ତୁ ଆମେ ବୁଝି ନ ଥିବାରୁ ଆମେ ଯୋଗାଣ ସହାୟକଙ୍କୁ ଭୁଲ ବୁଝିଥିଲୁ କିନ୍ତୁ କେମିତି କିଛି ହେରଫେର ଆମ ପଂଚାୟତରେ ହେଇନି ବୋଲି କହିଛନ୍ତି ଗ୍ରାମ ବାସି ଓ ନିଜେ ଅଭିଯୋଗ ଆଣିଥିବା ଲଙ୍କାଗଡ଼ ସମିତି ସଭ୍ୟ ବିଭିଷଣ ପାତ୍ର ଘଟଣାକୁ ପୁରା ଖଣ୍ଡ ନ କରି କହିଛନ୍ତି ଯୋଗାଣ ସହାୟକ । ବିଜେପିର ବରିଷ୍ଠ ନେତା ଓ ନିଜେ ଲଙ୍କାଗଡ଼ ସରପଂଚଙ୍କୁ ଘଟଣା ବିଷୟରେ ପଚାରି ବାରୁ ସରକାରଙ୍କୁ ବଦ ନାମ କରିବାକୁ ଏହା ଏକ ଷଡଯନ୍ତ୍ର ବୋଲି ସୂଚନା ଦେଇଛନ୍ତି । ସରପଂଚ କହିଛନ୍ତି ଆମେ ଯେବେ ଜାଣିଲୁ କିଛି ଆମ ପଂଚାୟତରେ ଯୋଗାଣ ସହାୟକ ହେର ଫେର କରିଛନ୍ତି ସମିତି ସଭ୍ୟ, ନାଏବ ସରପଂଚ ଓ କିଛି କର୍ମଚାରୀ ଘଟଣାର ସତ୍ୟ ସତ୍ୟ ପଚାରି ବାରୁ ସେ ବୁଝେଇ ଦେଲେ ବୋଲି ଲଙ୍କାଗଡ଼ ସରପଂଚ ମନ୍ତବ୍ୟ ଫୋନ ମାଧ୍ୟମରେ ଦେଇଛନ୍ତି । ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ଆମେ ତଦନ୍ତ କରିଛୁ ଚାଉଳ ଠିକ ରେ ଦିଆ ହେଉଚି କିନ୍ତୁ ଲୋକେ ବୁଝି ନ ଥିଲେ । ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବି ସେମି କଥା କହିଛନ୍ତି । ତେବେ ଉପରୋକ୍ତ ଘଟଣାଟି ଜନସାଧାରଣ ଦୁଇଟି କାର୍ଡକୁ ନେଇ ଦ୍ୱନ୍ଦ୍ୱ ଥିଲେ ବୁଝିବା ପରେ ସେମିତି କିଛି ହେର ଫେର ହେଉନ ଥିବା ଜଣା ପଡିଛି ।

ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ବିଡ଼ିଓଙ୍କୁ ଦାବିପତ୍ର

କୋକସରା, ୦୩/୧୦ (ଆ.ପ୍ର) : କୋକସରା ବ୍ଲକ ଗମ୍ଭାରୀଗୁଡା ଗ୍ରାମ ପଂଚାୟତ ଅନ୍ତର୍ଗତ ଓଲମା ଗ୍ରାମର ଦୁର୍ଗା ମଣ୍ଡପ ଠାରୁ ଆରଡି ରାସ୍ତା ନଳକୂପ ପର୍ଯ୍ୟନ୍ତ ବର୍ତ୍ତମାନ କଂକ୍ରିଟ ରାସ୍ତା ନିର୍ମାଣ ହେଉଛି । ତେବେ ରାସ୍ତା ନିର୍ମାଣ ପୂର୍ବରୁ ଜଳ ନିଷ୍କାସନ କରିବା ନିମନ୍ତ ବ୍ୟବସ୍ଥା କରିବା ଦାବି ହୋଇଛି । ଏନେଇ ଶନିବାର ଗ୍ରାମବାସୀ ମାନେ କୋକସରା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ, ତିଲିଗୁଡା ଠାରେ ଓଲମାକୁ ସଂଯୋଗ କରୁଥିବା ରାସ୍ତାର ଓଲମା ଦୁର୍ଗା ମଣ୍ଡପଠାରୁ ଆରଡି ରାସ୍ତା ନଳକୂପ ପର୍ଯ୍ୟନ୍ତ ନୂତନ କଂକ୍ରିଟ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଛି । ଉକ୍ତ ରାସ୍ତା ନିର୍ମାଣ ହେଲେ ବର୍ଷା ଦିନେ ରାସ୍ତା ପାର୍ଶ୍ୱ ଜନବସତିରୁ ଜଳ ନିଷ୍କାସନ ହୋଇ ପାରିବ ନାହିଁ । ଫଳରେ ପାଣି ଜମି ରହି ଅନେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ଏହାକୁ ନେଇ ଗତ ୨୩ ତାରିଖରେ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରାଯାଇଥିଲା । ହେଲେ କୌଣସି ସକାରତ୍ମକ ପ୍ରତିକ୍ରିୟା ମିଳିପାରିନାହିଁ । ଯାହାକୁ ନେଇ ଗ୍ରାମର ଆଶାରାମ ବାଗ, ଯୋଗେନ୍ଦ୍ର ବାଗ, ପ୍ରଦିପ ନାଗ, ଖଗେଶ୍ୱର ବେମାଲ, ବ୍ରଜେନ୍ଦ୍ର ବାଗ, ଖୁସିରାମ ବାଗ, ଇନ୍ଦୁମତୀ ବାଗ, ସୁରେଶ ବେମାଲ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଂଚଳ ମାଝୀଙ୍କୁ ପ୍ରଦାନ କରାଯାଇଛି । ଏବଂ ସମସ୍ୟା ସମାଧାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ଦାବି କରିଛନ୍ତି ।

ଦେବୀ ଦୁଆରସନୀ କାଳିସି ଓ ପୁଝାରିଙ୍କୁ ଭବ୍ୟ ସ୍ୱାଗତ



ଧର୍ମଗଡ, ୦୩/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଛିଲିପା ଠାରେ ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଅଧିଷ୍ଠାତ୍ରୀ ଦେବୀ (ଇଷ୍ଟଦେବୀ)ମାଁ ଦୁଆରସନୀ ଦେବୀର କାଳିସି ଓ ପୁଝାରୀଙ୍କୁ ଛିଲିପା ଠାରେ ଭବ୍ୟ ସ୍ୱାଗତ କରି ଦୁଆରସନୀ ମନ୍ଦିରକୁ ନେଇଥିଲେ । ସୂଚନା ମତେ ବୋଡ଼େନ ଅଂଚଳରେ ମାଁ ଦୁଆରସନୀଙ୍କ ପୂଜାରାଧନା ଓ ତାଙ୍କ ସହ ଜଡ଼ିତ ଦୁଆରସନୀ ଯାତ୍ରା ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ସଂସ୍କୃତିର ଏକ ପ୍ରମୁଖ ଦେବୀ । ବୋଡ଼େନ ମାଟି ଓ ପଶ୍ଚିମ ଓଡ଼ିଶାର ସଂସ୍କୃତିରେ ମାଁ ଦୁଆରସନୀଙ୍କ ସ୍ଥାନ ସ୍ୱତନ୍ତ୍ର । ପାତାଳଗଙ୍ଗା ନିକଟବର୍ତ୍ତୀ ଏହି ଅଂଚଳରେ ମାଁଙ୍କୁ ଅତି ଭକ୍ତିର ସହ ପୂଜା କରାଯାଏ । ବହୁ ପୁରାତନ କାଳରୁ ଏହିଦେବୀଙ୍କୁ ମୂଳ ପୀଠ ବୋଡ଼େନରୁ ଶକ୍ତି ଆଣି ଛିଲିପା ଠାରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ଦୀର୍ଘ ଦିନ ପରେ ମୂଳ ପୀଠର କାଳିସି ଓ ପୁଝାରି ଛିଲିପା ଗ୍ରାମକୁ ଆସିବା ପରେ ଛିଲିପା ଗ୍ରାମ୍ୟ କମିଟି ସଭାପତି ବଂଶୀଧର ପଟେଲ, ଉପସଭାପତି ଭିବିଷଣ ସା, ସଂପାଦକ ପୁରନ୍ଦର ସା, ଯୁଗ୍ମ ସଂପାଦକ ରାହାସ ପ୍ରଧାନୀ, ଗୋଣ୍ଟିଆ ଅଜିତ ପାଟଯୋଶୀ, ସରପଂଚ ବିଦ୍ୟୁଦତ ପ୍ରଧାନୀ, ପୁଝାରି ଅଞ୍ଜଳି ମାଝୀ ଏବଂ ଗ୍ରାମର ଯୁଗଳ ପଟେଲ, ଶରତ ପଟେଲ, ଦିନେଶ ରାଉତ, ମୋହନ ପଟେଲ, ଭଗବାନ ପ୍ରଧାନୀ, ଗଗନ ବିହାରୀ ସା ପ୍ରମୁଖ ସ୍ୱାଗତ କରିଥିଲେ । ଓ ସୂଚନା ମତେ ଛିଲିପା ଦୁଆରସନୀ ଦେବୀ କାଳିସି ପାଇଁ ପୂଜାର୍ଚ୍ଚନା କରି ନିର୍ଦ୍ଦିଷ୍ଟ ମାନବଙ୍କ ଶିରରେ ଧାରଣ କରିବା ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିବ ବୋଲି କମିଟି ସୂଚନା ପ୍ରଦାନ କରିଥିଲେ ।

ସାମ୍ବାଦିକଙ୍କ ପିତୃ ବିୟୋଗ



ପାତ୍ରପୁର, ୦୩/୧୦ (ଆ.ପ୍ର) : ପାତ୍ରପୁର ବ୍ଲକ ଅନ୍ତର୍ଗତ ଗୁଣ୍ଡୁରା ଗ୍ରାମର ଧରିତ୍ରୀ ସାମ୍ବାଦିକ ରମା ଚରଣ କରଙ୍କ ପିତା ଭୁବନେଶ୍ୱର କର (୭୬)ଙ୍କ ପର ଲୋକ ଘଟିଛି । ଭୁବନେଶ୍ୱର ଠାରେ କନିଷ୍ଠ ପୁତ୍ରଙ୍କ ଘରେ ସ୍ୱର୍ଗତ ଭୁବନେଶ୍ୱର କର ରହୁଥିବା ବେଳେ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ପୁରୀ ସ୍ୱର୍ଗଦ୍ୱାର ଠାରେ ଶବ ସଂସ୍କାରକରାଯାଇଥିବା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁତ୍ର ବଧୂ, ଦୁଇ ପୁତ୍ର ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ । ତିକିଟି, ପାତ୍ରପୁର ଅଂଚଳର ବହୁ ସାମ୍ବାଦିକ ଓ ବୁଦ୍ଧିଜୀବୀ ମାନେ ସ୍ୱର୍ଗତ ଭୁବନେଶ୍ୱର କରଙ୍କ ଆତ୍ମା ର ସଦଗତି କାମନା କରିଛନ୍ତି ।

ଅବକାରୀ ଚଢ଼ାଉ, ବିପୁଳ ପରିମାଣରେ ବିଦେଶୀ ମଦ ସହିତ ଦୁଇ ଗିରଫ

ଟାଙ୍ଗୀ ଚୌଦ୍ୱାର, ୦୩/୧୦ (ଆ.ପ୍ର) : କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା କର୍ ଡିଗ୍ଗାଲିଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ନବସ୍ମିତ ନାୟକଙ୍କ ତତ୍ତ୍ୱାବଧାନରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର ଥାନା ଅଂଚଳରେ ଚଢ଼ାଉ କରାଯାଇ ଓଟିଏମ କଲୋନୀ ଓ ଟାଙ୍ଗୀ ସଫା ଅଂଚଳରୁ ୩୧,୨୦୦ ଲିଟର ବିଭିନ୍ନ ବ୍ରାଣ୍ଡର ବିଅର ଓ ୨୩ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏଥିରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଗିରଫ ଅଭିଯୁକ୍ତ ହେଲେ ଓଟିଏମ କଲୋନୀର ଅରବିନ୍ଦ ପ୍ରଧାନ (୪୨)ବର୍ଷ ଓ ସଫାର ମାନସ ପଣ୍ଡା (୨୦) ଏମାନଙ୍କ ବିରୋଧରେ ଅବକାରୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଚୌଦ୍ୱାର ଅବକାରୀ ଥାନାର ସବ୍ ଇନସ୍ପେକଟର ରମେଶଚନ୍ଦ୍ର ସାହୁକାର, ଜୟପ୍ରକାଶ ବେହୁରିଆ, ଚନ୍ଦନ ସିଂ, ଦୀପକ ସାହୁ,ସୌମ୍ୟ ନାୟକ ନାୟକ, ସୋନାଲି ନାୟକ, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ରହିଥିଲେ ।

ନିମାପଡା- ଗୋପରେ ବିଜେଡି ପକ୍ଷରୁ ପଦଯାତ୍ରା

ନିମାପଡା, ୦୩/୧୦ (ଆ.ପ୍ର) : ନିମାପଡା ଓ ଗୋପ ବ୍ଲକରେ ବିଜେଡି ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଯାଇଛି । ବ୍ଲକ ସଭାପତି ଭାଗୀରଧି ଖଟୋଇଙ୍କ ନେତୃତ୍ୱରେ ମହିଳା ନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ପୌର ନଗର ସଭାପତି ଧନୁର୍ଦ୍ଧରଦାଶ ଏ ନ ଏସି ଅଧକ୍ଷା ସସ୍ମିତା ସାହୁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ସସ୍ମିତା ନାୟକ ରବୀନ୍ଦ୍ର ମଲ୍ଲିକ, ମାନସ ପ୍ରଧାନ ତପନ ପ୍ରଧାନ ପଦ୍ମନାଭ ବାରିକ ଦିଲ୍ଲୀପ ପାତ୍ର ଗଙ୍ଗାଧର ବେହେରା ତପନ ଦାସ ରବୀନ୍ଦ୍ର କୁମାର ଦାସ ଆଇନଜୀବୀ ବଟ କୃଷ୍ଣ ସାହୁ ଚିନ୍ତାମଣି ବରାଳ, ନୃସିଂହ ଚରଣ ଓଝା, ରାକେଶ ସାହୁ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ । ବିଜେପି ସରକାର କ୍ଷମତାକୁ ଆସିବା ଅଢେଇ ବର୍ଷ ହେଲାଣି । ଗୋଟିଏ ହେଲେ ସମସ୍ୟା ର ସମାଧାନ ହୋଇବପାରିନାହିଁ ବୋଲି ବିଜେଡି ନେତା ଓ କର୍ମୀ ମାନେ କହିଥିଲେ । ଏ ସରକାର କେବଳ ରଙ୍ଗ ବଦଳାଉଛି । ପୂର୍ବ ସରକାର ୨୪ବର୍ଷ ଶାସନ ସମୟରେ ନିମାପଡା ନିର୍ବାଚନ ମଣ୍ଡଳୀର ବହୁ ବିକାଶ ହୋଇଥିଲା । ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଭୋଟ ନେଇ ପଛରେ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ନେତା ମାନେ କହିଥିଲେ । ପରେ ପଦଯାତ୍ରା ଦଳ ନିମାପଡା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସେହିପରି ଗୋପ ବ୍ଲକରେ ବିଜେଡି ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ବଦଡରା ପଂଚାୟତରୁ ପଦଯାତ୍ରା ବାହାରି ଜାତିର ପିତା ମହାତ୍ମା ଗାନ୍ଧୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । ମଲ୍ଲ ଗ୍ରାମର ବିଭିନ୍ନ ସାହି ବୁଲି ଆରାଧ୍ୟ ଶକ୍ତି ପୀଠ ମା ତାରା ଦେବୀ ଠାକୁରାଣୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ରାଣୀ ସ୍ୱାଇଁ, ନିରଞ୍ଜନ ମହାପାତ୍ର ଭରାର ପଂଚାୟତ ସଭାପତି ଗୌତମ ପଣ୍ଡା, ଉପେନ୍ଦ୍ର କାନୁନଗୋ ସୂର୍ଯ୍ୟ ମହାପାତ୍ର ପ୍ରସନ ପାତ୍ର ପ୍ରମୁଖଯୋଗ ଦେଇ ବିଜେପି ସରକାର ଲୋକଙ୍କୁ ଭଣ୍ଡାଉଚି, ବୋଲି କହିଥିଲେ । ଆଗାମୀ ପଂଚାୟତ ନିର୍ବାଚନ ରେ ସେମାନଙ୍କୁ ଉଚିତ ଶିକ୍ଷା ଦେବାକୁ ପ୍ରସ୍ତୁତ ରହିବାକୁ କର୍ମୀ ମାନଙ୍କୁ କହିଥିଲେ ।

ଲଞ୍ଜିଗଡ଼ ପିଡ଼ିଏସ ଚାଉଳ ହେରଫେର ଘଟଣା ଅଭିଯୋଗକୁ ସମିତି ସଭ୍ୟଙ୍କ ଖଣ୍ଡନ

ଥୁମୁଡିବନ୍ଧ, ୦୩/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଥୁମୁଡିବନ୍ଧ ବ୍ଲକ ଲଞ୍ଜି ଗଡ଼ ଗ୍ରାମପଂଚାୟତରେ ପିଡ଼ିଏସ ଚାଉଳ ଯୋଗାଣ ସହାୟକ ସତ୍ୟ ସୁବର୍ଣ୍ଣ ବଡ଼ ସେଟ ହେର ଫେର କରିଥିବା ଘଟଣା ଗତ କିଛି ଦିନ ହେବ କିଛି ଗଣମାଧ୍ୟମରେ ପ୍ରକାଶ ହେଉଥିଲା । ଗ୍ରାମବାସୀଙ୍କ କହିବା କଥା ଅନୁଯାଇ ଓଡିଶା ସରକାର ରଙ୍କ ଓ କେନ୍ଦ୍ର ସରକାରଙ୍କ ଦୁଇଟି କାର୍ଡରୁ ଆମେ ଚାଉଳ ପାଉଛୁ କିନ୍ତୁ ଆମେ ବୁଝି ନ ଥିବାରୁ ଆମେ ଯୋଗାଣ ସହାୟକଙ୍କୁ ଭୁଲ ବୁଝିଥିଲୁ କିନ୍ତୁ କେମିତି କିଛି ହେରଫେର ଆମ ପଂଚାୟତରେ ହେଇନି ବୋଲି କହିଛନ୍ତି ଗ୍ରାମବାସୀ ଓ ନିଜେ ଅଭିଯୋଗ ଆଣିଥିବା ଲଞ୍ଜିଗଡ଼ ସମିତି ସଭ୍ୟ ବିଭିଷଣ ପାତ୍ର ଘଟଣାକୁ ପୁରା ଖଣ୍ଡ ନ କରି କହିଛନ୍ତି ଯୋଗାଣ ସହାୟକ । ବିଜେପିର ବରିଷ୍ଠ ନେତା ଓ ନିଜେ ଲଞ୍ଜିଗଡ଼ ସରପଂଚଙ୍କୁ ଘଟଣା ବିଷୟରେ ପଚାରି ବାରୁ ସରକାରଙ୍କୁ ବଦନାମ କରିବାକୁ ଏହା ଏକ ଷଡଯନ୍ତ୍ର ବୋଲି ସୂଚନା ଦେଇଛନ୍ତି । ସରପଂଚ କହିଛନ୍ତି ଆମେ ଯେତେ ଜାଣିଛୁ କିଛି ଆମ ପଂଚାୟତରେ ଯୋଗାଣ ସହାୟକ ହେର ଫେର କରିଛନ୍ତି ସମିତି ସଭ୍ୟ, ନାଏବ ସରପଂଚ ଓ କିଛି କର୍ମଚାରୀ ଘଟଣାର ସତ୍ୟ ସତ୍ୟ ପଚାରି ବାରୁ ସେ ବୁଝେଇ ଦେଲେ ବୋଲି ଲଞ୍ଜିଗଡ଼ ସରପଂଚ ମନ୍ତବ୍ୟ ଫୋନ ମାଧ୍ୟମରେ ଦେଇଛନ୍ତି । ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି ଆମେ ତଦନ୍ତ କରିଛୁ ଚାଉଳ ଠିକରେ ଦିଆ ହେଉଚି କିନ୍ତୁ ଲୋକେ ବୁଝି ନ ଥିଲେ । ଥୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବି ସେମ କଥା କହିଛନ୍ତି । ତେବେ ଉପରୁକ୍ତ ଘଟଣା ଟି ଜନସାଧାରଣ ଦୁଇଟି କାର୍ଡକୁ ନେଇ ଦ୍ୱନ୍ଦ୍ୱ ଥିଲେ ବୁଝିବା ପରେ ସେମିତି କିଛି ହେର ଫେର ହେଇନ ଥିବା ଜଣା ପଡିଛି ।

ସରିଲା ବୃତି ପରୀକ୍ଷା ହେଲେ ପରୀକ୍ଷା ଦେଲେନି ୫୦ରୁ ଅଧିକ ପିଲା

ହାଟଡିହି, ୦୩/୧୦ (ଆ.ପ୍ର) : ଶନିବାର ଦିନ ହାଟଡିହି ଉଚ୍ଚ ବିଦ୍ୟାଳୟରେ ତୃତୀୟ ଓ ପଂଚମ ଶ୍ରେଣୀ ପାଇଁ ବୃତି ପରୀକ୍ଷା ଶେଷ ହୋଇଛି । ବ୍ଲକ ସ୍ତରୀୟ ଏହି ପରୀକ୍ଷାକୁ ପାଂଚଟି ପରୀକ୍ଷା କେନ୍ଦ୍ରରେରେ ଅନୁଷ୍ଠିତ ହେଇଥିଲା । ବ୍ଲକ ସ୍ତରରେ ତୃତୀୟ ଶ୍ରେଣୀ ପାଇଁ ମୋଟ ୩୮୭ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବାକୁ ରହିଥିବା ବେଳେ ୩୫୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେହିପରି ପଂଚମ ଶ୍ରେଣୀ ରେ ୩୮୮ଜଣ ଛାତ୍ର ଛାତ୍ରୀମାନଙ୍କୁ ନେଇ ପରୀକ୍ଷା ହେବାକୁ ରହିଥିବା ବେଳେ ୩୫୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ଉଭୟ ପଂଚମ ଶ୍ରେଣୀ ଓ ତୃତୀୟ ଶ୍ରେଣୀ ରେ ୬୪ ଜଣ ପିଲା ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା ।

ନିମାପଡ଼ା - ଗୋପରେ ବିଜେଡି ପକ୍ଷରୁ ପଦଯାତ୍ରା

ନିମାପଡ଼ା, ୦୩/୧୦ (ଆ.ପ୍ର) : ନିମାପଡା ଓ ଗୋପ ବ୍ଲକରେ ବିଜେଡି ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଯାଇଛି । ବ୍ଲକ ସଭାପତି ଭାଗୀରଥି ଖଟୋଇଙ୍କ ନେତୃତ୍ୱରେ ମହିଳା ନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ପୌର ନଗର ସଭାପତି ଧନୁର୍ଦ୍ଧରଦାଶ ଏନଏସି ଅଧକ୍ଷା ସସ୍ମିତା ସାହୁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଳତା ସାମଲ, ସସ୍ମିତା ନାୟକ ରବୀନ୍ଦ୍ର ମଲ୍ଲିକ, ମାନସ ପ୍ରଧାନ ତପନ ପ୍ରଧାନ ପଦ୍ମନାଭ ବାରିକ ଦିଲ୍ଲୀପ ପାତ୍ର ଗଙ୍ଗାଧର ବେହେରା ତପନ ଦାସ ରବୀନ୍ଦ୍ର କୁମାର ଦାସ ଆଇନଜୀବୀ ବଟ କୃଷ୍ଣ ସାହୁ ଚିନ୍ତାମଣି ବରାଳ, ନୃସିଂହ ଚରଣ ଓଝା, ରାକେଶ ସାହୁ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ । ବିଜେପି ସରକାର କ୍ଷମତାକୁ ଆସିବା ଅଢେଇ ବର୍ଷ ହେଲାଣି । ଗୋଟିଏ ହେଲେ ସମସ୍ୟାର ସମାଧାନ ହୋଇପାରିନାହିଁ ବୋଲି ବିଜେଡି ନେତା ଓ କର୍ମୀମାନେ କହିଥିଲେ । ଏ ସରକାର କେବଳ ରଙ୍ଗ ବଦଳାଉଛି । ପୂର୍ବ ସରକାର ୨୪ବର୍ଷ ଶାସନ ସମୟରେ ନିମାପଡା ନିର୍ବାଚନ ମଣ୍ଡଳୀର ବହୁ ବିକାଶ ହୋଇଥିଲା. ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଭୋଟ ନେଇ ପଛରେ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ନେତାମାନେ କହିଥିଲେ । ପରେ ପଦଯାତ୍ରା ଦଳ ନିମାପଡା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଥିଲେ । ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସେହିପରି ଗୋପ ବ୍ଲକରେ ବିଜେଡି ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ବଡତରା ପଂଚାୟତରୁ ପଦଯାତ୍ରା ବାହାରି ଜାତିର ପିତା ମହାତ୍ମା ଗାନ୍ଧୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । ମଲ୍ଲ ଗ୍ରାମର ବିଭିନ୍ନ ସାହି ବୁଲି ଆରାଧ୍ୟ ଶକ୍ତି ପୀଠ ମା' ତାରା ଦେବୀ ଠାକୁରାଣୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ରାଣୀ ସ୍ୱାଇଁ, ନିରଞ୍ଜନ ମହାପାତ୍ର ଉଭାର ପଂଚାୟତ ସଭାପତି ଗୌତମ ପଣ୍ଡା, ଉପେନ୍ଦ୍ର କାନୁନଗୋ ସୂର୍ଯ୍ୟ ମହାପାତ୍ର ପ୍ରସନ ପାତ୍ର ପ୍ରମୁଖଯୋଗ ଦେଇ ବିଜେପି ସରକାର ଲୋକଙ୍କୁ ଭଣ୍ଡାଉଚି, ବୋଲି କହିଥିଲେ । ଆଗାମୀ ପଂଚାୟତ ନିର୍ବାଚନରେ ସେମାନଙ୍କୁ ଉଚିତ ଶିକ୍ଷା ଦେବାକୁ ପ୍ରସ୍ତୁତ ରହିବାକୁ କର୍ମୀମାନଙ୍କୁ କହିଥିଲେ ।

ଗୋରାମ୍ବାରେ ଜଳ ଅର୍ପଣ ଦିବସ ପାଳିତ : ପିଡବ୍ଲ୍ୟୁଏସ୍ ପ୍ରକଳ୍ପରେ ଘରେ ଘରେ ପହଂଚିବ ବିଶୁଦ୍ଧ ପାନୀୟ ଜଳ

ଝରିଗାଁ, ୦୩/୧୦ (ଆ.ପ୍ର) : ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଇବା ଦିଗରେ ଆଉ ଏକ ସଫଳ ପଦକ୍ଷେପ ସ୍ୱରୂପ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ଏକମ୍ବା ପଂଚାୟତର ଗୋରାମ୍ବା ଗ୍ରାମରେ ଗୁରୁବାର 'ଜଳ ଅର୍ପଣ ଦିବସ' ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି । ଏହି ଅବସରରେ ପିଡବ୍ଲ୍ୟୁଏସ୍ ଯୋଜନା ଅଧୀନରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପର ଲୋକାର୍ପଣ କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଗ୍ରାମର ପ୍ରତ୍ୟେକ ପରିବାର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ । ଏହାଦ୍ୱାରା ଦୀର୍ଘଦିନ ଧରି ପାନୀୟ ଜଳ ସଂଗ୍ରହ ପାଇଁ ଲୋକମାନଙ୍କୁ କରିବାକୁ ପଡୁଥିବା କଷ୍ଟର ଅବସାନ ଘଟିବା ସହ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜୀବନମାନରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଲୋକାର୍ପଣ କରିଥିଲେ । ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ସରକାରଙ୍କ ଏହି ଯୋଜନା ଗ୍ରାମାଂଚଳର ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ସେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁସୂଦନ ମାଝୀ, ସରପଂଚ ଅନିତା ପୂଜାରୀ, ବିଧାୟକ ପ୍ରତିନିଧି ଗଣପତି ସାହୁ, ବିଜେପି ଜିଲ୍ଲା ଉପସଭାପତି ସୁମିତ୍ରା ମାଝୀ, କୃଷକ ମଂଚର ଜିଲ୍ଲା ସଭାପତି ଯଗଦିଶ କଲାର, ଆରଡବ୍ଲ୍ୟୁଏସ୍ଏସ୍ ପ୍ରତିନିଧି ପିରୋଜ ଷଡ଼ଙ୍ଗୀ ଓ ଯବୀ ଲିଙ୍ଗରାଜ ବାଘ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଜଳ ସଂରକ୍ଷଣ, ଜଳର ସଦୁପଯୋଗ ଓ ଅପଚୟ ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଜଳକୁ ଅମୂଲ୍ୟ ସମ୍ପଦ ଭାବେ ବିବେଚନା କରି ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଗୋରାମ୍ବା ଗ୍ରାମରେ ଏହି ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ କେବଳ ପାନୀୟ ଜଳ ସମସ୍ୟାର ସମାଧାନ ନୁହେଁ, ବରଂ ଗ୍ରାମୀଣ ବିକାଶର ଏକ ନୂତନ ଅଧ୍ୟାୟର ସୂଚନା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି ।

ରାହା ବୟୋଜ୍ୟେଷ୍ଠ ଉତ୍ସବରେ ସ୍ୱର ସଂଗୀତ ପାଇଁ ବାଲୁଗାଁ ରଙ୍ଗନାଥ ସେଠୀ ସମ୍ବର୍ଦ୍ଧିତ

ଚିଲିକା ବାଣପୁର, ୦୩/୧୦(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଗୋପିନାଥପୁର ସ୍ଥିତ ରଙ୍ଗନାଥ ସେଠୀ ଭୁବନେଶ୍ୱର ବୋଇ ଫାଉଣ୍ଡେସନ ଦ୍ୱାରା ବୟୋଜ୍ୟେଷ୍ଠ ମାନଙ୍କୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମ (ରାହା)ଦ୍ୱାରା ଅନୁଷ୍ଠିତ ହୋଇ ଥିବା ବିଭିନ୍ନ ବିଭାଗ ପ୍ରତିଯୋଗିତା ମଧ୍ୟରେ ସ୍ୱର ସଂଗୀତ ବିଭାଗରେ ଭାଗ ନେଇ ଉଦଯାପନ ଉତ୍ସବରେ ଜୟଦେବ ଭବନରେ ମାନ୍ୟଗନ୍ୟ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ମାନପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ଦୀର୍ଘ ଦିନ ଧରି ବିଭିନ୍ନ ବିଭାଗରେ ବୟୋଜ୍ୟେଷ୍ଠ ମାନଙ୍କୁ ନେଇ ଆରମ୍ଭ ହୋଇ ସମାପନ କରାଯାଇଥିଲା । ଏହି ବୟୋଜ୍ୟେଷ୍ଠ କାର୍ଯ୍ୟକ୍ରମରେ ଭାଗ ନେଇ ଉତୀର୍ଣ୍ଣ ହୋଇ ସମ୍ବର୍ଦ୍ଧିତ ହୋଇଥିବାରୁ ଶ୍ରୀରଙ୍ଗନାଥ ସେଠୀ ବିଚାରକ ମଣ୍ଡଳୀ ବୋଇ ଫାଉଣ୍ଡେସନ (ରାହା) ପରିବାର ଓ କର୍ମକର୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

କୋଉଠି ଅଟକିଲା ଗଣିଆ - ଛାମୁଣ୍ଡିଆ ମୁଖ୍ୟ ରାସ୍ତା

ଦଣପଲ୍ଲୀ ଗଣିଆ, ୦୩/୧୦ (ଆ.ପ୍ର) : ଗଣିଆ–ଛାମୁଣ୍ଡିଆ ମୁଖ୍ୟ ରାସ୍ତାର ଦୁରବସ୍ଥାକୁ ନେଇ ଜନଅସନ୍ତୋଷ ଚରମ ସୀମାରେ ପହଂଚିଥିବା ବେଳେ ଏବେ ସିଧାସଳଖ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରସିଦ୍ଧ କଳାପାଟ ଯାତ୍ରା ପାଖେଇ ଆସୁଥିଲେ ମଧ୍ୟ ରାସ୍ତା କାମ କେଉଁଠି ଓ କାହିଁକି ଅଟକି ରହିଛି, ତାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବାରମ୍ବାର ଦାବି, ପ୍ରତିବାଦ ଓ ଆନ୍ଦୋଳନ ପରେ ବିଭାଗୀୟ ଅଧିକାରୀ ଏବଂ ରାଜନେତାମାନେ କେବଳ ଫମ୍ପା ଆଶ୍ୱାସନା ଦେଇ କାମ ସାରିଦେଉଛନ୍ତି । ଅନୁଦାନ ମଞ୍ଜୁର ହୋଇଛି ନା ଟେଣ୍ଡର ପ୍ରକ୍ରିୟାରେ ଫାଇଲ୍ ଚାପି ହୋଇ ରହିଛି, ନା କୌଣସି ଠିକାଦାରଙ୍କ ସହ ମଧ୍ୟସ୍ଥିକା ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ - ଏହାକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ପ୍ରଶାସନର ଏଭଳି ନିଷ୍କ୍ରିୟତା ଓ ଟାଳଟୁଳ ନୀତି ଯୋଗୁଁ ପ୍ରତ୍ୟହ ଯାତ୍ରୀ ତଥା ସ୍କୁଲ-କଲେଜ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି । କଳାପାଟ ଯାତ୍ରା ପୂର୍ବରୁ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରୁ ନଉଠିଲେ ଏବଂ ରାସ୍ତା କାମ ଅଟକି ରହିବାର ପ୍ରକୃତ କାରଣ ସ୍ପଷ୍ଟ ନକଲେ, ଆଗାମୀ ଦିନରେ ପ୍ରଶାସନିକ କାର୍ଯ୍ୟାଳୟ ଘେରାଉ ସହ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି ।

ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସପ୍ରଧାନ ସମ୍ବର୍ଦ୍ଧନା

ଜଗତସିଂହପୁର, ୦୩/୧୦ (ଆ.ପ୍ର) : ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରର ସରକାରୀ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର କୃତି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ଦାସଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବରେ ପ୍ରଥମେ କୃତି ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଜ ଘରୁ ସଭାକୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ପାଛୋଟି ଆଣିଥିଲେ । ପ୍ରଥମେ ଜଗନ୍ନାଥ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ କୃତି ପ୍ରଧାନଶିକ୍ଷୟିତ୍ରୀଙ୍କ ପାଇଁ ଭାବବିହ୍ୱଳ ସଂଗୀତ ଗାନ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଏହି ଉତ୍ସବରେ ଭାଗନେଇ କୃତି ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ଦାସଙ୍କ ବ୍ୟକ୍ତିତ୍ୱ, ସ୍କୁଲର ଉନ୍ନତି, କାର୍ଯ୍ୟ ଦକ୍ଷତା, ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଉତ୍ସବରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଭାବ ବିହ୍ୱଳ ହୋଇପଡ଼ିଥିଲେ । ଅଞ୍ଜଳି ଦାସ ଦୀର୍ଘ ତେର ବର୍ଷ ହେବ ଏହି ବିଦ୍ୟାଳୟରେ କୃତି ପ୍ରଧାନଶିକ୍ଷୟିତ୍ରୀ ଭାବେ ନିଷ୍ଠାପର କାର୍ଯ୍ୟକରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛନ୍ତି । ଏହି ସଭାରେ ପ୍ରଶାନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅବସର ପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ଦାସ, ଲୋକନାଥ ବଡ଼ପଣ୍ଡା, ଶିବ ଚରଣ ଜେନା ପ୍ରମୁଖ ଯୋଗଦେଇ କୃତି ପ୍ରଧାନଶିକ୍ଷୟିତ୍ରୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସଭା ପରିଶେଷରେ ଅବସର ପ୍ରାପ୍ତ ସିଆରସିସି ନିତ୍ୟାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ପଦଯାତ୍ରା, ଜୟପୁର ପୌରପାଳିକା ପକ୍ଷରୁ ଆୟୋଜିତ ରାଲିରେ ସାମିଲ ହେଲେ ଛାତ୍ରଛାତ୍ରୀ ଓ କାଉନସିଲର

ଜୟପୁର, ୦୩/୧୦ (ଆ.ପ୍ର) : ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ସହ ପରିବେଶ ସୁରକ୍ଷା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜୟପୁର ପୌରପାଳିକା ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । 'ପ୍ଲାଷ୍ଟିକକୁ ନା କୁହନ୍ତୁ' ବାର୍ତା ନେଇ ଆୟୋଜିତ ଏହି ପଦଯାତ୍ରାରେ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ପଦଯାତ୍ରାରେ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଓ ବାର୍ତା ମାଧ୍ୟମରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବର୍ଜନ ସହ ପ୍ଲାଷ୍ଟିକ ବ୍ୟବହାର କମାଇବାକୁ ସାଧାରଣ ଲୋକଙ୍କୁ ଆହ୍ୱାନ କରାଯାଇଥିଲା । ପ୍ଲାଷ୍ଟିକ ଆବର୍ଜନା ପରିବେଶ ପାଇଁ ଏକ ଗୁରୁତର ସମସ୍ୟା ହୋଇଥିବାରୁ ଏହାର ବ୍ୟବହାର ନିୟନ୍ତ୍ରଣ ଓ ବିକଳ୍ପ ସାମଗ୍ରୀ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୌରପାଳିକାର ଉପାଧ୍ୟକ୍ଷ ବି. ସୁନିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ପୌରପାଳିକାର ସମସ୍ତ କାଉନସିଲର ଓ କର୍ମଚାରୀ ସାମିଲ ହୋଇଥିଲେ । ପ୍ଲାଷ୍ଟିକମୁକ୍ତ ଓ ସ୍ୱଚ୍ଛ ଜୟପୁର ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର କମାଇବା, ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ଆପଣାଇବା ଏବଂ ଆବର୍ଜନାକୁ ଠିକ୍ ଭାବେ ପରିଚାଳନା କରିବା ଦିଗରେ ସଚେତନ ହେବାକୁ ପଦଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ବାର୍ତା ଦିଆଯାଇଥିଲା ।

ଅଲଟ୍ରାସାଉଣ୍ଡ କକ୍ଷରେ ଭୋଜି ଆୟୋଜନ ଚିକିତ୍ସାଳୟ ପରିଚାଳନା ଉପରେ ଉଠିଲା ପ୍ରଶ୍ନ

ଗୁଣପୁର, ୦୩/୧୦ (ଆ.ପ୍ର) : ରୋଗୀଙ୍କ ପରୀକ୍ଷା ଓ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ କକ୍ଷକୁ ନେଇ ଏକ ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ହୋଇଛି । ଗାନ୍ଧୀ ଜୟନ୍ତୀ ଦିନ ରାତିରେ ଏହି କକ୍ଷ ଭିତରେ ଭୋଜି ଆୟୋଜନ କରାଯାଇଥିବା ସହ ମାଂସ ରନ୍ଧାଯାଇଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କିତ କିଛି ଦୃଶ୍ୟ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଚିକିତ୍ସାଳୟରେ ଆଲୋଚନା ଆରମ୍ଭ ହୋଇଛି । ଉକ୍ତ ଦୃଶ୍ୟରେ ଡାକ୍ତର ସମିତ ସ୍ୱାଇଁ, ଡାକ୍ତର ରତିକାନ୍ତଙ୍କ ସମେତ କିଛି ଚିକିତ୍ସାଳୟ କର୍ମଚାରୀ ଦେଖାଯାଉଥିବା ଦାବି କରାଯାଉଛି । ତେବେ ଦୃଶ୍ୟରେ ଉପସ୍ଥିତ ଥିବା ଡାକ୍ତର ସମିତ ସ୍ୱାଇଁ, ଡାକ୍ତର ରତିକାନ୍ତ କିମ୍ବା ଅନ୍ୟ କର୍ମଚାରୀମାନେ ଭୋଜି ଆୟୋଜନରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲେ କି ନାହିଁ, ଏନେଇ କୌଣସି ନିଷ୍କର୍ଷ ତଦନ୍ତ ବିନା ନିଆଯାଇପାରିବ ନାହିଁ । ଅଭିଯୋଗକୁ ନେଇ ମୁଖ୍ୟ ପ୍ରଶ୍ନ ହେଉଛି, ରୋଗୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ହେଉଥିବା କକ୍ଷ ଭିତରେ ଭୋଜି ଆୟୋଜନ ପାଇଁ କାହାର ଅନୁମତି ଥିଲା ? ଚିକିତ୍ସାଳୟର ଏଭଳି ସମ୍ବେଦନଶୀଳ କକ୍ଷକୁ ଭୋଜି ପାଇଁ ବ୍ୟବହାର କରିବାକୁ କୌଣସି ଅନୁମତି ଦିଆଯାଇଥିଲା କି ? ଯଦି ନାହିଁ, ତେବେ ଏହି ଘଟଣା କିପରି ଘଟିଲା ? ଘଟଣା ସମ୍ପର୍କରେ ଡାକ୍ତର ସମିତ ସ୍ୱାଇଁ, ଡାକ୍ତର ରତିକାନ୍ତ ଏବଂ ଅନ୍ୟ ଚିକିତ୍ସାଳୟ କର୍ମଚାରୀଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲା । ତେବେ ଏନେଇ ସେମାନେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବା ଜଣାପଡ଼ିଛି । ଏହି ଘଟଣାର ସତ୍ୟାସତ୍ୟ ଜାଣିବା ସହ ଭୋଜି ଆୟୋଜନ ପାଇଁ ଅନୁମତି ଥିଲା କି ନାହିଁ ଏବଂ ଘଟଣାରେ କାହାର ଭୂମିକା ରହିଛି, ସେନେଇ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି । ତଦନ୍ତ ପରେ ଅଭିଯୋଗର ସତ୍ୟତା ସାମ୍ନାକୁ ଆସିବ । ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ କି ପଦକ୍ଷେପ ନେବ, ତାହା ଉପରେ ଏବେ ନଜର ରହିଛି ।

ଜୁନାଗଡ଼ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ ପାଳିତ

ଧର୍ମଗଡ଼, ୦୩/୧୦ (ଆ.ପ୍ର) :କଳାହାଣ୍ଡି ପୁରାତନ ରାଜଧାନୀ ଜୁନାଗଡ ସହରରେ କେଉଁ ଆବହମାନ କାଳରୁ ପାଳିତ ହୋଇଆସୁଛି ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ଉତ୍ସବ । ଜିଲାର ମନ୍ଦିର ମାଳିନୀ ସହର ଭାବେ ମଧ୍ୟ ଜୁନାଗଡ ସହର ଖ୍ୟାତି ଅର୍ଜନ କରିଛି । ଛଅକୋଡି ବନ୍ଧ ଓ ନଅକୋଡି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ । ମା'ଙ୍କ ବାରମାସରେ ତେରପର୍ବ ପାଳିତ ହୁଏ । ସେଥିମଧ୍ୟରୁ ଖଣ୍ଡାବସା ପର୍ବ ବେଶ ପ୍ରସିଦ୍ଧି ଲାଭ କରିଛି । ଜୁନାଗଡ ସହର ବଙ୍ଗଳାଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବେ ମା' ଲଙ୍କେଶ୍ୱରୀ ପୂଜା ପାଇ ଆସୁଛନ୍ତି । ପୂର୍ବକାଳରେ ନାଗବଂଶୀୟ ରାଜାମାନେ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ପ୍ରତିବର୍ଷ ମହା ସମାରୋହରେ ପାଳନ କରି ଆସୁଥିଲେ ବୋଲି କୁହାଯାଏ । ସେହି ପରମ୍ପରା ବର୍ତମାନ ମଧ୍ୟ ନିରବଚ୍ଛିନ୍ନ ଭାବେ ଉତ୍ସାହ ଉଦ୍ଦିପନା ସହ ଚାଲିଆସୁଛି । ଅଭୟ ବରଦା, ଚତୁର୍ଭୁଜା, ପଦ୍ମାସୀନା, ମା' ଲଙ୍କେଶ୍ୱରୀ ଶକ୍ତିପୀଠାଧିଶ୍ୱରୀ ଭାବେ ପୂଜା ପାଇଆସୁଛନ୍ତି । ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ । ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ । ସେଥିପାଇଁ କେଉଁ ଆବାହନ କାଳରୁ ରାଜାମାନେ ଦେବୀ ଉପାସନା କରିବା ସହିତ ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ ରୂପେ ଖଣ୍ଡାକୁ ପୂଜା କରିଆସୁଛନ୍ତି । ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାର କରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ ଅରୁଆ ଚାଉଳ ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ । ତା'ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ ।କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା । ପର୍ବ ପାଳନର ପର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ ଆସି ଡାକବଙ୍ଗଳାରେ ଉପସ୍ଥିତ ହୋଇଥିଲେ । ତାଙ୍କ ଆଗମନରେ ସ୍ୱାଗତ ଜଣାଇବା ପାଇଁ ବାଜି ଉଠେ ବୀରବାଦ୍ୟ ଘୁମୁରା । ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣି ଥିଲେ ଡାକ ବଙ୍ଗଳାକୁ । ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡକୁ ଆସିଲେ ଏହି ପୁରାତନ ଡାକ ବଙ୍ଗଳାରେ ଅବସ୍ଥାନ କରୁଥିଲେ । ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି । ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଖୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡିଆକୁ ପୂଜକ ଆଣିଲା ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିଥିଲେ । ମାର୍ଜନା ପରେ ବିବିଧ ବାଦ୍ୟ ବାଦିତ ହୋଇ ଏକ ଶୋଭାଯାତ୍ରାରେ ପୂଝାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରାଇବା ପରେ ରାଜା ମନ୍ଦିରକୁ ଆସିଥିଲେ । ସେଠାରେ ଦେବୀଙ୍କ ଖଣ୍ଡାବସା ପୂଜା ନିମିତ ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥା ଯୋଗ୍ୟ ବରଣ କରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାଇଥିଲେ । ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇ । ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ପୂଜା ଓ ତନ୍ତ୍ର ପୂଜା ମାଧ୍ୟମରେ ପୂଜା ପାଠ କରିଥିଲେ । ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରୀ । ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାର ମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡରା ନାମକ ପଶୁ ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ । ଏହାପରେ ଜନସାଧାରଣ ଆଳତି ଦର୍ଶନ କରିବା ପରେ ପୂଜା ସମାପନ ହୋଇଥିଲା । ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗଙ୍କୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରିଥାନ୍ତି । ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୋଇଥାଏ । ଏଥିପାଇଁ ପୂଜକ, ପୂଝାରୀ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଂଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି ।ଖଣ୍ଡାବସା ରାତିରେ ହସି ଉଠିଥିଲା ଜୁନାଗଡ ସହର । ଜିଲାର ବିଭିନ୍ନ ଅଂଚଳ ସମେତ ଜିଲା ବାହାରୁ ଏପରିକି ରାଜ୍ୟ ବାହାରରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥିଲେ । ଅତୀତରେ ପଡୋଶୀ ଛତିଶଗଡ ରାଜ୍ୟ ଲୋକଙ୍କ ମଧ୍ୟ ଏହା ପ୍ରିୟ ଉତ୍ସବ ଥିଲା । ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ପ୍ରତିଯୋଗିତା, ହୋଇଥିଲା । ଏହି ପର୍ବରେ ମାଙ୍କୁ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ।

ଚୌଦ୍ୱାର ପରିବର୍ତନ କେନ୍ଦ୍ରରେ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ

ଟାଙ୍ଗୀ ଚୌଦ୍ୱାର, ୦୩/୧୦ (ଆ.ପ୍ର) : ଓଡିଶାର ସର୍ବ ପ୍ରଥମ ନାବାଳକ ନିଶାମୁକ୍ତି ଓ ପୁନର୍ବାସ ଅନୁଷ୍ଠାନ ପରିବର୍ତନ କେନ୍ଦ୍ର ପରିସରରେ ପବିତ୍ର ଗାନ୍ଧୀଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ସୂଚନା ଥାଉକି ଅଜିର ଦିନରେ ସମସ୍ତ ଶିକ୍ଷାନୁଷ୍ଠାନ ଓ ସମସ୍ତ ସରକାରୀ ବିଭାଗରେ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିବା ବେଳେ ଆମ ପରିବର୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ମଧ୍ୟରେ ସମସ୍ତ ଅନ୍ତେବାସୀ, କର୍ମଚାରୀ, ଉତ୍ତାର ଫାଉଣ୍ଡେସନ ସଦସ୍ୟମାନେ ରାମଧୁନ ସଂଗୀତରେ ଭଜନ କରି ଚୌଦ୍ୱାର ସହର ପରିକ୍ରମା କରିଥିଲେ । ଆଜିର ସଭାରେ ରୋଟାରୀ କ୍ଲବ ଗ୍ରୀନ ସିଟି, କଟକ ସଭାପତି ଓ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଉପସ୍ଥିତ ଥିବା ବରିଷ୍ଠ ବୁଦ୍ଧିଜୀବୀ ବିମ୍ବାଧର ସାହୁ ଓ ରୋଟାରୀ କ୍ଲବ ଗ୍ରୀନ ସିଟି କଟକର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ସଦସ୍ୟ ମନମୋହନ ପତି ନାବାଳକ ଅନ୍ତେବାସୀ ମାନଙ୍କୁ ଗାନ୍ଧିଜୀଙ୍କ ଅବଦାନ ଇତିହାସ ଓ ସ୍ୱାଧୀନ ଭାରତ ପାଇଁ ମହାତ୍ମା ଗାନ୍ଧୀଙ୍କ ଅବଦାନ କଣ ବୁଝାଇଥିଲେ । ଶେଷରେ ରୋଟାରୀ କ୍ଲବ ଗ୍ରୀନ ସିଟି ତରଫରୁ ଅର୍ଦ୍ଧପୂର୍ଣ୍ଣ ଦିବସ ପାଳିତ ହୋଇଯାଇଛି, ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ଗ୍ରୀନସିଟି ସୁଜାତା ପତି ଉତ୍ତାର ଫାଉଣ୍ଡେସନ ସଦସ୍ୟ ଅଂଶୁମାନ କର, ରଶ୍ମି ରଞ୍ଜନ ସାହୁ, ଅମିତ ନାୟକ, ଅଂଶୁମାନ ସ୍ୱାଇଁ, ପରିବର୍ତନ କେନ୍ଦ୍ର ଅଧକ୍ଷ ନରୋତମ ଦାସ, ବରିଷ୍ଠ ସେବକ ସୁବ୍ରତ ଖଟୁଆ, ସୁନୀଲ ମୁର୍ମୁ, ଶିବମ ବେହେରା, ସୋନୁ ରାଏ, ସାହିଲ ସୋହନ ସାହୁ, ଅମର ନାୟକ ଓ ସତ୍ୟ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA
ରବିବାର, ୦୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଏସୀୟ କ୍ରୀଡ଼ା କ୍ରିକେଟରେ ଭାରତକୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩/୧୦(ନ୍ୟୁ.ଏ): ପୁଣି ଭାରତ ଆଗରେ ମାଟି କାମୁଡ଼ିଛି ପାକିସ୍ତାନ। ୨୦୨୫ରେ କ୍ରମାଗତ ୩ଟି ରବିବାରରେ ୩ଟି ମ୍ୟାଚ୍ ଖେଳି ୩ଟି ଯାକରେ ହାରିଥିଲା ପାକିସ୍ତାନ। ଆଜି ଶନିବାର ହୋଇଥିବାରୁ ପାକିସ୍ତାନର ଭାଗ୍ୟ ବଦଳିବ ବୋଲି ଇସଲାମାବାଦ ଆଶା କରିଥିଲା। ହେଲେ ପୂର୍ବାପେକ୍ଷା ଏଥର ଆହୁରି ଲଜ୍ଜାଜନକ ଭାବେ ହାରିଛି ପାକିସ୍ତାନ। ରବିବାର ଭଳି ଶନିବାର ମଧ୍ୟ ଆଣ୍ଠେଇଛି ପାକିସ୍ତାନ। ଏସୀୟ କ୍ରୀଡ଼ାର ଫାଇନାଲରେ ପାକିସ୍ତାନକୁ ଏକତରଫା ଭାବେ ହରାଇ ଭାରତ କ୍ରମାଗତ ଦ୍ୱିତୀୟ ଥର ପାଇଁ କ୍ରିକେଟରେ ଜିତିଛି ସ୍ୱର୍ଣ୍ଣ। ୨୦୨୩ରେ ଋତୁରାଜ ଗାଏକ୍ୱାଡଙ୍କ ଯୁବ ଟିମ ସ୍ୱର୍ଣ୍ଣ ସଫଳତା ହାସଲ କରିଥିଲା। ଏବେ ଶ୍ରେୟସ ଆୟରଙ୍କ ଅଭିଜ୍ଞ ଭାରତୀୟ ଟିମ କମାଲ କରିଛି। ପାକିସ୍ତାନକୁ ଭାରତ ୧୯ ରନରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ ଓ ତା' ପରେ ଘାତକ ବୋଲିଂ ଯୋଗୁ ଧରାଶାୟୀ ହୋଇଛି ପାକିସ୍ତାନ। ଟି-୨୦ ଫର୍ମାଟରେ ଏହା ପାକିସ୍ତାନ ବିପକ୍ଷରେ ଭାରତର କ୍ରମାଗତ ୭ମ ବିଜୟ। ପାକିସ୍ତାନ ବିଜୟ ଆଶା ନେଇ ସବୁଥର ଭଳି ଏଥର ମଧ୍ୟ ଆସିଥିଲା। ହେଲେ ଜାପାନ ମାଟିରେ ପାକିସ୍ତାନକୁ ଟିମ ଇଣ୍ଡିଆ ଧୂଳି ଚଟାଇ ଦେଇଛି। ଏସିଆ କପ ଭଳି ଏସିଆନ ଗେମ୍ସରେ ମଧ୍ୟ ଭାରତ ହୋଇଛି ଚାମ୍ପିୟନ। ସ୍ୱର୍ଣ୍ଣ ମୁକାବିଲାରେ ଟସ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ଅଭିଷେକ ଶର୍ମାଙ୍କ ୨୮ ବଲରେ ୬୧ ଓ ଏସିଆ କପ ଫାଇନାଲର ହିରୋ ତିଳକ ବର୍ମାଙ୍କ ୨୨ ବଲରେ ଅପରାଜିତ ୫୧ ରନ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୧ ରନ କରିଥିଲା। ଏହାର ଜବାବରେ ପାକିସ୍ତାନ ୬ ୱିକେଟ ହରାଇ ୧୯୬ ରନ କରିପାରିଛି। ଦୁଇ ଦୁଇଟି ଜୀବନ ଦାନ ପାଇଥିବା ହାସନ ନୱାଜ ପାକିସ୍ତାନ ପାଇଁ ୫୧ ବଲରେ ଖେଳିଛନ୍ତି ୯୬ ରନର ଇନିଂସ। ସେ ୪ ରନ କରିଥିବା ବେଳେ ପ୍ରଥମେ ବୈଭବ ସୂର୍ଯ୍ୟବଂଶୀ ଓ ୫୯ ରନ କରିଥିବା ବେଳେ ୱାଶିଂଟନ ସୁନ୍ଦର ତାଙ୍କ କ୍ୟାଚ୍ ଛାଡ଼ିଥିଲେ। ସେ ଶେଷ ଯାଏ ଲଢ଼େଇ କରିଥିଲେ ହେଁ ପାକିସ୍ତାନକୁ ଭାରତ ବିପକ୍ଷରେ ଅପ୍ରତ୍ୟାଶିତ ତଥା ବହୁପ୍ରତିକ୍ଷୀତ ବିଜୟ ଭେଟି ଦେଇ ପାରି ନାହାନ୍ତି। ୨୧୨ ରନକୁ ପିଛା କରିବାକୁ ଓହ୍ଲାଇଥିବା ପାକିସ୍ତାନ ଆରମ୍ଭରୁ ହିଁ ଯଶପ୍ରୀତ ବୁମ୍ରାଙ୍କୁ ସାମ୍ନା କରିବାରେ ଅସମର୍ଥ ହୋଇଥିଲା। ଅଧିନାୟକ ସାହିବଜାଦା ଫରହାନଙ୍କୁ ବୁମ୍ରା ନିଜର ଦ୍ରୁତ ବଲରେ ଚକିତ କରି ଦେଇଥିଲେ। ଗୋଟିଏ ବଲ ତାଙ୍କ ଦେହରେ ମଧ୍ୟ ମାଡ଼ ହୋଇଥିଲା। ହେଲେ ସେ ୱିକେଟ ଦେଇ ନଥିଲେ। ପାକିସ୍ତାନ ପ୍ରଥମ ୩ ଓଭରରେ କୌଣସି ୱିକେଟ ହରାଇ ନଥିଲା। ୱିକେଟ ଯାଇ ନଥିଲେ ହେଁ ଫରହାନ କିମ୍ବା ଅନ୍ୟତମ ଓପନର ମାଜ ସଦାକତ ବଡ଼ ଶଟ ଖେଳି ପାରି ନଥିଲେ। ୪ର୍ଥ ଓଭରରୁ ପାକିସ୍ତାନର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଭାରତକୁ ପ୍ରଥମ ସଫଳତା ଦେଇଥିଲେ ୱାଶିଂଟନ ସୁନ୍ଦର। ସେ ୧୧ ବଲରେ ୧୦ ରନ କରିଥିବା ଫରହାନଙ୍କୁ ଆଉଟ କରିଥିଲେ। ସଦାକତ କିଛି ଶଟ ମାରିଥିଲେ ହେଁ ୧୮ ବଲରେ ୨୩ ରନ କରି ଅକ୍ଷର ପଟେଲଙ୍କ ବଲରେ ପାଭିଲିୟନ ଫେରିଥିଲେ। ଏହା ପୂର୍ବରୁ ଉସମାନ ଖାନ(୩) ମଧ୍ୟ ଅକ୍ଷରଙ୍କ ଶିକାର ବନିଥିଲେ। ପାୱାର ପ୍ଲେରେ ପାକିସ୍ତାନ ୩ ୱିକେଟ ହରାଇ କେବଳ ୩୯ ରନ କରିଥିଲା। ସମାନ ସମୟରେ ଭାରତ ୮୨ ରନରେ କେବଳ ୨ଟି ୱିକେଟ ହରାଇଥିଲା। ପାୱାର ପ୍ଲେ ପରେ ରବି ବିଶ୍ନୋଇ ଓ ଅଭିଷେକ ଶର୍ମା ବୋଲିଂ କରିଥିଲେ। ଅଭିଷେକ ଶର୍ମାଙ୍କ ପ୍ରଥମ ଓଭରରେ ହାସନ ନୱାଜ କ୍ୟାଚ ଦେଇଥିଲେ ହେଁ ଏହାକୁ ଧରିବାକୁ ଅକ୍ଷମ ହୋଇଥିଲେ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ଏହି ସମୟରେ ହାସନ କେବଳ ୪ ରନ କରିଥିଲେ। ପରବର୍ତ୍ତୀ ବଲରେ ନୱାଜ ଗୋଟିଏ ଛକା ମାରିଥିଲେ। ପୂର୍ବ ଓଭରରେ ସୈମ ଆୟୁବ ମଧ୍ୟ ରବି ବିଶ୍ନୋଇଙ୍କୁ ଛକା ମାରିଥିଲେ। ୯ ଓଭର ସୁଦ୍ଧା ପାକିସ୍ତାନ ୩ ୱିକେଟ ହରାଇ ୬୨ ରନ କରି ନେଇଥିଲା। ୧୦ମ ଓଭରରେ ରବି ବିଶ୍ନୋଇଙ୍କୁ ୨ଟି ଛକା ମାରି ନୱାଜ ପାକିସ୍ତାନ କ୍ୟାମ୍ପରେ ଉତ୍ସାହ ଭରିଥିଲେ। ନୱାଜ ଓ ଆୟୁବ ମଧ୍ୟ ୪ର୍ଥ ୱିକେଟ ପାଇଁ ୫୦ରୁ ଅଧିକ ରନର ଭାଗିଦାରୀ କରି ନେଇଥିଲେ। ନୱାଜ ୨୮ ବଲରେ ରବି ବିଶ୍ନୋଇଙ୍କୁ ଛକା ମାରି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ପରବର୍ତ୍ତୀ ବଲରେ ସେ କ୍ୟାଚ୍ ଦେଇଥିଲେ ହେଁ ଅଭିଷେକ ଶର୍ମା ଏହାକୁ ଜକ୍ କରିପାରି ନଥିଲେ। ୧୩ ଓଭର ସୁଦ୍ଧା ପାକିସ୍ତାନର ସ୍କୋର ୩ ୱିକେଟରେ ୧୧୭ ରନରେ ପହଂଚିଯିବାରୁ ଭାରତ ଉପରେ ଚାପ ବଢ଼ିଥିଲା। ୧୪ତମ ଓଭର ବୋଲିଂ କରିବାକୁ ଆସିଥିଲେ ଯଶପ୍ରୀତ ବୁମ୍ରା। ହେଲେ ସେ ମଧ୍ୟ ୯ ରନ ଖର୍ଚ୍ଚ କରିଥିଲେ। ଶେଷ ୬ ଓଭରରେ ପାକିସ୍ତାନକୁ ଜିତିବା ପାଇଁ ଦରକାର ଥିଲା ୮୬ ରନ।

'ଶି ମାର୍ଟ' ଗ୍ରୋସରି କେନ୍ଦ୍ର

ଦେବଗଡ଼ ପୌରାଂଚଳ ଅନ୍ତର୍ଗତ ପୁରୁଣାଗଡ଼ ନୂତନ କୋର୍ଟ ସମ୍ମୁଖୀରେ 'ଶି ମାର୍ଟ' ଗ୍ଲସରି କେନ୍ଦ୍ର ରହିଛି। ଯାହା **SHG** ମା ମାନଙ୍କ ଦ୍ୱାରା ଉନ୍ନତମାନର ଖାଦ୍ୟ ଶସ୍ୟ ଓ ଉନ୍ନତ ପାକିଜିଙ୍ଗ, ହାଇଜିନିଙ୍ଗ ଫୁଡ଼, ଯେମିତି ବଡ଼ି, ପାମ୍ପଡ, ମସଲା, ଡ୍ରାୟ ଫୁଡ, ଡାଲି ଜାତୀୟ ଖାଦ୍ୟ ଶସ୍ୟ, ଦେଶୀ ମୁଗ, କଳଥ ଆଦି ସୁଲଭ ମୂଲ୍ୟ ଓ ସୁରକ୍ଷିତ ଉନ୍ନତମାନର ଗ୍ରାହକଙ୍କୁ ସୁହେଇଲା ଭଳି ଓ ସ୍ୱାସ୍ଥ୍ୟ ପ୍ରତି ସୁସ୍ଥଜନକ କଂଚା ଖାଦ୍ୟସାମଗ୍ରୀ ମିଳୁଥିବାର ଦେଖିବାକୁ ମିଳିଛି,ଏହା **SHG** ଓ **ORMS** ଦେବଗଡ଼ ପକ୍ଷରୁ ମିଶନ ଶକ୍ତିର ଡେପୁଟି ସିଇଓ ରବୀନ୍ଦ୍ର ପ୍ରଧାନ ଏ ଉପରେ କିଛି ମତ ରଖିଛନ୍ତି ଓ ଦେବଗଡ଼ ବାସୀ ଏହି ଦ୍ରବ୍ୟ ସବୁ କ୍ରୟ କରି ଉପକୃତ ହେବା ପାଇଁ ସୂଚନା ଦେଇଥିଲେ।

ଭାରତ ପାଇଁ ଏସିଆନ ଗେମ୍ସରେ ୨୦ତମ ସ୍ୱର୍ଣ୍ଣ ଜିତିଲେ କୁସ୍ତି ତାରକା ଅମନ

ନୂଆଦିଲ୍ଲୀ, ୩/୧୦(ନ୍ୟୁ.ଏ): ଚଳିତ ଏସିଆନ ଗେମ୍ସରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୨୦ ଛୁଇଁଛି। କ୍ରିକେଟ ପରେ କୁସ୍ତିରୁ ଆସିଛି ସ୍ୱର୍ଣ୍ଣିମ ସଫଳତା। ୫୭ କେଜି ଫ୍ରି ଷ୍ଟାଇଲ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଛନ୍ତି ଭାରତର ଅମନ ଶେରାୱତ। ସେ ଉତର କୋରିଆର ହାଙ୍ଗ ଚୋଙ୍ଗ ସଙ୍ଗଙ୍କୁ ୧୧-୭ରେ ହରାଇ ଏହି ସଫଳତା ହାସଲ କରିଛନ୍ତି। ଏଥିସହ ସେ ଏସିଆନ ଗେମ୍ସରେ ନୂଆ ରେକର୍ଡ ବି କରିଛନ୍ତି। ୫୭ କେଜି ବର୍ଗରେ ଭାରତ କେବେ ବି ସ୍ୱର୍ଣ୍ଣ ଜିତି ନଥିଲା। ୨୦୨୨ରେ ଅମନ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲେ। ହାଙ୍ଗ ଚୋଙ୍ଗ ରୌପ୍ୟ ପଦକ ଜିତିଥିଲେ। ୨୦୨୬ରେ ମଧ୍ୟ ହାଙ୍ଗ ଫାଇନାଲରେ ପ୍ରବେଶ କରିଥିଲେ। ଏବେ ତାଙ୍କୁ ଅମନଙ୍କ ଠାରୁ ହାରିବାକୁ ପଡ଼ିଛି। ଅମନ ଏହା ପୂର୍ବରୁ ଅଲିମ୍ପିକ୍ସରେ ମଧ୍ୟ ଦେଶ ପାଇଁ ବ୍ରୋଞ୍ଜ ପଦକ ଜିତିଥିଲେ। ଆଜିର ଫାଇନାଲ ଲଢ଼େଇ ମଧ୍ୟ ବେଶ ରୋମାଂଚକର ଥିଲା। ଅମନ ଏକଦା ୬-୩ରେ ଲିଡ୍ କରୁଥିଲେ। ଏହି ସମୟରେ ହାଙ୍ଗ ଚୋଙ୍ଗ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ମ୍ୟାଟ୍ ଆସିଥିଲେ। ସେ ଆସିବା ମାତ୍ରେ ସବୁ କିଛି ଓଲଟପାଲଟ କରିବାକୁ ଚେଷ୍ଟା କରିଥିଲେ। କାଉଂଟର ଆଟାକ କରି ସ୍ଥିତି ୭-୬ କରି ଦେଇଥିଲେ। ସମୟ ୨ ମିନିଟରୁ କମ ଥିବା ବେଳେ ଅମନ ଗୋଟିଏ ପଏଂଟ ପଛରେ ପଡ଼ି ଯାଇଥିଲେ। କିନ୍ତୁ ଏହି ସମୟରେ ଜବରଦସ୍ତ କମବ୍ୟାକ କରିଥିଲେ ଅମନ। ସେ ମଧ୍ୟ କାଉଂଟର ଆଟାକ କରି ୨-୨ ପଏଂଟ ଲେଖାଏ ହାସଲ କରିଥିଲେ। ଅମନଙ୍କ ଗୋଟିଏ ଚ୍ୟାଲେଞ୍ଜକୁ ମଧ୍ୟ ଉତର କୋରିଆ ଚ୍ୟାଲେଞ୍ଜ କରିଥିଲା। ହେଲେ କିଛି ବି ଲାଭ ଦଳକୁ ମିଳି ନଥିଲା। ଶେଷରେ ଅମନ ୧୧-୭ରେ ମ୍ୟାଚ୍? ସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ବିଜୟ ସହ ଭାରତର ପଦକ ସଂଖ୍ୟା ଚଳିତ ଏସିଆନ ଗେମ୍ସରେ ୮୬କୁ ବୃଦ୍ଧି ପାଇଛି। ଏହା ମଧ୍ୟରେ ୨୦ଟି ସ୍ୱର୍ଣ୍ଣ, ୨୬ଟି ରୌପ୍ୟ ଓ ୩୬ଟି ବ୍ରୋଞ୍ଜ ମେଡାଲ ରହିଛି। ଭାରତ ଏବେ ପଦକ ତାଲିକାର ୫ମ ସ୍ଥାନରେ ପୂର୍ବଭଳି ରହିଛି। ଆଜି ଭାରତକୁ ଏଯାଏ ତୀରନ୍ଦାଜୀ, ଗଲ୍ଫ, କ୍ରିକେଟ ଓ କୁସ୍ତିର ୫୭ କେଜି ବର୍ଗରେ ସ୍ୱର୍ଣ୍ଣିମ ସଫଳତା ମିଳିପାରିଛି।

ସ୍ୱର୍ଣ୍ଣ ବିଜୟୀ ପୁରୁଷ ହକି ଟିମ୍ ପାଇଁ ପୁରସ୍କାର ଘୋଷଣା

ନୂଆଦିଲ୍ଲୀ, ୩/୧୦(ନ୍ୟୁ.ଏ): ଜାପାନର ଆଇଚି-ନାଗୋୟାରେ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳ ପାଇଁ ଘୋଷଣା କରାଯାଇଛି ପୁରସ୍କାର। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ ଘୋଷଣା କରିଛନ୍ତି ପୁରସ୍କାର। ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ଏହା ସହିତ କୋଚ୍ ଓ ସପୋର୍ଟ ଷ୍ଟାଫଙ୍କୁ ସାଢ଼େ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଗତକାଲି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳ ପାଇଁ ମଧ୍ୟ ସମାନ ପୁରସ୍କାର ଘୋଷଣା କରାଯାଇଥିଲା। ଆଜି ପୁରୁଷ ହକି ଫାଇନାଲରେ ବାଜି ମାରିଥିଲା ଡିଫେଣ୍ଡିଂ ଚାମ୍ପିୟନ ଭାରତ। ମାଲେସିଆକୁ ୫-୧ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା ଭାରତୀୟ ପୁରୁଷ ହକି ଦଳ। ଏହା ସହ ଲସ୍ ଆଞ୍ଜେଲସ୍ ଅଲିମ୍ପିକ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛି। ଭାରତୀୟ ପୁରୁଷ ହକି ଦଳ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଭାରତୀୟ ହକି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ପ୍ରଥମ ଥର ପାଇଁ ଗୋଟିଏ ଏସିଆନ ଗେମ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଉଭୟ ଦଳ ୨୦୨୮ ଲସ୍ ଆଞ୍ଜେଲସ ଅଲିମ୍ପିକ ପାଇଁ ମଧ୍ୟ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷ ହକି ଟିମ୍ ପୂର୍ବରୁ ଏସିଆନ ଗେମ୍ସରେ ୪ ଥର ସ୍ୱର୍ଣ୍ଣ ପଦକ ଜିତିଥିଲା। ଏଥରକୁ ମିଶାଇ ଦଳ ୫ଟି ସ୍ୱର୍ଣ୍ଣ ପଦକ ଜିତିଛି। ଏହା ପୂର୍ବରୁ ୧୯୬୬, ୧୯୯୮, ୨୦୧୪ ଓ ୨୦୨୨ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ତା'ସହିତ ପ୍ରଥମ ଥର ପାଇଁ ଏସିଆନ୍ ଗେମ୍ସରେ ଦଳ ଲଗାତାର ଦୁଇ ଥର ସ୍ୱର୍ଣ୍ଣ ପଦକ ଜିତିଛି। ଦଳ ପାଇଁ ଏହା ବି ଏକ ରେକର୍ଡ। ଅନ୍ୟପକ୍ଷରେ ୪୪ ବର୍ଷ ପରେ ଭାରତୀୟ ମହିଳା ହକି ଦଳ ଗତକାଲି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜାତେଇ ଥିଲା। ୧୯୮୨ ଦିଲ୍ଲୀରେ ଆୟୋଜିତ ଏସିଆନ ଗେମ୍ସର ମହିଳା ହକିରେ ସ୍ୱର୍ଣ୍ଣ ଜିତିଥିଲା। ଏବେ ୪୪ ବର୍ଷ ପରେ ଜାପାନରେ ଏହାର ପୁନାରାବୃତି ଘଟିଛି। ଲାଲରେମସିଆମିଙ୍କ ଏକମାତ୍ର ଗୋଲ ଭାରତକୁ ବିଜୟ ଭେଟି ଦେଇଥିଲେ। ୧୯୯୮ ଏସିଆନ ଗେମ୍ସରେ ଭାରତୀୟ ମହିଳା ଦଳ ଫାଇନାଲକୁ ଯାଇଥିଲା। କିନ୍ତୁ ଦକ୍ଷିଣ କୋରିଆ ୨-୧ରେ ଭାରତକୁ ହରାଇ ଦେଶର ସ୍ୱର୍ଣ୍ଣ ସ୍ୱପ୍ନକୁ ଭାଙ୍ଗି ଦେଇଥିଲା। ୨୦୧୮ ଜାକାର୍ତ୍ତା ଏସିଆନ ଗେମ୍ସରେ ଭାରତୀୟ ମହିଳା ଟିମ ପାଇଁ ପୁଣି ସୁନା ଜିତିବାର ସୁଯୋଗ ସୃଷ୍ଟି ହୋଇଥିଲା। ହେଲେ ଜାପାନ ଏହାକୁ ୧-୦ରେ ଜିତି ସବୁ ସ୍ୱପ୍ନକୁ ଧୂଳିସାତ କରିଥିଲା।

ତୀରନ୍ଦାଜିର ନୂଆ ନାୟିକା କୁମ୍‌କୁମ୍‌ଙ୍କୁ ଐତିହାସିକ ସ୍ୱର୍ଣ୍ଣ

ନାଗୋୟା, ୩/୧୦(ନ୍ୟୁ.ଏ): ଚଳିତଏସୀୟ କ୍ରୀଡ଼ାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୩ ପଦକ ଜିତି ଭାରତୀୟ ତୀରନ୍ଦାଜିରେ ନୂଆ ନାୟିକା ଭାବେ ଉଭା ହୋଇଛନ୍ତି ୧୭ ବର୍ଷୀୟା କୁମ୍‌କୁମ୍ ଅନିଲ ମୋହୋଦ। ଶନିବାର ମହିଳା ରିକର୍ଭ ବ୍ୟକ୍ତିଗତ ବର୍ଗରେ ଏହି ଭାରତୀୟ ତୀରନ୍ଦାଜ ସ୍ୱର୍ଣ୍ଣ ଜିତି ଇତିହାସ ରଚିଛନ୍ତି। ଏଥିସହ ପ୍ରଥମ ଭାରତୀୟ ଭାବେ ସେ ଏସୀୟ କ୍ରୀଡ଼ା ତୀରନ୍ଦାଜି ରିକର୍ଭ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣଜିତିବାର ଗୌରବ ଅର୍ଜନ କରିଛନ୍ତି ଏବଂ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ ଟିକେଟ୍ ମଧ୍ୟ କରାୟତ କରିଛନ୍ତି। ପୂର୍ବରୁ ଭାରତୀୟ ମହିଳା ଦଳ (ଅଙ୍କିତା ଭକତ, କୀର୍ତି ଶର୍ମା) ସହ କୁମ୍‌କୁମ୍ ସ୍ୱର୍ଣ୍ଣ ଜିତିଥିଲା ବେଳେ ମିଶ୍ରିତ ଯୁଗଳରେ ଧୀରଜ ବୋମ୍ମାଦେବାରାଙ୍କ ସହ ଐତିହାସିକ ରୌପ୍ୟ ପାଇଥିଲେ।ଶନିବାର କଡ଼ା ସଂଘର୍ଷ ପୂର୍ଣ୍ଣ ଫାଇନାଲ୍‌ରେ କୁମ୍‌କୁମ୍ ସୁଟ୍‌ଆଉଟ୍ (୬-୫)ରେ ଦକ୍ଷିଣ କୋରିଆର ଓ ୟେଜିନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ର ପ୍ରଥମ ଗେମ୍‌ରେ କୁମ୍‌କୁମ୍ ୦-୨ରେ ପଛରେ ପଡ଼ିଲା ପରେ ଦ୍ୱିତୀୟଟି ୧-୧ରେ ସରିଥିଲା। ତୃତୀୟକୁ କୁମ୍‌କୁମ୍ ୨-୦ରେ ଜିତି ସ୍ଥିତି ସମାନ କରିଥିଲେ। ଚତୁର୍ଥ ଗେମ୍‌କୁ ୟେଜିନ୍ ଓ ପଂଚମକୁ କୁମ୍‌କୁମ୍ ଜିତିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଶେଷରେ ଫଳାଫଳ ଲାଗି ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ କୁମ୍‌କୁମ୍ ନିଜ ତୀର ୧୦ ରିଙ୍ଗ୍‌ରେ ପହଂଚିଥିଲା ବେଳେ ୟେଜିନ୍ ୮ ରିଙ୍ଗ୍‌ରେ ବଜାଇ ପରାଜୟ ବରଣ କରିଥିଲେ। ପୂର୍ବରୁ ସେମିଫାଇନାଲ୍‌ରେ କୁମ୍‌କୁମ୍ ବିଶ୍ୱର ପୂର୍ବତନ ୧ ନମ୍ବର ବିଶ୍ୱ ରୌପ୍ୟ ବିଜେତା ଚୀନ୍‌ର ଜିଙ୍ଗଝି ଝୁଙ୍କୁ ଏବଂ କ୍ୱାର୍ଟରଫାଇନାଲ୍‌ରେ ବିଶ୍ୱ ବିଜେତା ଦକ୍ଷିଣ କୋରିଆ ଖେଳାଳି କାଙ୍ଗ ଚାଏୟଙ୍ଗ୍‌ଙ୍କୁ ସମାନ ୬-୪, ୬-୪ ବ୍ୟବଧାନରେ ହରାଇ ସ୍ୱର୍ଣ୍ଣ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲେ। ଦୁଇ ଚୀନ୍ ଖେଳାଳିଙ୍କ ମଧ୍ୟରେ ହୋଇଥିବା କାଂସ୍ୟ ଲଢ଼େଇରେ ୟୁୟୋଇ ୬-୪ରେ ହୁଙ୍ଗ ଜିଙ୍ଗୟିଙ୍କୁ ହରାଇଥିଲେ। ପୁରୁଷ ବ୍ୟକ୍ତିଗତ ବର୍ଗରେ ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥିବା ତୃତୀୟ ସ୍ଥାନ ମୁକାବିଲାରେ ନୀରଜ ଚୌହାନ ୬-୪ରେ ଧୀରଜଙ୍କୁ ହରାଇ କାଂସ୍ୟ ଜିତିଛନ୍ତି। ୧

ପର୍ବପର୍ବାଣୀ ସମୟର ଭିଡ଼ ମୁକାବିଲା ପାଇଁ ଦକ୍ଷିଣ-ପୂର୍ବ ରେଳବାଇ ଦ୍ୱାରା ଅଧିକ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା

କୋଲକାତା, ୩/୧୦(ନ୍ୟୁ.ଏ): ପର୍ବପର୍ବାଣୀ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଦକ୍ଷିଣ-ପୂର୍ବ ରେଳବାଇ (SER) ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଏବଂ ଅତିରିକ୍ତ କୋଚ୍ (ଡବା) ସହିତ ପ୍ରସ୍ତୁତି ଆରମ୍ଭ କରିଛି। ଗତ ଦୁର୍ଗା ପୂଜା, ଦୀପାବଳି ଏବଂ ଛଠ୍ ପୂଜା ସମୟରେ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଇଥିଲା, ଯାହା ମୋଟ ୩୫୬ ଥର ଯାତ୍ରା (ଟ୍ରିପ୍) କରିଥିଲା। ପରବର୍ତ୍ତୀ ସମୟରେ, ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରୁ ୮ ଯୋଡ଼ା ଟ୍ରେନ୍‌କୁ ସ୍ଥାୟୀ ସେବାରେ ପରିଣତ କରାଯାଇଥିଲା, ଯାହା ଫଳରେ ଯାତ୍ରୀମାନେ ପର୍ବ ସମୟ ପରେ ମଧ୍ୟ ନିରନ୍ତର ଯାତାୟାତ ସୁବିଧା ପାଇପାରିଲେ। ଏହା ବ୍ୟତୀତ, SER ଅଂଚଳ ମଧ୍ୟରେ ୧୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ କିମ୍ବା ଶେଷ ହୋଇଥିବାବେଳେ, ଏହି ସମୟ ମଧ୍ୟରେ ଆଉ ୨୮ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ SER ଅଂଚଳ ଦେଇ ଯାତାୟାତ କରିଥିଲା। ଅତିରିକ୍ତ ଚାହିଦା ପୂରଣ କରିବା ପାଇଁ ବିଭିନ୍ନ ଟ୍ରେନ୍‌ରେ ସ୍ଥାୟୀ ଭାବେ ୭୪ଟି କୋଚ୍ ମଧ୍ୟ ଯୋଡ଼ା ଯାଇଥିଲା। ଚଳିତ ବର୍ଷ, ଦକ୍ଷିଣ-ପୂର୍ବ ରେଳବାଇ ଦୁର୍ଗା ପୂଜା, ଦୀପାବଳି ଏବଂ ଛଠ୍ ପୂଜା ପାଇଁ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରିଛି, ଯାହା ପର୍ବ ସମୟରେ ମୋଟ ୩୪୪ ଥର ଯାତ୍ରା କରିବ। ଏହା ସହିତ, ଆଉ ଏକ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ଇଉଜ ଅଂଚଳ ଦେଇ ଯାତାୟାତ କରିବ। ଏହା ବ୍ୟତୀତ, ସେପ୍ଟେମ୍ବର ୨୦୨୬ ସୁଦ୍ଧା ବିଭିନ୍ନ ଟ୍ରେନ୍‌ରେ ସ୍ଥାୟୀ ଭାବେ ୩୦ଟି କୋଚ୍ ଯୋଡ଼ା ଯାଇଛି, ଯାହା ଫଳରେ ଯାତ୍ରୀ ପରିବହନ କ୍ଷମତା ବୃଦ୍ଧି ପାଇବା ସହ ନିୟମିତ ସେବାରେ ଯାତ୍ରୀଙ୍କ ପାଇଁ ଆସନ ବ୍ୟବସ୍ଥା ସୁଦୃଢ଼ ହୋଇଛି।

ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା 'ସ୍ୱଚ୍ଛ ଭାରତ ଦିବସ' ପାଳନ

କୋଲକାତା, ୩/୧୦(ନ୍ୟୁ.ଏ): ଦକ୍ଷିଣ ପୂର୍ବ ରେଳବାଇ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଏବଂ ୧ ଅକ୍ଟୋବରରୁ ୧୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ 'ସ୍ୱଚ୍ଛତା ପକ୍ଷୱାଡ଼ା' ପାଳନ କରୁଛି। ଏହି ଅଭିଯାନର ଏକ ଅଂଶ ଭାବରେ, ଦକ୍ଷିଣ ପୂର୍ବ ରେଳବାଇ ୨ ଅକ୍ଟୋବର ୨୦୨୬ ରେ ଗାର୍ଡେନ୍ ରିଚ୍ ସ୍ଥିତ ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ 'ସ୍ୱଚ୍ଛ ଭାରତ ଦିବସ' ପାଳନ କରିଥିଲା। 'ଏକ ପେଡ୍ ମାଁ କେ ନାମ୍' (ମା'ଙ୍କ ନାମରେ ଗୋଟିଏ ବୃକ୍ଷ) କାର୍ଯ୍ୟକ୍ରମ ଅଧୀନରେ, ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଶ୍ରୀ ଅନିଲ କୁମାର ଜୈନ, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ମନୀଷ ଜୈନ ଏବଂ ବିଭାଗୀୟ ମୁଖ୍ୟମାନଙ୍କ ସହ ମିଶି ନର୍ଥ କଲୋନୀସ୍ଥିତ ହସ୍ପିଟାଲ୍ ବଗିଚାରେ ବୃକ୍ଷରୋପଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଏକ ସବୁଜ ଓ ସୁସ୍ଥ ପରିବେଶ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। ଏକ 'ୱାକାଥନ୍' (ପଦଯାତ୍ରା) ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ମହାପ୍ରବନ୍ଧକ, ଅତିରିକ୍ତ ମହାପ୍ରବନ୍ଧକ, ବିଭାଗୀୟ ମୁଖ୍ୟ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରି ସ୍ୱଚ୍ଛତା ଓ ସୁସ୍ଥ ଜୀବନଶୈଳୀର ବାର୍ତ୍ତା ପ୍ରଚାର କରିଥିଲେ। ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଅଧିକାରୀ ଓ କର୍ମଚାରୀମାନଙ୍କୁ 'ସ୍ୱଚ୍ଛତା ଶପଥ' ପାଠ କରାଇଥିଲେ ଏବଂ ରେଳବାଇ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ତଥା ଏକ ପରିଷ୍କାର ଓ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ପାଇଁ ସେମାନଙ୍କ ପ୍ରତିଶ୍ରୁତିକୁ ଦୋହରାଇଥିଲେ। ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ମହାତ୍ମା ଗାନ୍ଧୀଙ୍କ ଚିତ୍ରପଟରେ ମାଲ୍ୟାର୍ପଣ କରି 'ଜାତିର ପିତା'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱଚ୍ଛତା ଏବଂ ପରିମଳ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ 'ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ'ର ସଦସ୍ୟମାନଙ୍କ ଦ୍ୱାରା ଏକ 'ନୁକ୍କଡ଼ ନାଟକ' (ରାସ୍ତା କଡ଼ ନାଟକ) ପ୍ରଦର୍ଶନ କରାଯାଇଥିଲା। ଏକ ଆକର୍ଷଣୀୟ ପ୍ରଦର୍ଶନ ମାଧ୍ୟମ।

କ୍ଟୋବର ୧୦ରୁ ସିଜେପିର ଯନ୍ତରମନ୍ତର ୨.୦

ନୂଆଦିଲ୍ଲୀ, ୩/୧୦ (ନ୍ୟୁ.ଏ): ଦଲ୍ଲୀର ଯନ୍ତରମନ୍ତରକୁ ଫେରିବ କକ୍ରୋଚ ଜନତା ପାର୍ଟି ବା ସିଜେପି। ଯଦି ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଇସ୍ତଫା ନ ଦେବେ, ତା'ହେଲେ ସିଜେପି ପକ୍ଷରୁ କରାଯିବ ବଡ଼ ଆନ୍ଦୋଳନ। ଆସନ୍ତା ଅକ୍ଟୋବର ୧୦ ତାରିଖରେ ସିଜେପି ଯନ୍ତରମନ୍ତରରେ ଜ୍ଞାନେଶ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଘୋଷଣା କରିଛି। ଦିନକ ତଳେ ସିଜେପି ନେତୃତ୍ୱରେ ହଜାର ହଜାର ଜେନ ଜି ମୁମ୍ବଇର ଶିବାଜୀ ପାର୍କରେ ଏକାଠି ହୋଇ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ। ପୁଲିସ୍‌ର ବିନା ଅନୁମତିରେ ସିଜେପିର ବିକ୍ଷୋଭ ସମାବେଶରେ ବଡ଼ ବଡ଼ ସେଲିବ୍ରେଟିଙ୍କ ଠାରୁ ଆରମ୍ଭ କରି ଛାତ୍ର ସଂଗଠନ ସାମିଲ ହୋଇଥିଲେ।

ଲାଲୁ ଓ ଅନ୍ୟ ୮ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍ ସ୍ଥଗିତ

ନୂଆଦିଲ୍ଲୀ, ୩/୧୦(ନ୍ୟୁ.ଏ): ଆଇଆରସିଟିସି ହୋଟେଲ ଠକେଇ ଓ ମନି ଲଣ୍ଡରିଂ ମାମଲାରେ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ପାଇଁ ଶନିବାର ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ, ପତ୍ନୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀ, ପୁଅ ତେଜସ୍ୱୀ ଯାଦବ ଓ ଅନ୍ୟ ୬ ଅଭିଯୁକ୍ତ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ତେବେ କୋର୍ଟ ଆଜି ଲାଲୁଙ୍କ ସମେତ ଅନ୍ୟ ୮ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ୍‌କୁ ସ୍ଥଗିତ ରଖିଛନ୍ତି। ପରବର୍ତ୍ତୀ ଶୁଣାଣି ୩୦ ଅକ୍ଟୋବରରେ ହେବ। ଲାଲୁ ପ୍ରସାଦ ଯାଦବଙ୍କ ଓକିଲ ବରୁଣ ଜୈନ କହିଛନ୍ତି, ଅଦାଲତ ଚାର୍ଜଫ୍ରେମ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଆନୁଷ୍ଠାନିକ ଅଭିଯୋଗ ଦାଖଲ ହେବାର ଥିଲା। ଆଦେଶରେ କୁହାଯାଇଛି ଯେ, ପୂର୍ବ ଅଦାଲତ ଚାର୍ଜଫ୍ରେମ୍ କରି ଏହି କୋର୍ଟକୁ ପଠାଇବେ। ଏହା ଏକ ଆଇନଗତ ପ୍ରକ୍ରିୟା, ତେଣୁ କୋର୍ଟ ଆନୁଷ୍ଠାନିକ ଅଭିଯୋଗ ଫ୍ରେମ୍ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ଇଡି ଅକ୍ଟୋବର ୩୦ ତାରିଖରେ କୋର୍ଟରେ ଏହି ପ୍ରସଙ୍ଗରେ ନିଜର ସ୍ଥିତି ସ୍ପଷ୍ଟ କରିବ। ଲାଲୁଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ବ୍ୟକ୍ତିଗତ ହାଜିର ହେବାରୁ ଛାଡ଼ ମିଳିଛି। ପୂର୍ବରୁ ସେପ୍ଟେମ୍ବର ୧୦, ୨୦୨୬ରେ, ରାଉଜ୍ ଆଭେନ୍ୟୁ କୋର୍ଟ ଲାଲୁ, ତେଜସ୍ୱୀ ଓ ରାବ୍ରୀ ଦେବୀଙ୍କ ସମେତ ନଅ ଜଣଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଅନ୍ୟ ସାତ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏହି ମାମଲାରେ ଇଡି ୧୬ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das